# ଯୋଗ ଓ ଜୀବନ

## ପ୍ରକାଶକଙ୍କ ମନ୍ତବ୍ୟ

'ଯୋଗରେହିଁ ଜୀବନର ସାର୍ଥକତା' ଏବଂ 'ସତ୍‌ସଙ୍ଗ : ଜୀବନ ଉନ୍ନତିର ସର୍ବଶ୍ରେଷ୍ଠ ଉପାୟ' ଦୁଇଟି ମର୍ମସ୍ପର୍ଶୀ ପ୍ରାଣବନ୍ତ ଅନବଦ୍ୟ ରଚନା, ଜନସାଧାରଣଙ୍କ ନିକଟରେ ଶ୍ରୀଅରବିନ୍ଦଙ୍କ ଯୋଗ ଉପସ୍ଥାପିତ କରିବା ନିମିତ୍ତ ରାମାୟଣ, ମହାଭାରତ ପ୍ରଭୃତି ପ୍ରାଚୀନ ଶାସ୍ତ୍ରରୁ ଯେଉଁସବୁ ଐତିହାସିକ ଉଦାହରଣମାନ ସୂକ୍ଷ୍ମ ଓ ସହଜ ଭାବରେ ପରିବେଷଣ କରାଯାଇଛି ତାହା ଖୁବ୍ ସୁନ୍ଦର ଓ ସାବଲୀଳ । ଏହାଦ୍ୱାରା ଯୋଗର ଅର୍ଥ କ'ଣ ଏବଂ କିପରି ଯୋଗ ବ୍ୟତୀତ ଜୀବନ ଅପୂର୍ଣ୍ଣ ତାହା ସ୍ପଷ୍ଟ କରାଯାଇଛି । ବିଶେଷତଃ ଦ୍ୱିତୀୟ ପ୍ରବନ୍ଧରେ ସାଧନା – ପଥରେ ସତ୍‌ସଙ୍ଗର ଅପୂର୍ବ ଦାନ କଥା ସ୍ମରଣ କରାଇ ଦିଆଯାଇଛି । ପୁନଶ୍ଚ ଶ୍ରୀଅରବିନ୍ଦ ପାଠଚକ୍ର ଓ ମହିଳା ସମିତି ଗୁଡ଼ିକ କିପରି ଯଥାର୍ଥରେ ସତ୍‌ସଙ୍ଗ ଗୋଷ୍ଠୀ ତାହା ମଧ୍ୟ ସୂଚୀତ ହୋଇଛି । ଆମ୍ଭମାନଙ୍କର ଆଶା, ପ୍ରତ୍ୟେକ ଆଧ୍ୟାତ୍ମିବାଦୀ ଯୁବକ, ଛାତ୍ର ଓ ସାଧାରଣ ଜ୍ଞାନପିପାସୁ ବ୍ୟକ୍ତି ଏହି ପୁସ୍ତିକା ଦ୍ୱାରା ବିଶେଷ ଭାବେ ଉପକୃତ ହେବେ ।

## ପ୍ରଥମ ଭାଗ

# ଯୋଗରେହିଁ ଜୀବନର ସାର୍ଥକତା

ଶାସ୍ତ୍ର ପୁରାଣ, ଋଷିମୁନି, ସାଧୁସନ୍ଥ କହନ୍ତି ଭଗବାନଙ୍କୁ ଉପାସନା କର, ଅଧ୍ୟାତ୍ମ-ସାଧନା କର, ଯୋଗ କର । ସଭା ସମିତିରେ ବିଦ୍ୱାନ୍, ପଣ୍ଡିତ, ସାଧକ, ମହାତ୍ମାମାନେ ମଧ୍ୟ ଏହି କଥା କହନ୍ତି । ଆମ୍ଭେମାନେ କାହିଁକି ଭଗବାନଙ୍କ ଉପାସନା, ଅଧ୍ୟାତ୍ମ ସାଧନା ବା ଯୋଗ କରିବୁ ? ଏହାଦ୍ୱାରା ଆମ୍ଭ ଜୀବନର କ'ଣ ସହାୟତା ମିଳିବ ? ଆମ୍ଭେମାନେ ଗୃହସ୍ଥ ବ୍ୟକ୍ତି । ପଢ଼ିଲେଖି ବଡ଼ ବଡ଼ ଚାକିରି କରି ଦେଶ କାମ କରିବୁ । ଆମ୍ଭମାନଙ୍କୁ ପରିବାର ପାଳନ ପୋଷଣ କରିବାକୁ ହେବ; ସନ୍ତାନମାନଙ୍କୁ ପାଠ ପଢ଼ାଇ ସମାଜରେ ଉପଯୁକ୍ତ ମନୁଷ୍ୟ କରିବାକୁ ହେବ । ବର୍ତ୍ତମାନ ଲୋକଙ୍କୁ ଉଦରପୂର୍ଣ୍ଣ ଅନ୍ନ ମିଳୁ ନାହିଁ । ରହିବାକୁ କୁଡ଼ିଆ ଖଣ୍ଡେ ନାହିଁ । ରୋଗୀକୁ ଔଷଧ ମିଳୁ ନାହିଁ । ଏପରି ସ୍ଥଳେ ଆମ୍ଭମାନଙ୍କୁ ଦେଶର ଉନ୍ନତିମୂଳକ କାର୍ଯ୍ୟ କରିବାକୁ ହେବ । ଆଖି ବନ୍ଦକରି ହାତରେ ମାଳା ନେଇ ଭଗବାନଙ୍କ ନାମ ଜପ କଲେ ଦେଶରୁ ଦାରିଦ୍ର୍ୟ ଦୂର ହେବ ନାହିଁ, ଏହାହିଁ ଅଧିକାଂଶ ବ୍ୟକ୍ତି କହୁଅଛନ୍ତି ।

ମନୁଷ୍ୟର ଯଦି କେବଳ ଉଦରପୂର୍ଣ୍ଣ ଅନ୍ନ, ରହିବାର ସ୍ଥାନ ପ୍ରାପ୍ତି ଲକ୍ଷ୍ୟ ହୁଏ, ସେ ଯଦି ସେଥିରେହିଁ ସନ୍ତୁଷ୍ଟ ହୋଇ ସୁଖ ଶାନ୍ତିରେ ରହିପାରେ ତେବେ ଭଗବାନ୍, ଅଧ୍ୟାତ୍ମ-ସାଧନାର କୌଣସି ଆବଶ୍ୟକତା ନାହିଁ । ଯେଉଁମାନଙ୍କୁ ଉତ୍ତମ ଭୋଜନ, ଉତ୍ତମ ବାସସ୍ଥାନ, ବାଗବଗିଚା, ବହୁମୂଲ୍ୟ ଗୃହ-ଆସବାବ ପ୍ରାପ୍ତ, ସେମାନେ କ'ଣ ପ୍ରକୃତରେ ସୁଖ, ଶାନ୍ତି, ଆନନ୍ଦ, ସନ୍ତୋଷରେ ଅଛନ୍ତି ? ସେମାନଙ୍କର କ'ଣ ଅଭାବ ବୋଧ ନାହିଁ ? ସେମାନେ ଈର୍ଷ୍ୟା, ବିରୋଧ, ହତାଶା, ଦ୍ୱନ୍ଦ୍ୱ, ଦୁଃଖ ଅଗ୍ନିରେ କ'ଣ ଜଳୁ ନାହାନ୍ତି ?

ଯେଉଁମାନଙ୍କୁ ଯେତିକି ଧନ, ଯେତିକି ଐଶ୍ୱର୍ଯ୍ୟ, ଯେତିକି ଅଧିକାର ପ୍ରାପ୍ତ ହୋଇଅଛି ସେଥିରେ କ'ଣ ସେମାନେ ସନ୍ତୋଷରେ ଅଛନ୍ତି ? ସେହି ପ୍ରାପ୍ତବସ୍ତୁ ସୁରକ୍ଷିତ କରିବା ସକାଶେ, ତାହା ବୃଦ୍ଧି କରିବା ସକାଶେ କ'ଣ ସେମାନେ ଦିନରାତି ଚିନ୍ତାଗ୍ରସ୍ତ ହେଉ ନାହାନ୍ତି ? ସେମାନେ କ'ଣ ସୁଖ ନିଦ୍ରାରେ ଶୋଉଛନ୍ତି ? ସଂସାରରେ ସାଧାରଣ ବ୍ୟକ୍ତିଠାରୁ ଉଚ୍ଚକୋଟୀର ବ୍ୟକ୍ତି ପର୍ଯ୍ୟନ୍ତ ସମସ୍ତ ବ୍ୟକ୍ତି ଅଭାବ ବୋଧରେ ପୀଡ଼ିତ । ଧନ ଐଶ୍ୱର୍ଯ୍ୟ ଥିବା ସତ୍ତ୍ୱେ ମନୁଷ୍ୟ ଯଥାର୍ଥରେ ଦରିଦ୍ର ଯଦି ତା'ର ଅଭାବବୋଧ ଥାଏ । ମନୁଷ୍ୟର କିଛିମାତ୍ର ଧନ ଐଶ୍ୱର୍ଯ୍ୟ ନ ଥିବା ସତ୍ତ୍ୱେ ସେ ଯଥାର୍ଥରେ ମହାନ୍ ଐଶ୍ୱର୍ଯ୍ୟଶାଳୀ ବ୍ୟକ୍ତି ହୋଇପାରେ ଯଦି ତା'ର କୌଣସି ଅଭାବ ନ ଥାଏ ।

ଭଗବାନଙ୍କ ଛଡ଼ା ମନୁଷ୍ୟର ଜୀବନ ଦୁଃଖ, ଦ୍ୱନ୍ଦ୍ୱ, ହିଂସା, ଦ୍ୱେଷରେ ପୂର୍ଣ୍ଣ ହୋଇଥାଏ । ସେ ଯେଉଁ କାର୍ଯ୍ୟରେ ଯେଉଁ ବସ୍ତୁରେ ସୁଖ ଶାନ୍ତି ଚାହେଁ, ସେଥିରେ ତାକୁ ବିପରୀତ ଫଳ ମିଳେ ।

ଭଗବାନ୍ ଶାନ୍ତି, ସନ୍ତୋଷ, ଆନନ୍ଦ, ସମତାଦି ଦିବ୍ୟଗୁଣର ମୂର୍ତ୍ତିମାନ୍ ବିଗ୍ରହ । ଭଗବାନଙ୍କ ସହିତ ସମ୍ବନ୍ଧ ସ୍ଥାପନ କଲେ ବ୍ୟକ୍ତି ମଧ୍ୟରେ ଭଗବାନଙ୍କ ଦିବ୍ୟଗୁଣ ଶାନ୍ତି, ସନ୍ତୋଷ, ଆନନ୍ଦ, ଜ୍ଞାନ, ଭକ୍ତି ପ୍ରତିଷ୍ଠିତ ହୁଏ, ତେବେ ତା' ଜୀବନ ଆନନ୍ଦମୟ ହୁଏ । ସେ ହୁଏ ସମାଜରେ ଆଦର୍ଶ ବ୍ୟକ୍ତି । ପରିବାରରେ ସେ ହୁଏ ଆଦରଣୀୟ । ଦେଶ ବିଦେଶରେ ହୁଏ ତା'ର ଖ୍ୟାତି । ଏହିପରି ବ୍ୟକ୍ତିର ଜୀବନ ହୁଏ ସଫଳ । ଏହିମାନେ ପରିବାରରେ ଶାନ୍ତି, ସୁଖ, ଆନନ୍ଦ ସ୍ଥାପନ କରି ପାରନ୍ତି । ଏମାନଙ୍କ ଦ୍ୱାରା ସମାଜ, ଦେଶର ଉନ୍ନତି ହୁଏ ।

ଶାନ୍ତି, ସନ୍ତୋଷ, ଆନନ୍ଦ, ଜ୍ଞାନ, ବିବେକାଦି ଦିବ୍ୟଗୁଣ ଜାଗତିକ ଅନ୍ୟ ସମସ୍ତ ଗୁଣର ପୋଷକ ତଥା ନିୟାମକ । ମନୁଷ୍ୟ ଶାନ୍ତି, ଆନନ୍ଦ, ଏକାଗ୍ରତାରେ ଥିବା ଅବସ୍ଥାରେ ଭଲ ଚିନ୍ତା କରିପାରେ, ସମସ୍ୟାର ସମାଧାନ ଅଳ୍ପ ସମୟରେ କରିପାରେ । ଶାନ୍ତ ଅବସ୍ଥାରେହିଁ ବ୍ୟକ୍ତି ସୂକ୍ଷ୍ମବସ୍ତୁ ବିଚାର କରିପାରେ; ଗୂଢ଼ ଜଟିଳ ବିଷୟ ବୁଝି ଉତ୍ତମ ବ୍ୟବସ୍ଥା କରିପାରେ; ଭଲ ପଢ଼ିପାରେ, ମେଧାବୀ ହୋଇପାରେ । ଏପରି ବ୍ୟକ୍ତିର ଅହଂ କ୍ରିୟାଶୀଳ ହୁଏ ନାହିଁ । ତାହାର

ସମସ୍ତ କାର୍ଯ୍ୟ ନ୍ୟାୟ ପୂର୍ବକ ଅନ୍ୟର ହିତ ସକାଶେ ହୁଏ । ଏହିପରି ବ୍ୟକ୍ତିଙ୍କ ଦ୍ଵାରା ଯଥାର୍ଥରେ ଦେଶର ଉନ୍ନତି ହୁଏ ଏବଂ ଦେଶର ଦାରିଦ୍ର୍ୟ ଦୂରହୁଏ ।

ଶାନ୍ତି, ସନ୍ତୋଷ, ଆନନ୍ଦ, ଜ୍ଞାନ, ବିବେକ ଏହି ଦିବ୍ୟଗୁଣ ନୈତିକ, ସାମାଜିକ, ବୁଦ୍ଧିଗତ ବିଚାର ଦ୍ଵାରା ଉପଲବ୍‌ଧି ହୁଏ ନାହିଁ, ହୁଏ ଭଗବାନଙ୍କ ପ୍ରାପ୍ତିରେ । କାରଣ ଏହି ସବୁ ଗୁଣର ପୁଞ୍ଜୀଭୂତ ବିଗ୍ରହ ହେଉଛନ୍ତି ଭଗବାନ୍ । ଯେଉଁ ସାଧୁ ସନ୍ଥ, ଋଷି ମୁନି, ମହାତ୍ମା, ମହାପୁରୁଷମାନେ ଭଗବାନଙ୍କୁ ଉପାସନା କରିଛନ୍ତି ସେହିମାନେ ଏହି ଦିବ୍ୟଗୁଣ ପ୍ରାପ୍ତ କରିଛନ୍ତି । ସେମାନେ ହେଉଛନ୍ତି ଅଚ୍ୟୁତାନନ୍ଦ ଦାସ, ମାଧବ ଦାସ, ଭାଗବତକାର ଜଗନ୍ନାଥ ଦାସ, ସମର୍ଥ ରାମଦାସ, ଜ୍ଞାନ ଦେବ, ନାମ ଦେବ, ଗୋସ୍ଵାମୀ ତୁଳସୀ ଦାସ, ସୁର ଦାସ ଓଗେର ମହାପୁରୁଷ । ଏମାନଙ୍କ ପାଖରେ ସାଂସାରିକ କୌଣସି ଐଶ୍ଵର୍ଯ୍ୟ ନ ଥିଲା । ଥିଲା ଶାନ୍ତି ସନ୍ତୋଷର ଐଶ୍ଵର୍ଯ୍ୟ । ସେହି ସକାଶେ ସେମାନଙ୍କ ଚରଣରେ ରାଜା ମହାରାଜାମାନେ ମସ୍ତକ ନତ କରୁଥିଲେ । କିନ୍ତୁ ଏମାନେ ସଂସାର କର୍ମ ତ୍ୟାଗ କରି ବ୍ୟକ୍ତିଗତ ଭାବେ ଏହି ଦିବ୍ୟଗୁଣ ପ୍ରାପ୍ତ କରିଥିବାରୁ ଏମାନଙ୍କ ଜୀବନ ଆନନ୍ଦମୟ ହେଲା କିନ୍ତୁ ଏମାନଙ୍କ ଦ୍ଵାରା ସଂସାରରେ ସ୍ଥାୟୀ ସୁଖ ଶାନ୍ତି ପ୍ରତିଷ୍ଠା ହୋଇ ପାରିଲା ନାହିଁ । ଠିକ୍ ଏହାର ବିପରୀତ ହେଲା ସଂସାର ବ୍ୟକ୍ତିମାନଙ୍କର । ସେମାନେ ଅଧ୍ୟାତ୍ମ ସତ୍ୟର ଆଶ୍ରୟ ନ ନେଇ, ଅନ୍ତରରେ ଶାନ୍ତି ସନ୍ତୋଷ ଆନନ୍ଦାଦି ଦିବ୍ୟଗୁଣ ପ୍ରାପ୍ତ କରିବା ପ୍ରୟାସ ଛାଡ଼ି କେବଳ ଭୌତିକ କର୍ମ ଦ୍ଵାରା ସଂସାରରେ ସାମଞ୍ଜସ୍ୟ ସ୍ଥାପନ ଓ ସଂସାରର ଉନ୍ନତି ସାଧନର ପ୍ରୟାସ କଲେ, ପରିଣାମରେ ସୃଷ୍ଟି ଆରମ୍ଭରୁ ଆଜି ପର୍ଯ୍ୟନ୍ତ ସଫଳତା ପାଇପାରିଲେ ନାହିଁ ।

କ୍ରୁର ମିଥ୍ୟାଚାର, ଅନ୍ୟାୟ, କଳାବଜାର, ଲାଞ୍ଚ, ମିଛ, ହିଂସା ତଥା ଯୁଦ୍ଧର ତାଣ୍ଡବ ନୃତ୍ୟ ବଢ଼ି ଚାଲିଲା । ଦେଶର ଉନ୍ନତି ସକାଶେ ଭୌତିକ କର୍ମର ଯଦ୍ୟପି ଆବଶ୍ୟକ ତଥାପି ଏହାର ଭିତ୍ତି ହେବା ଉଚିତ ଶାନ୍ତି, ସନ୍ତୋଷ, ଆନନ୍ଦ, ଜ୍ଞାନ, ବିବେକ । ସମୟ ଆସି ନ ଥିବାରୁ ଅଧ୍ୟାତ୍ମ-ଦିବ୍ୟଗୁଣ ତଥା ସଂସାର କର୍ମର ସଂଯୋଗ ହୋଇପାରି ନ ଥିଲା । ବର୍ତ୍ତମାନ ତା'ର ସମୟ ଆସିଛି; ମା' ଶ୍ରୀଅରବିନ୍ଦ ଅତିମାନସ ଶକ୍ତିକୁ ଏହି ପୃଥିବୀରେ ଉତାରି ଆଣି ଅଛନ୍ତି । ବ୍ୟକ୍ତି ଅତିମାନସ ଶକ୍ତିର ଆଶ୍ରୟ ଗ୍ରହଣ କରି ଅଧ୍ୟାତ୍ମ ରୀତିରେ କର୍ମକଲେ ସଂସାର ହେବ ସ୍ଵର୍ଗତୁଲ୍ୟ ଐଶ୍ଵର୍ଯ୍ୟଶାଳୀ । ବ୍ୟକ୍ତି ନିବାସ କରିବେ ପରମ ଆନନ୍ଦରେ । ଏହା ହେବ ଶ୍ରୀଅରବିନ୍ଦଙ୍କ ଯୋଗ ଦ୍ଵାରା ମଣିଷର ମନ-ପ୍ରାଣ ଶରୀରର ରୂପାନ୍ତର, ପୃଥିବୀରେ ଅତିମାନସ ଜାତିର ପ୍ରତିଷ୍ଠା ହେବାରେ । ଏହାହିଁ ପ୍ରତ୍ୟେକ ବ୍ୟକ୍ତିର ଲକ୍ଷ୍ୟ । ଏହି କାର୍ଯ୍ୟ ମା କରୁଅଛନ୍ତି । ଯୋଗ କେବଳ ସନ୍ନ୍ୟାସୀମାନଙ୍କ ସକାଶେ ନୁହେଁ, ପ୍ରତ୍ୟେକ ବ୍ୟକ୍ତି ସକାଶେ । ଏହା ସଂସାରର ଉନ୍ନତି ନିମିତ୍ତ ଅପରିହାର୍ଯ୍ୟ । ଯୋଗଛଡ଼ା ପରିବାରରେ କଳହ-ନିବୃତ୍ତି, ସନ୍ତାନ ସଚ୍ଚରିତ୍ର, ଦେଶର ଉନ୍ନତି, ଦେଶର ସୁଖଶାନ୍ତି ସ୍ଥାପନ, ଦେଶ ଦେଶ ମଧ୍ୟରୁ ଯୁଦ୍ଧ ନିବୃତ୍ତି କଦାପି ହୋଇପାରେ ନାହିଁ ।

## ମହାଭାରତ ଚରିତ୍ର

ଦିଲ୍ଲୀଶ୍ଵର ମହାରାଜ ଦୁର୍ଯ୍ୟୋଧନଙ୍କର ଭୋଜନ-ବସ୍ତ୍ର-ବାସ ସ୍ଥାନର ଅଭାବ ନ ଥିଲା । ସେ ଥିଲେ ମହାରାଜାଧିରାଜ । ସମସ୍ତ ଐଶ୍ଵର୍ଯ୍ୟ ତାଙ୍କ ଚରଣରେ ଲୋଟୁଥିଲା । ରାଜାମାନେ ତାଙ୍କ ଆଜ୍ଞାକୁ ଅପେକ୍ଷା କରି ରହୁଥିଲେ । ଦୁର୍ଯ୍ୟୋଧନଙ୍କର ଥିଲେ ଶହେ ଭାଇ । ତାଙ୍କ ପିତାଙ୍କ ଛୋଟ ଭାଇ ପଣ୍ଡୁଙ୍କ ପୁତ୍ର ଥିଲେ ଯୁଧିଷ୍ଠିର, ଭୀମ, ଅର୍ଜୁନ, ନକୁଳ, ସହଦେବ । ଏମାନେ ଥିଲେ ଧାର୍ମିକ, ନ୍ୟାୟ ପରାୟଣ, ବୀର, ଯୋଦ୍ଧା, ଭଗବତ୍ ଭକ୍ତ । ଏମାନଙ୍କର ସଦ୍‌ଗୁଣକୁ ଦୁର୍ଯ୍ୟୋଧନ ବରଦାସ୍ତ କରି ନ ପାରି ଛଳ କପଟ କଳ କୌଶଳରେ ଏମାନଙ୍କୁ ନାଶ କରିବାକୁ ଚାହିଁଲେ । କପଟରେ ଜଉ ଗୃହରେ ପାଣ୍ଡବମାନଙ୍କୁ ରଖି ସେଥିରେ ଅଗ୍ନି ଲଗାଇ ଦେଲେ । ଏଥିରୁ ତାଙ୍କ ଧର୍ମଯୋଗୁଁ ସେମାନଙ୍କୁ ଭଗବାନ୍ ରକ୍ଷା କଲେ । ଶେଷରେ କପଟ ପଶା ଖେଳି ତାଙ୍କର ସମସ୍ତ ସମ୍ପତ୍ତି ଅପହରଣ କରି ସେମାନଙ୍କୁ ବନବାସ ଦେଲେ । ସେଥିରେ ତାଙ୍କ ସନ୍ତୋଷ ହେଲା ନାହିଁ, ଶେଷରେ ଯୁଦ୍ଧରେ ସେମାନଙ୍କୁ ମାରିବା ଉଦ୍ଦେଶ୍ୟରେ ରହିବାକୁ ପାଞ୍ଚ ଖଣ୍ଡ ଗ୍ରାମ

ନ ଦେଇ ଯୁଦ୍ଧ କଲେ । ପରିଣାମରେ ଦୁର୍ଯ୍ୟୋଧନଙ୍କର ସମସ୍ତ ପରିବାର ନାଶ ହେଲା । ଜଳ ଦେବା ସକାଶେ ତାଙ୍କ କୁଳରେ ଜଣେ ବ୍ୟକ୍ତି ରହିଲେ ନାହିଁ ।

ଯେଉଁମାନେ ଭାବୁଛନ୍ତି ଅନ୍ନ ବସ୍ତ୍ର ପର୍ଯ୍ୟାପ୍ତ ହେଲେ ମନୁଷ୍ୟ ସୁଖ ଶାନ୍ତିରେ ରହିବ, ସେମାନେ ବିଚାର କରି ପାରନ୍ତି ଦୁର୍ଯ୍ୟୋଧନଙ୍କର କ'ଣ ଅନ୍ନ ବସ୍ତ୍ରର ଅଭାବ ଥିଲା ? ନ ଥିଲା । ଅଭାବ ଥିଲା ତାଙ୍କ ମଧ୍ୟରେ ଶାନ୍ତି, ସନ୍ତୋଷ, ଆନନ୍ଦ, ଜ୍ଞାନ ଓ ବିବେକ । ଏହାରି ଅଭାବରୁ ସେ ନିଜେ ଅହଂ, ସ୍ୱାର୍ଥ, ଈର୍ଷ୍ୟା, ବିରୋଧାଦି ଦୁର୍ଗୁଣର ବଶୀଭୂତ ହୋଇ ବହୁ ଜନ ସହିତ ସବଂଶ ନାଶ ହେଲେ ଏବଂ ତାଙ୍କ ରାଜ୍ୟ ଧ୍ୱଂସ ହେଲା । ସମସ୍ତ ଦିବ୍ୟଗୁଣ ଭଗବାନଙ୍କର । ଏହା ପ୍ରାପ୍ତି ହୁଏ ଭଗବତ୍ ଭକ୍ତିରେ । ମନୁଷ୍ୟ ଭଗବାନଙ୍କ ଭକ୍ତି ଛଡ଼ା କଦାପି ସଂସାରରେ ସ୍ଥାୟୀ ଉନ୍ନତି କରିପାରେ ନାହିଁ, କିଂବା ନିଜେ ସୁଖ ଶାନ୍ତିରେ ରହିପାରେ ନାହିଁ । ଏହିସବୁ ଦିବ୍ୟଗୁଣ ପ୍ରାପ୍ତିରେ ମନୁଷ୍ୟ କିପରି ସ୍ୱାର୍ଥତ୍ୟାଗ କରି ପ୍ରତିକୂଳ ସମୟରେ ଶାନ୍ତ, ସ୍ଥିର ହୋଇ ଧୈର୍ଯ୍ୟ ଧାରଣକରି ଅନ୍ୟର ହିତ କରିପାରେ, ଆମ୍ଭେମାନେ ରାମାୟଣରୁ କୌଶଲ୍ୟା, ତଥା ଭରତଙ୍କ ଚରିତ୍ରରୁ ବୁଝିପାରିବା ।

## ରାମାୟଣ ଚରିତ୍ର

ମାହାରାଣୀ କୌଶଲ୍ୟା ଥିଲେ ମହାରାଜ ଦଶରଥଙ୍କର ପ୍ରଧାନରାଣୀ । ତାଙ୍କର ପୁତ୍ରଥିଲେ ଶ୍ରୀରାମ । ଶ୍ରୀରାମଙ୍କୁ ମହାରାଜ ଯୁବରାଜ ପଦରେ ଅଭିଷିକ୍ତ କରିବା ସ୍ଥିର କରିଥିଲେ । କିନ୍ତୁ ଛୋଟ ରାଣୀ କୈକେୟୀର ଛଳଯୁକ୍ତ ବରଦାନରେ ବିବଶ ହୋଇ ଶ୍ରୀରାମଙ୍କୁ ବନବାସ ଦେଲେ ଏବଂ କୈକେୟୀର ପୁତ୍ର ଭରତକୁ ରାଜଗାଦି ଦେବାକୁ ବାଧ ହେଲେ । ଏହା ହେଲା କେବଳ କୈକେୟୀର ଛଳନାରେ ।

ଏହି ଅବସ୍ଥାରେ କୈକେୟୀ ତଥା ଭରତଙ୍କ ପ୍ରତି କୌଶଲ୍ୟାଙ୍କର ପ୍ରତିହିଂସା ଯୋଗୁଁ ଶତ୍ରୁତାକରି ରାଜ୍ୟ ଛାରଖାର କରିବା ସ୍ୱାଭାବିକ ଥିଲା । କିନ୍ତୁ ତାଙ୍କ ମଧ୍ୟରେ ଭଗବତ୍ ଭକ୍ତି ଥିବା ଯୋଗୁଁ ସଦ୍‌ଗୁଣ ପ୍ରତିଷ୍ଠିତ ହୋଇଥିଲା । ସେହି ସକାଶେ ସେ ବିବେକର ଯଥାର୍ଥ ବ୍ୟବହାର କରି ସମସ୍ତ ପ୍ରତିକୂଳ ଅବସ୍ଥାର ସମାଧାନ ଉତ୍ତମ ରୂପେ କରି ପାରିଥିଲେ ।

ଶ୍ରୀରାମଙ୍କ ରାଜ୍ୟାଭିଷେକ ସକାଶେ ରାଜମହଲ ତଥା ସମସ୍ତ ରାଜ୍ୟରେ ବହୁତ ସମାରୋହରେ ଉତ୍ସବ କରା ହେଉଥିଲା । ମହାରାଣୀ କୌଶଲ୍ୟା ଅତି ଉତ୍ସାହରେ ଶ୍ରୀରାମଙ୍କ ଅଭିଷେକ ସକାଶେ ବ୍ରତ ପାଳନ କରୁଥିଲେ ଏବଂ ପଣ୍ଡିତମାନଙ୍କ ଦ୍ୱାରା ଶାନ୍ତିରକ୍ଷା ତଥା ହୋମ କରାଉଥିଲେ ।

ସେହି ସମୟରେ ଶ୍ରୀରାମ ବନ-ଗମନ ସକାଶେ ଆଜ୍ଞା ନେବାକୁ ମା'ଙ୍କ ପାଖକୁ ଆସିଲେ । ମା'ର ସନ୍ତାନ ପ୍ରତି ସ୍ୱାଭାବିକ ସ୍ନେହ । କିନ୍ତୁ ବୀର, ଯୋଦ୍ଧା, ବିଦ୍ୱାନ୍, ଧାର୍ମିକ, ନୀତିଜ୍ଞ, ବିନୀତ, ସରଳାଦି ସଦ୍‌ଗୁଣ ଯୁକ୍ତ ପୁତ୍ର ପ୍ରତି ମାତାର କିପରି ପ୍ରଗାଢ଼ ସ୍ନେହ ତାହା କୌଶଲ୍ୟାଙ୍କ ଛଡ଼ା ଅନ୍ୟ କେହି କଳ୍ପନା କରିବା ସମ୍ଭବ ନୁହେଁ । ଶ୍ରୀରାମଙ୍କୁ ଦେଖିବା ମାତ୍ରେ କୌଶଲ୍ୟାଙ୍କ ହୃଦୟ ପୁତ୍ର ସ୍ନେହରେ ପୂର୍ଣ୍ଣ ହୋଇଗଲା । ସେ ଶ୍ରୀରାମଙ୍କୁ ହୃଦୟରେ ଲଗାଇ ନେଲେ । ମା'ଙ୍କର ପୁତ୍ର ସ୍ନେହର ଏହି ଉଦ୍ରେକ ଅବସ୍ଥାରେ ଶ୍ରୀରାମ କହିଲେ :

''ପିତା ଦିହ୍ନ ମୋହି କାନନ ରାଜୁ
ଯହଁ ସବ ଭାଁନ୍ତି ମୋର ବଡ଼ କାଜୁ ।
ଆୟସୁ ଦେହି ମୁଦିତ ମନ ମାତା
ଯେହି ମୁଦ ମଙ୍ଗଳ କାନନ ଜାତା ।
ଜନି ସନେହ ବସ ଡରପସି ଭୋରେ
ଆନନ୍ଦ ଅମ୍ବ ଅନୁଗ୍ରହ ତୋରେ ।''

ଶ୍ରୀରାମ ସିଧା ସିଧା ବନବାସ ଯିବା କଥା କହିଲେ ନାହିଁ । କହିଲେ, ''ପିତା ମୋତେ କାନନ ରାଜ୍ୟ ଦେଲେ ଯେଉଁଠାରେ ମୋର ସବୁ ପ୍ରକାର ବହୁତ ବଡ଼କାର୍ଯ୍ୟ ହୋଇ ପାରିବ । ମା', ତୁ ପ୍ରସନ୍ନତା ପୂର୍ବକ ବନକୁ ଯିବା ସକାଶେ ଆଜ୍ଞା ଦେ । ତୋହରି ପ୍ରସନ୍ନତାରେ ମୋ ବନ ଯିବା ମଙ୍ଗଳ ଦାୟକ ହେବ । ହେ ମାତା, ତୁ ସ୍ନେହବଶ ହୋଇ ଭୟ କର ନାହିଁ, ତୋ ଅନୁଗ୍ରହରୁ ମୋର ସମସ୍ତ ଆନନ୍ଦ ହେବ ।''

ଯଦ୍ୟପି ଶ୍ରୀରାମଙ୍କ ବଚନ ଅତ୍ୟନ୍ତ ବିନୀତ ମଧୁର ଥିଲା, ତଥାପି ମାତା କୌଶଲ୍ୟାଙ୍କୁ ତୀର ସଦୃଶ ଲାଗିଲା । ପୁଷ୍ପବନରେ ତୁଷାର ପଡ଼ିଲେ ତାହା ଯେପରି ଝାଉଁଳି ପଡ଼େ, କୌଶଲ୍ୟା ସେହିପରି ହୋଇଗଲେ । ମାତା କୌଶଲ୍ୟାଙ୍କ ଅବସ୍ଥା ବିଚିତ୍ର ହୋଇଗଲା । ଏକ ମୁହୂର୍ତ୍ତ ପୂର୍ବେ ପ୍ରାଣପ୍ରିୟ ପୁତ୍ରର ରାଜ୍ୟାଭିଷେକ ଉତ୍ସାହ, ସେହି ଅପାର ଆନନ୍ଦ ମଧରେ ଶ୍ରୀରାମଙ୍କ ବନବାସର ଦାରୁଣ ହୃଦୟ-ବିଦାରକ ଖବର । ତାଙ୍କ ଶରୀର, ହୃଦୟ ଥରିବାକୁ ଲାଗିଲା । ନେତ୍ରରୁ ଅଶ୍ରୁ ପ୍ରବାହିତ ହେଲା । ସେ ଆଉ ନିଜକୁ ସମ୍ଭାଳି ନ ପାରି ପୃଥିବୀରେ ପଡ଼ିଗଲେ । ଶ୍ରୀରାମ ବହୁ କଷ୍ଟରେ ମା'ଙ୍କୁ ସଚେତନ କରାଇବାରୁ ସେ କହିଲେ, 'ପିତାଙ୍କର ତୁ ପ୍ରାଣର ପ୍ରିୟ ଥିଲୁ, କେଉଁ ଅପରାଧରେ ତୋତେ ସେ ବନ ଦେଲେ ?' ଏହି ପ୍ରଶ୍ନର ଉତ୍ତର ଶ୍ରୀରାମଙ୍କ ଇଙ୍ଗିତରେ ମନ୍ତ୍ରୀଙ୍କ ପୁତ୍ର ଆଦ୍ୟରୁ ପ୍ରାନ୍ତ ପର୍ଯ୍ୟନ୍ତ ସମସ୍ତ କହି ଶୁଣାଇ ଦେଲେ । ଗୋଟିଏ ଦିଗରେ ପତିଙ୍କ ସତ୍ୟରକ୍ଷା ଏବଂ ସପତ୍ନୀ କୈକେୟୀର ଇଚ୍ଛା ସିଦ୍ଧି, ଅନ୍ୟ ଦିଗରେ ପୁତ୍ର ବିୟୋଗ । ଏହି ସଙ୍କଟ ସମୟରେ ମାତା କୌଶଲ୍ୟା ହୃଦୟ ବିଦାରକ ଦାରୁଣ ବେଦନା ସହ୍ୟକରି ନିର୍ଣ୍ଣୟ କଲେ ।

''ଜୌ କେବଲ ପିତୁ ଆୟସୁ ତାତା
ତୌ ଜନି ଜାହୁ ଜାନି ବଡ଼ି ମାତା ।
ଜୌ ପିତୁ ମାତୁ କହେଉ ବନ ଜାନା
ତୌ କାନନ ସତ୍ ଅବଧ ସମାନା ।''

''ଯଦି କେବଳ ପିତା ବନବାସ ଦେଇ ଥାଆନ୍ତି ତେବେ ତୁ ଯାଆ ନାହିଁ । କାରଣ ପିତା ଅପେକ୍ଷା ମାତାର ଅଧିକାର ସନ୍ତାନ ଉପରେ ଅଧିକ । ଯଦି ପିତା ସହିତ କୈକେୟୀ ମାତାର ସମ୍ମତି ଥାଏ ତେବେ ତ ମନେକର ଶହେ ଗୁଣ ଆନନ୍ଦ ଦାୟକ ବନବାସ ।'' କୌଶଲ୍ୟା ଏହି ଜଟିଳ ପରିସ୍ଥିତିରେ ଏପରି ସାନ୍ତ୍ୱନା ପୂର୍ଣ୍ଣ ସମାଧାନ ଦେଇ ପାରିଲେ ତାଙ୍କ ମଧରେ ଶାନ୍ତି, ସନ୍ତୋଷ, ଜ୍ଞାନ ବିବେକାଦି ଦିବ୍ୟଗୁଣ ଥିଲା ବୋଲି । ଅନ୍ୟଥା କୁରୁପାଣ୍ଡବଙ୍କ ଦଶା ହୋଇ ଥାଆନ୍ତା ଅଯୋଧ୍ୟାରେ । ଏହା ଲକ୍ଷ୍ମଣଙ୍କ ଉକ୍ତିରୁ ସ୍ପଷ୍ଟ ହେଉଅଛି ।

ଲକ୍ଷ୍ମଣ କୌଶଲ୍ୟାଙ୍କ ବ୍ୟାକୁଳତା ଦେଖି ସ୍ପଷ୍ଟ ଭାବରେ କହିଥିଲେ, ''ରାଜା ଅନ୍ୟାୟରେ ଶ୍ରୀରାମଙ୍କୁ ବନ ଦେଉ ଅଛନ୍ତି । ଭାଇ ଶ୍ରୀରାମ, ତୁମର ବନ ଯିବାର କୌଣସି ଆବଶ୍ୟକତା ନାହିଁ । ତୁମ ବିରୋଧରେ କିଏ ଛିଡ଼ା ହେବ ? ମୋତେ ଆଜ୍ଞା ଦିଅ, ସମସ୍ତଙ୍କୁ ଧରାଶାୟୀ କରି ତୁମକୁ ରାଜଗାଦିରେ ବସାଇ ଦେବି ।''

ମାୟା ପାର୍ଶ୍ୱେ ସଧନୁଷା ତବ କୁପ୍ତସ୍ୟ ରାଘବ
କଃ ସମର୍ଥୋଽଧିକଂ କର୍ତ୍ତୁଂ କୃତାନ୍ତସ୍ୟେବ ତିଷ୍ଠତଃ ।
— ବାଲ୍ମିକି ରାମାୟଣ, ଅ: ସ: ୨୧, ଶ୍ଳୋକ: ୯

''ହେ ରାଘବ ! ଯେବେ ମୁଁ କାଳ ସଦୃଶ ଧନୁସ ନେଇ ତୁମ ରକ୍ଷାରେ ରହିବି ତେବେ କାହାର ସାହସ ହେବ ତୁମ ସମ୍ମୁଖକୁ ଆସିବାକୁ ।''

ନିର୍ମନୁଷ୍ୟାମିମାଂ ସର୍ବାମୟୋଧ୍ୟାଂ ମନୁଜର୍ଷବ ।
କରିଷ୍ୟାମି ଶରୈସ୍ତୀୟ୍ଣୈର୍ୟଦି ସ୍ଥାସ୍ୟତି ବିପ୍ରିୟେ ।
— ବାଲ୍ମିକି ରାମାୟଣ, ଅ: ସ: ୨୧, ଶ୍ଳୋକ: ୧୦

''ଯଦି ସମସ୍ତ ଅଯୋଧ୍ୟାବାସୀ ଆପଣଙ୍କ ରାଜ୍ୟାଭିଷେକରେ ବାଧା ଦିଅନ୍ତି ତେବେ ମୁଁ ତୀକ୍ଷ୍ଣ ବାଣରେ ଅଯୋଧ୍ୟାକୁ ମନୁଷ୍ୟ ଶୂନ୍ୟ କରିଦେବି ।''

ମା କୌଶଲ୍ୟା ଶ୍ରୀରାମଙ୍କ ମା, ସମସ୍ତ ଦିବ୍ୟଗୁଣ ଭୂଷଣା । ନିଜ ସ୍ୱାର୍ଥ ସକାଶେ ପତିକୁ ଧର୍ମଭ୍ରଷ୍ଟ, ଅନ୍ୟର ଅନିଷ୍ଟ, ଦେଶ ଧ୍ୱଂସ କରିବେ କିପରି ? ଏହି କାର୍ଯ୍ୟ ମୋହଗ୍ରସ୍ତ ବ୍ୟକ୍ତିଙ୍କର । କୌଶଲ୍ୟା ପରି ମା'ର କାର୍ଯ୍ୟ ହେଲା ନିଜେ ଦୁଃଖ କଷ୍ଟ ସହି ଅନ୍ୟର ହିତ କରିବା ।

କୈକେୟୀଙ୍କ ପୁତ୍ର ଭରତ ମାତୁଳ ଗୃହରେ ଥିଲେ । ଶ୍ରୀରାମଙ୍କ ବିରହ-ବେଦନା ସହ୍ୟ କରି ନ ପାରି ଚକ୍ରବର୍ତ୍ତୀ ମହାରାଜା ଦଶରଥ ଶରୀର ତ୍ୟାଗ କଲେ । ଗୁରୁ ବଶିଷ୍ଠ ତଥା ମନ୍ତ୍ରୀମାନଙ୍କ ନିର୍ଦ୍ଦେଶ ଅନୁସାରେ ଦୂତ ଯାଇ ଭରତଙ୍କୁ ରାଜାଙ୍କ ମୃତ୍ୟୁ, ଶ୍ରୀରାମଙ୍କ ବନବାସ ଖବର ନ ଦେଇ କେବଳ ଗୁରୁଙ୍କ ଆଜ୍ଞା କହି ମାତୁଳ ଗୃହରୁ ଘେନି ଆସିଲେ । ଭରତ ଅଯୋଧ୍ୟାରେ ପ୍ରବେଶ କରି ଦେଖିଲେ, ମନ୍ଦିରରେ ପୂଜା-ପାଠ ବନ୍ଦ, ବ୍ରାହ୍ମଣମାନେ ହୋମ, ବେଦପାଠ ଛାଡ଼ିଛନ୍ତି । ଗହଳ-ଚହଳ ରାଜଧାନୀ ଏକେବାରେ ନୀରବ, ନିସ୍ତବ୍ଧ । ପ୍ରତ୍ୟେକ ବ୍ୟକ୍ତିଙ୍କ ଆକୃତି ମ୍ରିୟମାଣ । ଭରତଙ୍କୁ ଦେଖି କେବଳ ନମସ୍କାର କରି ଚାଲି ଯାଆନ୍ତି । ଏ ଅବସ୍ଥା ଦେଖି ଭରତଙ୍କ ହୃଦୟ ପୂର୍ବାପେକ୍ଷା ଅଧିକ ବ୍ୟାକୁଳ ହୋଇଗଲା । କିନ୍ତୁ ସେ କାହାକୁ କିଛି ନ ପଚାରି ସିଧା ରାଜ ଭବନରେ ପହଞ୍ଚି ମା କୈକେୟୀଠାରୁ ପିତାଙ୍କ ମୃତ୍ୟୁ ସମ୍ବାଦ ପାଇ ଗଛ କାଟିଲା ପରି ପଡ଼ିଗଲେ । କୈକେୟୀ ତାଙ୍କୁ ସଚେତ କରାଇବାରୁ ସେ ପିତାଙ୍କ ମୃତ୍ୟୁର କାରଣ ପଚାରିଲେ । ଶ୍ରୀରାମଙ୍କ ବନ ଗମନର କାରଣ ନିଜକୁ ଜାଣି ପିତାଙ୍କ ମୃତ୍ୟୁ ଭୁଲିଗଲେ ଏବଂ 'କିଂ କର୍ତ୍ତବ୍ୟ ବିମୂଢ଼' ସଦୃଶ ନିର୍ବାକ୍ ହୋଇ ରହିଲେ ।

''ଭରତହି ବିସରେଉ ପିତୁ ମରନ, ସୁନତ ରାମ ବନ ଗୌନୁ ।
ହେତୁ ଅପନପଉ ଜାନି ଜିୟଁ, ଥକିତ ରହେ ଧରି ମୌନୁ ।''

(ରାମଚରିତ ମାନସ : ୧୬୦, ଅଯୋଧ୍ୟା କାଣ୍ଡ)

ଭରତଙ୍କର ଏହି ବ୍ୟାକୁଳ ଅବସ୍ଥା ଦେଖି କୈକେୟୀ ତାଙ୍କୁ ବୁଝାଇବାରୁ ନିଜ ମାତାଙ୍କୁ ସେ କହିଲେ :

''ଜୌ ପୈ କୁରୁଚି ରହି ଅତି ତୋହି
ଜନମତ କାହେନ ମାରେ ମୋହୀ ।
ଜବତୈ କୁମତି କୁମତ ଜିଅ ଠୟଓ
ଖଣ୍ଡ ଖଣ୍ଡ ହୋଇ ହୃଦୟ ନ ଗୟଓ ।
ବରମାଁଗତ ମନ ଭୟଓନ ପୀରା
ଗରୀନ ଜିହ ମୁହଁ ପରେଓନ କିରା ।
ଅସକୋ ଜୀବଜନ୍ତୁ ଜଗମାହି
ଜେହି ରଘୁନାଥ ପ୍ରାନପ୍ରିୟ ନାହିଁ ।
ଜୋହସି ସୋହସି ମୁହଁ ମସିଲାଇ
ଆଁଖି ଓଟ ଉଠି ବୈଠହି ଜାଇ ।
ରାମ ବିରୋଧୀ ହୃଦୟତେ
ପ୍ରଗଟ କୀହ୍ନ ବିଧି ମୋହି ।
ମୋ ସମାନ କୋ ପାତକୀ
ବାଦି କହୌ କଛୁ ତୋହି ।''

''ହେ ମା, ଯଦି ତୋର ଏପରି କୁତ୍ସିତ ଇଚ୍ଛା ଥିଲା ତେବେ ମୋତେ ଜନ୍ମ ସମୟରେ କାହିଁକି ହତ୍ୟା କଲୁ ନାହିଁ ? ଯେଉଁ ସମୟରୁ ତୋ ହୃଦୟରେ ଏହି କୁତ୍ସିତ ଧାରଣାକୁ ସ୍ଥାନ ଦେଲୁ ସେତେବେଳେ ତୋ ହୃଦୟ ଖଣ୍ଡ ଖଣ୍ଡ ହୋଇ ଫାଟିଗଲା ନାହିଁ ? ମହାରାଜାଙ୍କୁ ବର ମାଗିବା ସମୟରେ ତୋ ମନରେ ପୀଡ଼ା ହେଲା ନାହିଁ, ଜିଭ ଖଣ୍ଡ ଖଣ୍ଡ ହୋଇ ଛିଡ଼ି ପଡ଼ିଲା ନାହିଁ, ତୋ ମୁହଁରେ ପୋକ ପଡ଼ିଲେ ନାହିଁ ? ମନୁଷ୍ୟକୁ ଛାଡ଼, ଏପରି ଜୀବଜନ୍ତୁ ଜଗତରେ କିଏ ଅଛି, ଯାହାର ଶ୍ରୀରଘୁନାଥ ପ୍ରାଣର ପ୍ରିୟ ନୁହନ୍ତି ? ତୁ ଯାହା ବି ହୁଅ ମୁହଁରେ କାଳି ଲଗାଇ ମୋ ଦୃଷ୍ଟିରୁ ବାହାରେ ଉଠିକରି ଯାଇ ବସ । ଶ୍ରୀରାମଙ୍କ ବିରୋଧୀ ହୃଦୟରୁ ବିଧାତା ମୋତେ ପ୍ରଘଟ କରିଥିବାରୁ ସଂସାରରେ ମୋ ସମାନ ପାତକୀ ଆଉ କେହି ନାହିଁ, ଫେରେ ତୋତେ କାହିଁକି ଦୋଷ ଦେବି ?'' ଶ୍ରୀରାମଙ୍କ ବିଚ୍ଛେଦ ବ୍ୟଥାରେ ଭରତ ଅତ୍ୟନ୍ତ ବ୍ୟାକୁଳ ହୋଇ ମା'ଙ୍କୁ କଠୋର ଶବ୍ଦ କହି ତାଙ୍କ ମହଲରୁ କୌଶଲ୍ୟାଙ୍କ ମହଲକୁ ଗଲେ । କୌଶଲ୍ୟା ମଳିନ ବସ୍ତ୍ର ପିନ୍ଧି ଭୂମିରେ ଶୟନ କରି ଥାଆନ୍ତି । ଦୁଇ ନେତ୍ରରୁ ଅଶ୍ରୁଧାରା ବହୁଥାଏ । ଭରତ କୌଶଲ୍ୟାଙ୍କ ଅବସ୍ଥା ଦେଖିବା ମାତ୍ରେ ତାଙ୍କ ଶୋକ ବୃଦ୍ଧି ହେଲା । ସେ କୌଶଲ୍ୟାଙ୍କ ଚରଣରେ ପଡ଼ି ମୂର୍ଚ୍ଛିତ ହୋଇଗଲେ । କୌଶଲ୍ୟା ସଚେତ କରି ଉଠାଇ ବସେଇବାରୁ ସେ କହିଲେ, ''ହେ ମା, ପିତା କାହାନ୍ତି ମୋତେ ଦେଖାଇ ଦେ ।''

''ମାତୁ ତାତ କହଁ ଦେହି ଦେଖାଇ,
କହ ସିୟ ରାମ ଲକ୍ଷ୍ମଣ ଦୋଉ ଭାଇ ।
କଇ କଇ କତ ଜନମି ଜଗ ମାଝାଁ
ଜୌ ଜନମିତ ଭଇ କାହେନ ବାଁଝା ।
କୁଲକଲଙ୍କ ଜେହି ଜନମେଓ ମୋହୀ
ଅପଯଶ ଭାଜନ ପ୍ରିୟ ଜନ ଦ୍ରୋହୀ ।
କୋଟି ଭୁବନ ମୋହି ସରୀସ ଅଭାଗୀ
ଗତି ଅସି ତୋରି ମାତୁ ଯେହି ଲାଗି ।''
(ରାମଚରିତମାନସ)

ଭରତ ମାତା କୌଶଲ୍ୟାଙ୍କ ଅବସ୍ଥା ଦେଖି ତାଙ୍କ ଶୋକ ଅଧିକ ବୃଦ୍ଧି ହୋଇଗଲା, ସେ ଶୋକାକୁଳ ହୋଇ କହିଲେ, ''ହେ ମା, ପିତା କେଉଁଠି ଅଛନ୍ତି ମୋତେ ଦେଖାଇ ଦେ, ଆଉ ଜନକ ନନ୍ଦିନୀ ମା' ସୀତା ତଥା ରାମ ଲକ୍ଷ୍ମଣ ଦୁଇଭାଇ କାହାନ୍ତି ? ଏହି ଜଗତରେ କୈକେୟୀ କାହିଁକି ଜନ୍ମ ନେଲା ? ଯଦି ଜନ୍ମ ନେଲା ତେବେ ବନ୍ଧ୍ୟା ହୋଇଥିଲେ ଭଲ ହୋଇ ଥାଆନ୍ତା । ମୋପରି କୁଳର କଳଙ୍କ ଅପଯଶଃର ପାତ୍ର, ପ୍ରିୟଜନଙ୍କର ଦ୍ରୋହୀକୁ ଜନ୍ମ ଦେଲା କାହିଁକି ? ଏହି ତିନି ଭୁବନରେ ମୋ ସମାନ ଅଭାଗା ଆଉ କିଏ ହୋଇପାରେ, ଯାହା ସକାଶେ ତୋର ଏହି ଅବସ୍ଥା ହୋଇଛି ?''

ଭରତଙ୍କର ଏହି ନିଷ୍କପଟ ବାଣୀ ଶୁଣି କୌଶଲ୍ୟା ଭରତଙ୍କୁ ହୃଦୟରେ ଲଗାଇ ନେଲେ ଏବଂ ଶ୍ରୀରାମ ଫେରି ଆସିଲା ପରି ଅନୁଭବ କଲେ । ଭରତଙ୍କୁ ବହୁତ ପ୍ରକାର ବୁଝାଇ ଶାନ୍ତ କରାଇଲେ ।

ମହାରାଜଙ୍କ ଶବ ସତ୍କାର ହେବା ପରେ ସଭା ଏକତ୍ର କରା ହେଲା । ସମସ୍ତ ମନ୍ତ୍ରୀ, ମାତାମାନେ, ଗୁରୁ ବଶିଷ୍ଠ, ଅନ୍ୟାନ୍ୟ ପ୍ରଧାନ ବ୍ୟକ୍ତି ଏବଂ ପ୍ରଜାମାନେ ଭରତଙ୍କୁ ରାଜଗାଦି ଗ୍ରହଣ କରିବାକୁ ଅନୁରୋଧ କରି କହିଲେ, ''ପିତାଙ୍କର ବଚନ ଅଛି, କିନ୍ତୁ ପ୍ରିୟପ୍ରାଣ ନାହିଁ । ପିତାଙ୍କ ଆଜ୍ଞା ପାଳନ କରିବା ସକାଶେ ରାଜଗାଦି ସ୍ୱୀକାର କରିବା ଉଚିତ । ଏଥିରେ ତୁମ୍ଭର ସବୁ ପ୍ରକାର ମଙ୍ଗଳ ହେବ ।'' ଶାସ୍ତ୍ର ପୁରାଣର ପ୍ରମାଣ ଦେଇ ପିତାଙ୍କ ଆଜ୍ଞା ପାଳନ କରିବା ସକାଶେ ଭରତଙ୍କୁ ଗୁରୁ ବଶିଷ୍ଠ, ମାତାମାନେ ତଥା ମନ୍ତ୍ରୀମାନେ ବିଶେଷ ଅନୁରୋଧ କଲେ । କିନ୍ତୁ ସେ ଗୁରୁ, ମାତା, ସଚିବମାନଙ୍କ ପ୍ରସ୍ତାବକୁ ଅସ୍ୱୀକାର କରିଦେଲେ । ସେ ଯଦି ରାଜଗାଦି ସ୍ୱୀକାର କରି ଥାଆନ୍ତେ ତେବେ ଶ୍ରୀରାମ ମଧ୍ୟ ବହୁତ ପ୍ରସନ୍ନ ହୋଇ ଥାଆନ୍ତେ । ତାଙ୍କର କୌଣସି ଦୋଷ ବି ହୋଇ ନ ଥା'ନ୍ତା । ଯେଉଁ ରାଜ୍ୟ ସକାଶେ ବ୍ୟକ୍ତି ଭାଇକୁ ବଧକରେ,

ପିତୃ ହତ୍ୟା କରେ, ପିତାକୁ କାରାଗାରରେ ରଖେ, କେତେ ଛଳ, କପଟ, ପାପ, ଅନ୍ୟାୟ କରେ, ସେହି ସମୃଦ୍ଧିଶାଳୀ ରାଜ୍ୟ ନିଷ୍କଣ୍ଟକ ରୂପେ ଭରତଙ୍କୁ ପ୍ରାପ୍ତ ହୋଇଥିଲା କିନ୍ତୁ ତାଙ୍କ ମଧ୍ୟରେ ଭଗବତ୍ ଭକ୍ତି ଦିବ୍ୟଗୁଣ ବିଦ୍ୟମାନ ଥିବାରୁ ସେ ରାଜ୍ୟତ୍ୟାଗ କରି ଶ୍ରୀରାମଙ୍କୁ ଫେରାଇ ଆଣିବାକୁ ବନକୁ ଗଲେ । ଶ୍ରୀରାମ ନ ଫେରିବାରୁ ତାଙ୍କ ଚରଣ ପାଦୁକା ରାଜଗାଦିରେ ରଖି ସେ ସେବକ ରୂପେ ସେବା ଭାବରେ ଶ୍ରୀରାମ ଫେରିବା ପର୍ଯ୍ୟନ୍ତ ରାଜ୍ୟ ଶାସନ କରିଥିଲେ । ଏହା ହୋଇଥିଲା ଭଗବତ୍ ଭକ୍ତି ପ୍ରଭାବରୁ । ମନୁଷ୍ୟ ଭଗବତ୍ ଭକ୍ତି ପ୍ରାପ୍ତ ହେଲେ ତା ମଧ୍ୟରେ ସମସ୍ତ ସଦ୍‌ଗୁଣ ପ୍ରତିଷ୍ଠିତ ହୁଏ । ସେ କାହାରି ଅନିଷ୍ଟ ନ କରି ପ୍ରାଣୀ ମାତ୍ରର ହିତ ସାଧନ କରେ । ଭଗବତ୍ ଭକ୍ତି ଆଧାରରେ କର୍ମ କଲେ ସଂସାରର ଯଥାର୍ଥ ଉନ୍ନତି ହୁଏ ଏବଂ ବ୍ୟକ୍ତି ସୁଖ ଶାନ୍ତିରେ ରହିପାରେ । ଅନ୍ୟଥା ସଂସାରର ଉନ୍ନତି କୌଣସି ଉପାୟରେ ହୋଇପାରେ ନାହିଁ ।

## ଅଳ୍ପ ବର୍ଷ ପୂର୍ବର ଗୋଟିଏ ଘଟଣା

ଗୋଟିଏ ପରିବାରରେ ପିତା ମାତା ଓ ପାଞ୍ଚ ଭାଇ ଥିଲେ । ଚାରିଭାଇ ବିବାହ ହୋଇଥିଲେ, ଛୋଟ ଭାଇର ବିବାହ ହୋଇ ନ ଥିଲା । ସମ୍ପତ୍ତି ଅପର୍ଯ୍ୟାପ୍ତ ଥିଲା । ଭାଇମାନେ ବ୍ୟବସାୟ ତଥା ଚାକିରି କରୁଥିଲେ । ବୋହୂମାନେ ଥିଲେ ବଡ଼ ଘରର ଝିଅ । ପିଲା ଦିନ ଅଏସ୍ ଆରାମରେ ସେମାନଙ୍କର ପାଳନ ପୋଷଣ ହୋଇଥିଲା । ଭଗବାନ୍ ଶରୀର ଦେଇଛନ୍ତି କର୍ମ କରିବା ସକାଶେ । ଶରୀରରେ ଯଦି କର୍ମ କରା ନ ହୁଏ ତେବେ ଶରୀର ତାମସିକ ହୋଇଯାଏ । ଶରୀରରୁ ବଳ କମି ଯାଏ । ନମନୀୟତା ନଷ୍ଟ ହୁଏ । ଯେଉଁ ଅଙ୍ଗ ପରିଚାଳିତ ନ ହୁଏ ତାହା କ୍ରମଶଃ ଶୁଷ୍କ ହୋଇଯାଏ । ମନୁଷ୍ୟର ଦୁଇଟି ହସ୍ତ । ବାମ ହାତରେ କୌଣସି ବିଶେଷ କାର୍ଯ୍ୟ ନ ହେବାରୁ ତାହା ଦକ୍ଷିଣ ହସ୍ତ ତୁଳନାରେ ଦୁର୍ବଳ ଏବଂ କମ୍ ନମନୀୟ । ବାମ ହସ୍ତରେ ଲେଖି ହୁଏ ନାହିଁ । ସେହିପରି ଶରୀରରେ କର୍ମ ନ କଲେ ବାମ ହସ୍ତ ସ୍ୱରୂପ ତାହା ନିକମା ହୋଇଯାଏ । ବଡ଼ ଲୋକଙ୍କ ଘରେ ପିଲାମାନଙ୍କୁ କୌଣସି କାର୍ଯ୍ୟ ବା ବ୍ୟାୟାମ କରିବାକୁ ନ ଦେବାର ଅର୍ଥ ସେମାନଙ୍କୁ ତାମସିକତାର କବଳରେ ଛାଡ଼ି ଦେବା । ବୋହୂମାନଙ୍କର ସେହି ଅବସ୍ଥା ଥିଲା । ଅଭ୍ୟାସ ନ ଥିବାରୁ ଘର କାମରେ ଉତ୍ସାହ ନ ଥିଲା । ଚାକରମାନେ ଘରର କାମ କରନ୍ତି । କେବଳ ରୋଷାଇ କରିବାକୁ ହୁଏ ସେମାନଙ୍କୁ । ନିଜ ମଧ୍ୟରେ ସ୍ୱାର୍ଥ, ହିଂସା, ମୋହ, ମତ୍ସରାଦି ଦୁର୍ଗୁଣ ଥିବାରୁ ପରସ୍ପର ମଧ୍ୟରେ ବୈମନସ୍ୟ ହେଲା । ପରସ୍ପର ପ୍ରତ୍ୟେକ କଥାରେ ବିବାଦ କରିବାକୁ ଲାଗିଲେ । ଶେଷରେ ରୋଷାଇ କାମ ପାଳିରେ କରାହେଲା । ସେଥିରେ ବି ଘରେ ଶାନ୍ତି ନ ଥିଲା । ପିଲାଙ୍କ ଝଗଡ଼ା ଏବଂ କାର୍ଯ୍ୟ ଓ ଅନ୍ୟାନ୍ୟ କଥା ସମ୍ପର୍କରେ କଳି କରୁଥିଲେ । ଘର ବଡ଼ ଅଶାନ୍ତ ହୋଇଗଲା । ଭାଇମାନଙ୍କ ମଧ୍ୟରେ ଯଦ୍ୟପି ସଦ୍‌ଭାବ ଥିଲା ତଥାପି ବୋହୂମାନଙ୍କ କଳିରେ ସମସ୍ତେ ବ୍ୟସ୍ତ ହୋଇ ଛୋଟ ଭାଇର ବିବାହ ପରେ ପୃଥକ୍ ହେବାର ନିଶ୍ଚୟ କଲେ ।

ଛୋଟ ବୋହୂ ଘରକୁ ଆସିଲା । ଛୋଟ ବୋହୂର ପିତୃ ଗୃହରେ ଭଗବାନଙ୍କ ମୂର୍ତ୍ତି ପୂଜା ହେଉଥିଲା । ତା'ର ପିତାମାତା ଭଗବାନ୍ ରାମଙ୍କ ଭକ୍ତ ଥିଲେ । ତାର ପିଲାଦିନୁ ତା' ମା' ତାକୁ ରାମାୟଣ; ମହାଭାରତ, ଭାଗବତାଦି ଧର୍ମଗ୍ରନ୍ଥ ଶୁଣାଉଥିଲେ ।  ସେ ବଡ଼ ହେବାପରେ ନିଜେ ମଧ୍ୟ ପଢ଼ିଲା । ଘରର ସମସ୍ତ କାର୍ଯ୍ୟ ଭଗବାନଙ୍କ ସେବାରୂପେ କରିବାର ଶିକ୍ଷା ତାକୁ ପିଲା ଦିନରୁ ପ୍ରାପ୍ତ ହୋଇଥିଲା । ସେ ମା' ସହିତ ବରାବର ଘରର ସମସ୍ତ କାର୍ଯ୍ୟ କରେ । ବିବାହ ପରେ ପତି ଗୃହରେ ଯାଆମାନଙ୍କ କଳିକୁ ଅଧ୍ୟୟନ କରିବାକୁ ଲାଗିଲା । ପିଲାଦିନରୁ ସେ ଭଗବତ୍ ଭକ୍ତି କରୁଥିବାରୁ ତା' ମନ ବିକାଶ ସଙ୍ଗେ ସଙ୍ଗେ ଶୁଦ୍ଧ ହୋଇଥିଲା । ଶୁଦ୍ଧ ମନରେ ବିବେକ ଉତ୍ପନ୍ନ ହୁଏ । ବିବେକ ଦ୍ୱାରା ମନୁଷ୍ୟ ଯଥାର୍ଥ ଅଯଥାର୍ଥ ଠିକ୍ ଠିକ୍ ବୁଝିପାରେ । କାମ ନ କରିବା, ନିଜ ସ୍ୱାର୍ଥ ସିଦ୍ଧି କରିବା ଯୋଗୁଁ ଯାଆମାନଙ୍କ ମଧ୍ୟରେ ଝଗଡ଼ା ହେଉଥିବା ସେ ଭଲ ଭାବେ ହୃଦୟଙ୍ଗମ କରି ପାରିଲା ।

ବିବାହର ଆଠ ଦିନ ପରେ ସେ ଦିନେ ଭୋରରୁ ସ୍ନାନ କରି ରୋଷାଇ ଆରମ୍ଭ କଲା । ଏହି କାର୍ଯ୍ୟରେ

ଯାଆମାନେ ନିଜ ନିଜ ଧାରଣା ଅନୁସାରେ ଛୋଟ ଯାଆକୁ ଥଟ୍ଟାରେ ନାନା କଥା କହିଲେ । ପରେ ଛୋଟ ବୋହୂର କାର୍ଯ୍ୟରେ ଉତ୍ସୁକତା, ସ୍ୱାର୍ଥ, ହିଂସାଶୂନ୍ୟତାର ପ୍ରଭାବ ଅନ୍ୟମାନଙ୍କ ଉପରେ ପଡ଼ିଲା । ଦୁଇ ତିନି ମାସ ମଧ୍ୟରେ ସମସ୍ତ ବୋହୂ ଘରର ସମସ୍ତ କାର୍ଯ୍ୟ କରିବାକୁ ଲାଗିଲେ । ଚାକରମାନଙ୍କର ଆବଶ୍ୟକତା ରହିଲା ନାହିଁ । ଭାଇମାନେ ପୃଥକ୍ ନ ହୋଇ ଏକତ୍ର ଆନନ୍ଦରେ ବାସ କଲେ । ଏହା ହେଲା ଛୋଟ ବୋହୂର ଭକ୍ତିର ପ୍ରଭାବରେ ।

ବ୍ୟକ୍ତିର ଉନ୍ନତି, ପରିବାରରେ ଶାନ୍ତି, ଦେଶର ସମୃଦ୍ଧି ହୁଏ ଭକ୍ତି ପ୍ରଭାବରେ । ଏହାରି ଦ୍ୱାରାହିଁ, ବ୍ୟକ୍ତି, ଶାନ୍ତି, ସନ୍ତୋଷ, ଆନନ୍ଦ ବିବେକ ପ୍ରାପ୍ତ କରିପାରେ । ଭଗବତ୍ ଭକ୍ତିଛଡ଼ା ବ୍ୟକ୍ତିର ତଥା ଦେଶର ଉନ୍ନତି ଏକେବାରେ ଅସମ୍ଭବ । ପୂର୍ବରୁ ଅଧ୍ୟାତ୍ମ-ଧର୍ମ ତଥା ସଂସାରକର୍ମ ପୃଥକ୍ ହୋଇଥିଲା । ସେଥିପାଇଁ ସଂସାରରେ ସ୍ଥାୟୀ ସୁଖ-ଶାନ୍ତି ଏପର୍ଯ୍ୟନ୍ତ ସ୍ଥାପନ ହୋଇ ପାରି ନ ଥିଲା । ତାହାର ସମୟ ଆସିବାରୁ ମା' ଶ୍ରୀଅରବିନ୍ଦ ଏହି ପୃଥିବୀକୁ ଆସି ଅତିମାନସ ଶକ୍ତିକୁ ଏହି ପୃଥିବୀକୁ ଉତାରି ଆଣି ଅଛନ୍ତି, ଯାହାକୁ ଗ୍ରହଣ କଲେ ମନୁଷ୍ୟ ନିଜର ମନ, ପ୍ରାଣ, ଶରୀରର ଚିନ୍ମୟ ତତ୍ତ୍ୱରେ ରୂପାନ୍ତର ହେବ ଏବଂ ତାହା ସଙ୍ଗେ ସଙ୍ଗେ ସଂସାରରୁ ଦୁଃଖ ଦ୍ୱନ୍ଦ୍ୱ ନିବୃତ୍ତ ହୋଇ ସ୍ୱର୍ଗରେ ପରିଣତ ହେବ ।

ପ୍ରତ୍ୟେକ ମନୁଷ୍ୟର ଲକ୍ଷ୍ୟ ଦୁଃଖ ଅମିଶ୍ରିତ ଆନନ୍ଦ, ନୀରୋଗ ଶରୀର, ମୃତ୍ୟୁ ରହିତ ଅମରତ୍ୱ, ପରିବାର, ଦେଶରେ ଶାନ୍ତି । ଏହା ପ୍ରାପ୍ତ ହୁଏ ଶ୍ରୀଅରବିନ୍ଦଙ୍କ ଯୋଗରେ । ଶ୍ରୀଅରବିନ୍ଦଙ୍କ ଯୋଗ ପ୍ରତ୍ୟେକ ବ୍ୟକ୍ତିର ଆବଶ୍ୟକ । ଏଥିରେହିଁ ହୁଏ ଜୀବନର ପୂର୍ଣ୍ଣତା । ଶ୍ରୀଅରବିନ୍ଦଙ୍କ ଯୋଗରେ ସମସ୍ତ ପୁରାତନ ଯୋଗର ସମନ୍ୱୟ ଏବଂ ସାମଞ୍ଜସ୍ୟ ଥିବାରୁ ଏଥିରେ ସାମ୍ପ୍ରଦାୟିକ ବିରୋଧିତା ନ ଥାଏ, ଅର୍ଥାତ୍ ସମସ୍ତ ପୁରାତନ ଯୋଗର ସିଦ୍ଧି ଶ୍ରୀଅରବିନ୍ଦଙ୍କ ଯୋଗରେ ପ୍ରାପ୍ତ ହୁଏ । ତା' ଛଡ଼ା ଶ୍ରୀଅରବିନ୍ଦଙ୍କ ଯୋଗ ସମସ୍ତ ମାନବ-ଜାତି ସକାଶେ ଥିବାରୁ ତାହା ସାମ୍ପ୍ରଦାୟିକ ନୁହେଁ । ସମସ୍ତ ସାମ୍ପ୍ରଦାୟିକ ମତଭେଦ ଶ୍ରୀଅରବିନ୍ଦଙ୍କ ଯୋଗରେ ସମନ୍ୱୟ ହୁଏ ।

## ଶ୍ରୀଅରବିନ୍ଦଙ୍କ ଯୋଗର ସହଜ ପ୍ରଣାଳୀ

ମା' ଅତିମାନସ ଶକ୍ତି ଦ୍ୱାରା ରୂପାନ୍ତର କରିବା ସକାଶେ ଏହି ପୃଥିବୀକୁ ଆସି ଅଛନ୍ତି ଏବଂ ସେହି କାର୍ଯ୍ୟ କରୁଅଛନ୍ତି । ଏହି ଯୋଗ ସିଦ୍ଧିର ପଥ ପ୍ରଦର୍ଶିକା ରୂପେ ମା'ଙ୍କୁ ଗ୍ରହଣ କରି ତାଙ୍କୁ ସମର୍ପଣ କଲେ ସାଧକର ସାଧନାମାର୍ଗ ବହୁତ ସହଜ ହୋଇଯାଏ ।

ଭଗବାନ୍ ସବୁସମୟରେ ପୃଥିବୀରେ ବ୍ୟାପକ ରୂପେ ବିଦ୍ୟମାନ ଥାଆନ୍ତି । କେବଳ ବ୍ୟକ୍ତିଙ୍କ ସାଧନା ସହଜ କରିବା ସକାଶେ ମନୁଷ୍ୟ ଶରୀରରେ ଅବତାର ନିଅନ୍ତି । ସେହି ସମୟରେ ଅଧିକ ବ୍ୟକ୍ତିଙ୍କର ଉଦ୍ଧାର ହୁଏ । ଅନ୍ୟ ସମୟରେ ସେପରି ହୁଏ ନାହିଁ । ବର୍ତ୍ତମାନ ମା' ଏହି ପୃଥିବୀରେ ନୂତନ ଅତିମାନବଜାତି ପ୍ରତିଷ୍ଠା କରିବାକୁ ଆସିଛନ୍ତି । ମନୁଷ୍ୟ ସକାଶେ ଏହା ଗୋଟିଏ ମହାନ୍ ସୁଯୋଗ ।

## ସମର୍ପଣର ସହଜ ଉପାୟ

ଘରେ ମା' ଶ୍ରୀଅରବିନ୍ଦଙ୍କ ଫଟୋ ରଖ । ଘର, ପରିବାର, ସମ୍ପତ୍ତି ତାଙ୍କରହିଁ ଦାନ । ସେ ଘର ମାଲିକ । ତୁମେ ତାଙ୍କରି ସେବକ । ତାଙ୍କରି ସେବା ସକାଶେ ସେ ତୁମକୁ ଏହି ଘରର କାର୍ଯ୍ୟ ଦେଇଛନ୍ତି ବୋଲି ମାନି ନିଅ । ସମସ୍ତ କାର୍ଯ୍ୟ ତାଙ୍କରି ସେବାରୂପେ କରି ତାଙ୍କୁ ସମର୍ପଣ କର । କିନ୍ତୁ ତୁମକୁ ହେବାକୁ ହେବ ନ୍ୟାୟ ନିଷ୍ଠ ସେବକ । ତୁମେ ଅନୁଭବ କରିବ ମା' ତୁମ ସଙ୍ଗେ ରହି ତୁମର ସମସ୍ତ କାର୍ଯ୍ୟ ଦେଖୁଅଛନ୍ତି । କିଛି ସମୟ ତାଙ୍କୁ ଧ୍ୟାନ କର । ଧ୍ୟାନ ତଥା ସମର୍ପଣର ପ୍ରକ୍ରିୟା ଲୋକ ସାହିତ୍ୟରେ ଆଲୋଚିତ ହୋଇଛି ।

ପ୍ରଶ୍ନ : ସବୁ ପ୍ରକାର ଧର୍ମାବଲମ୍ବୀ ଏବଂ ପୁରାତନ ଯୋଗର ସମସ୍ତ ପ୍ରକାର ସାଧକମାନେ ଆଶ୍ରମରେ ରହି

ଶ୍ରୀଅରବିନ୍ଦଙ୍କ ଅତିମାନସ ଯୋଗ ସାଧନା କରୁଅଛନ୍ତି । ପୁରାତନ ଯୋଗଠାରୁ ଶ୍ରୀଅରବିନ୍ଦଙ୍କ ଯୋଗରେ ବିଶେଷତ୍ୱ ଓ ନୂତନତ୍ୱ କ'ଣ ଅଛି ଯେ ସେମାନେ ପୁରାତନ ଯୋଗ ଛାଡ଼ି ଶ୍ରୀଅରବିନ୍ଦଙ୍କ ଯୋଗ ଗ୍ରହଣ କରି ଅଛନ୍ତି ?

ଉତ୍ତର : ପୃଥିବୀରେ ଅତିମାନସ ବିଜ୍ଞାନ ନୂତନ ଚେତନା, ନୂତନ ଅତିମାନବ ଜାତି, ନୂତନଯୁଗ ପ୍ରତିଷ୍ଠା କରିବା ହେଲା ଶ୍ରୀଅରବିନ୍ଦଙ୍କ ଯୋଗର ନୂତନତ୍ୱ ଓ ବିଶେଷତ୍ୱ । ଏଥିରେ ହୁଏ ଜୀବନର ସର୍ବାଙ୍ଗୀନ ବିକାଶ ଏବଂ ପ୍ରାପ୍ତ ହୁଏ ପୂର୍ଣ୍ଣତା । ବ୍ୟକ୍ତି ପୂର୍ଣ୍ଣତୟା ହୁଏ ଅଜ୍ଞାନ, ମୃତ୍ୟୁ, ରୋଗ, ବୃଦ୍ଧତ୍ୱରୁ ମୁକ୍ତ ନିବାସ କରେ ବିଜ୍ଞାନ-ଆନନ୍ଦ-ଚେତନାରେ, ଭଗବାନଙ୍କ ସହିତ ଏକତ୍ୱ ପ୍ରାପ୍ତ କରେ ମନ, ପ୍ରାଣ ତଥା ଜଡ଼ ଶରୀରାଦି ସମସ୍ତ ସତ୍ତାରେ । ଏହାଫଳରେ ସାଧନା ନ କରୁଥିବା ବ୍ୟକ୍ତି ମଧ୍ୟରୁ ଅର୍ଥାତ୍ ସଂସାରରୁ ହୁଏ ଅସତ୍ୟ, ଅଶାନ୍ତି, ଚୋରି, ଡକାୟତି, ହିଂସା, ଯୁଦ୍ଧ ଏବଂ ସମସ୍ତ ପ୍ରକାର ସ୍ୱାର୍ଥପୂର୍ଣ୍ଣ କର୍ମ ଦୂର । ପୃଥିବୀ ପରିଣତ ହୁଏ ସ୍ୱର୍ଗରେ । ପୁରାତନ ସମସ୍ତ ଯୋଗରେ ଜୀବନର ସର୍ବାଙ୍ଗୀନ ବିକାଶ ପୂର୍ଣ୍ଣତା ପ୍ରାପ୍ତ ହେଉ ନ ଥିଲା କିଂବା ସଂସାର କର୍ମରେ କୌଣସି ଉନ୍ନତି ହେଉ ନ ଥିଲା । ପୁରାତନ ଯୋଗୀମାନେ ମନ, ପ୍ରାଣ, ଶରୀରକୁ ମୃତ୍ୟୁ ମୁଖରେ ଦେଇ; ସାକେତ, ଗୋଲୋକ, ବୈକୁଣ୍ଠ, କୈଳାସାଦି ଭଗବତ ଦିବ୍ୟ ଧାମରେ ଭଗବତ ପ୍ରାପ୍ତ କରୁଥିଲେ କିଂବା ମୁକ୍ତି ନିର୍ବାଣକୁ ଚାଲି ଯାଉଥିଲେ । ସାଧନା ନ କରିବା ବ୍ୟକ୍ତି ଅର୍ଥାତ୍ ସଂସାରରେ ଅନ୍ୟାୟ, ଅସତ୍ୟ, ଦୁଃଖ, କଷ୍ଟ, ନର୍କ ଯାତନା ଭୋଗ ଯେପରି ଥିଲା ସେହିପରି ରହୁଥିଲା । ସଂସାର ବା କର୍ମ ଅଥବା ମନୁଷ୍ୟ ଜାତିର କୌଣସି ମୌଳିକ ସ୍ଥାୟୀ ପରିବର୍ତ୍ତନ ହେଉ ନ ଥିଲା ।

ପ୍ରଶ୍ନ : ମନ, ପ୍ରାଣ, ଶରୀର ସର୍ବାଙ୍ଗୀନ ବିକାଶରେ ଜୀବନ କିପରି ହୁଏ ପୂର୍ଣ୍ଣ ?

ଉତ୍ତର : ମନୁଷ୍ୟର ହସ୍ତ, ପଦ, ମୁଖ, ନାସା, ଚକ୍ଷୁ, କର୍ଣ୍ଣ ଇତ୍ୟାଦି ସମସ୍ତ ଅବୟବ ବିକାଶ ତଥା ସବଳ, ସକ୍ରିୟତାରେ ଯେପରି ଶରୀର ହୁଏ ପୂର୍ଣ୍ଣ ସେହିପରି ମନ, ପ୍ରାଣ, ଶରୀର ତଥା ଆତ୍ମାର ବିକାଶରେ ମନୁଷ୍ୟର ଜୀବନ ହୁଏ ପୂର୍ଣ୍ଣ ।

ମନ, ପ୍ରାଣ, ଶରୀର ତଥା ଆତ୍ମା ସଂଯୋଗରେ ବ୍ୟକ୍ତିତ୍ୱ ନିର୍ମାଣ ହୁଏ ଏବଂ ବ୍ୟକ୍ତି ଜୀବିତ ରହି କର୍ମ କରି ପାରେ । ମନପ୍ରାଣ ଏବଂ ଆତ୍ମାର ଆଧାର ଶରୀର । ଏହି ସତ୍ତା ଆସିଛନ୍ତି ଭଗବାନଙ୍କଠାରୁ । ମନ, ପ୍ରାଣ, ଶରୀର ବିକୃତ ହୋଇ ଅଜ୍ଞାନ କବଳରେ ପଡ଼ିଯାଇ ନିଜର ଯଥାର୍ଥ ଦିବ୍ୟ ସ୍ୱରୂପ ଭୁଲିଯାଇ ଅଛନ୍ତି । ଆତ୍ମା ନିଜ ଭଗବତ ସ୍ୱରୂପରେ ସ୍ଥିତ ଥିବାରୁ ତାଙ୍କୁ ଉକ୍ତ ଅଜ୍ଞାନତା ସ୍ପର୍ଶ କରି ପାରି ନାହିଁ । ଆତ୍ମା ବିକୃତ ନ ହୋଇ ଥିବାରୁ ଅନ୍ୟାନ୍ୟ ସମସ୍ତ ସତ୍ତାକୁ ଧାରଣ କରିଅଛି । ବ୍ୟକ୍ତିର ମନ-ପ୍ରାଣ-ଶରୀର ବିକାଶ ଓ ପୂର୍ଣ୍ଣତା ପ୍ରାପ୍ତ ହୁଏ ରୋଗ, ଜରା, ମୃତ୍ୟୁ, ଦୁଃଖ-କଷ୍ଟରୁ ପୂର୍ଣ୍ଣତୟା ମୁକ୍ତି ହୁଏ ଆତ୍ମା ଧର୍ମରେ ରୂପାନ୍ତର ହେଲେ । ରୋଗ, ଜରା, ମୃତ୍ୟୁ, ଦୁଃଖ-କଷ୍ଟହିଁ ଅଜ୍ଞାନ । ଏହି ଅଜ୍ଞାନ ଆତ୍ମା ଧର୍ମରେ ରୂପାନ୍ତର ହୁଏ ଅତିମାନସ ଶକ୍ତି ଦ୍ୱାରା । ଅତିମାନସ ଶକ୍ତିର ସ୍ୱରୂପ ବା ଗୂଢ଼ ଧର୍ମ ହେଉଛି ବିଜ୍ଞାନ ଏବଂ ଆନନ୍ଦ । ସୂର୍ଯ୍ୟ ସହିତ ଅନ୍ଧକାର ଯେପରି ରହିପାରେ ନାହିଁ ସେହିପରି ଅତିମାନସ ବିଜ୍ଞାନ ସହିତ ଅଜ୍ଞାନ ରହିପାରେ ନାହିଁ ।

ମନର ବିକାଶ ଶେଷ ହେଉ ନ ଥିବାରୁ ପୁରାତନ ସମସ୍ତ ଯୋଗୀମାନେ ଅତିମାନସ ବିଜ୍ଞାନ ଚେତନାର ସନ୍ଧାନ ପାଉ ନ ଥିଲେ; ବୈଦିକ ଯୁଗର ଅତି ଅଳ୍ପ ସଂଖ୍ୟାରେ ଖୁବ୍ କମ୍ ଋଷି ମୁନି ଯଦ୍ୟପି ଅତିମାନସ ବିଜ୍ଞାନକୁ ଜାଣିଥିଲେ ତଥାପି ପୃଥିବୀକୁ ଉତାରି ଆଣି ପ୍ରତିଷ୍ଠା କରି, ତାଦ୍ୱାରା ପୃଥିବୀ ରୂପାନ୍ତର କରିବା ଧାରଣା ସେମାନଙ୍କର ନ ଥିଲା । ସେହି ସକାଶେ ସେମାନେ ମନ-ପ୍ରାଣ-ଶରୀର ଏବଂ ସଂସାରକୁ ବିକାଶ ବା ରୂପାନ୍ତର କରିବା କଳ୍ପନା ବି କରିପାରି ନ ଥିଲେ । ଏହାକୁ ତ୍ୟାଗ କରିବା ଛଡ଼ା ସେମାନଙ୍କ ଅନ୍ୟ ଉପାୟ ବି ନ ଥିଲା । ମାନସ ବିକାଶ ଶେଷ ହେବାରୁ ଶ୍ରୀମା ଶ୍ରୀଅରବିନ୍ଦ ଏହି ପୃଥିବୀକୁ ଆସି ନିଜ ତପସ୍ୟାରେ ଅତିମାନସ ଶକ୍ତିକୁ ଏହି ପୃଥିବୀରେ ଉତାରି ଆଣିଲେ । ମା' ସେହି ଶକ୍ତି ଦ୍ୱାରା ରୂପାନ୍ତର କାର୍ଯ୍ୟ କରାଉ ଅଛନ୍ତି । ବ୍ୟକ୍ତିର ସମର୍ପଣ, ଅଭୀପ୍ସା ଦ୍ୱାରା ଅତିମାନସ ବିଜ୍ଞାନ ଶକ୍ତି ମନ-ପ୍ରାଣ-ଶରୀରକୁ ଆତ୍ମା ଧର୍ମରେ ରୂପାନ୍ତର କଲେ ଜୀବନ ପୂର୍ଣ୍ଣତା ପ୍ରାପ୍ତ ହୁଏ ।

ପ୍ରଶ୍ନ : ମନ, ପ୍ରାଣ, ଶରୀର ରୂପାନ୍ତରରେ ଜୀବନ ପ୍ରାପ୍ତ ହୁଏ ପୂର୍ଣ୍ଣତା । ଏହା ବୁଝି ପାରିଲୁ କିନ୍ତୁ ମନ, ପ୍ରାଣ,

ଶରୀର ରୂପାନ୍ତର ହେବ, ପୃଥିବୀରେ ସ୍ୱର୍ଗରାଜ୍ୟ ପ୍ରତିଷ୍ଠା ହେବ, ଏହାର ପ୍ରମାଣ କ'ଣ ? କେଉଁ ଆଧାରରେ ଆମ୍ଭେ ବିଶ୍ୱାସ କରିବା ?

ଉତ୍ତର : ସଂସାରର ସମସ୍ତ ପ୍ରାଣୀ ଚାହିଁବାହିଁ ମନ, ପ୍ରାଣ, ଶରୀର ରୂପାନ୍ତର ହେବାର ପ୍ରମାଣ ଏବଂ ଏହାହିଁ ବିଶ୍ୱାସ କରିବାର ଆଧାର । କୌଣସି ବସ୍ତୁ ପ୍ରାପ୍ତ ହେବା ସମ୍ଭବ ନ ଥିଲେ ସଂସାରର ସମସ୍ତ ବ୍ୟକ୍ତି ଚାହିଁ ପାରନ୍ତେ ନାହିଁ । ସଂସାରର ସମସ୍ତ ବ୍ୟକ୍ତି, ସମସ୍ତ ଶ୍ରେଣୀର ବ୍ୟକ୍ତି ଏପରିକି ପଶୁପକ୍ଷୀ ପର୍ଯ୍ୟନ୍ତ ଚାହାନ୍ତି ପରମ ସୁଖ । ଅମରତ୍ୱ, ନୀରୋଗତ୍ୱ, ଚିର ଯୌବନ ।

ପ୍ରଶ୍ନ : ତୁମେ କହିଲ ସମସ୍ତ ବ୍ୟକ୍ତି ଅମରତ୍ୱ ଚାହାନ୍ତି । କିନ୍ତୁ ଆତ୍ମହତ୍ୟା କରିବା କ'ଣ ସତ୍ୟ ନୁହେଁ ?

ଉତ୍ତର : ଆତ୍ମହତ୍ୟାଟା ସତ୍ୟ କିନ୍ତୁ ତୁମ ଯୁକ୍ତିଟା ଭ୍ରମପୂର୍ଣ୍ଣ । ପ୍ରସନ୍ନତାରେ ବ୍ୟକ୍ତି ଆତ୍ମହତ୍ୟା କରେ ନାହିଁ । କରେ ଦୁଃଖରେ ଅତ୍ୟନ୍ତ ପୀଡ଼ିତ ହେଲେ, ଅଜ୍ଞାନତା ପୂର୍ଣ୍ଣ ଭ୍ରମ ଧାରଣାରେ ସେଥିରୁ ମୁକ୍ତ ହେବା ସକାଶେ କିଂବା ନିଜକୁ ଦଣ୍ଡ ଦେବା ସକାଶେ ।

ପ୍ରଶ୍ନ : ପ୍ରତ୍ୟେକ ମନୁଷ୍ୟ ପରମ ସୁଖ ଏବଂ ଅମରତ୍ୱ ଚାହେଁ — ଏହା ଠିକ୍ । କିନ୍ତୁ ଚାହିଁବାହିଁ ପ୍ରାପ୍ତିର ପ୍ରମାଣ ହେବ କିପରି ?

ଉତ୍ତର : ଯେଉଁ ବସ୍ତୁ ପ୍ରାପ୍ତ ନ ହୁଏ ତାହା ମନୁଷ୍ୟ ଚାହିଁପାରେ ନାହିଁ ଏବଂ ଯେଉଁ ବସ୍ତୁର ଅସ୍ତିତ୍ୱ ନ ଥାଏ ବ୍ୟକ୍ତି ତାହା କଳ୍ପନା କରି ପାରେ ନାହିଁ । ଉଚିତ ପ୍ରଣାଳୀରେ କର୍ମକଲେ ଚାହିଁବା ବସ୍ତୁ ପ୍ରାପ୍ତ ହୁଏ । ଏଥିରେ ଲେଶ ମାତ୍ର ସନ୍ଦେହ ନାହିଁ ।

ପ୍ରଶ୍ନ : କୌଣସି ବସ୍ତୁର ଅସ୍ତିତ୍ୱ ବା ସତ୍ୟତା ନ ଥିଲେ ସେ ବସ୍ତୁର କଳ୍ପନା ଯଦି ବ୍ୟକ୍ତି କରି ନ ପାରେ ତେବେ ଆଇମା ଗଳ୍ପ ଓ ଆକାଶ କୁସୁମର କଳ୍ପନା, ଏହା କ'ଣ ସତ୍ୟ ?

ଉତ୍ତର : କୌଣସି ବିଷୟର କର୍ତ୍ତା ସତ୍ୟ ନ ଥିଲେ ସେ ସମ୍ବନ୍ଧେ କୌଣସି କଳ୍ପନା ବା ବାକ୍ୟ ରଚନା ହୋଇପାରେ ନାହିଁ । ଯେପରି ଆଇମା ଗଳ୍ପରେ, ''ଦିନରେ ବେଙ୍ଗ ଥାଏ ରାତିରେ ରାଜକୁମାର ହୋଇଯାଏ । ବେଙ୍ଗ ଖୋଳ ପୋତି ଦେଲେ ରାଜକୁମାର ଆଉ ବେଙ୍ଗ ହୋଇପାରେ ନାହିଁ ।'' ଏହି ଯେଉଁ ରଚନା ବା କ୍ରିୟା ମିଥ୍ୟା ହୋଇ ପାରିଥାଏ କିନ୍ତୁ କର୍ତ୍ତା ରାଜକୁମାର ଏବଂ ବେଙ୍ଗର ଅସ୍ତିତ୍ୱ ନ ଥିଲେ ଏହି ଗଳ୍ପଟି ରଚନା ହୋଇପାରେ ନାହିଁ ।

ଠିକ୍ ସେହିପରି ଆକାଶ ସତ୍ୟ, କୁସୁମ ମଧ ସତ୍ୟ । ଏହି ସତ୍ୟ ବସ୍ତୁର ସତ୍ୟତା ନ ଥିଲେ ଆକାଶରେ କୁସୁମ ହେବା ବାକ୍ୟ ରଚନା ହୋଇପାରେ ନାହିଁ ।

ପ୍ରଶ୍ନ : ତୁମ କହିବା ଯୁକ୍ତିଯୁକ୍ତ, କିନ୍ତୁ କର୍ମରେ ଏହାର ସତ୍ୟତା ଥିବାର ମନେ ହୁଏ ନାହିଁ । କାରଣ ପ୍ରତ୍ୟେକ ବ୍ୟକ୍ତି ପ୍ରତି ସମୟରେ କ'ଣ ସବୁ ଯେ ଚାହେଁ ତା'ର ଅନ୍ତ ନ ଥାଏ । ଏକହି ସମୟରେ ବହୁତ ବ୍ୟକ୍ତି ପୃଥିବୀର ସମ୍ରାଟ ଅଥବା ନିଜ ଦେଶର ମନ୍ତ୍ରୀ ଓ ପ୍ରଧାନ ମନ୍ତ୍ରୀ ହେବାକୁ ଚାହାନ୍ତି । ଯଦି ସମସ୍ତଙ୍କ ଚାହିଁବା ପୂରଣ ହୁଏ ତେବେ ସୃଷ୍ଟି ଧ୍ୱଂସ ହେବା ଅନିବାର୍ଯ୍ୟ ହୋଇ ପଡ଼େ । ଏହା ସ୍ପଷ୍ଟ ଯେ ପ୍ରତ୍ୟେକ ବ୍ୟକ୍ତି ଯାହା ଚାହେଁ ତାହା ପ୍ରାପ୍ତ ହୁଏ ନାହିଁ । ଏହା ପ୍ରତ୍ୟକ୍ଷ ଘଟଣା । ଏହାକୁ କ'ଣ ଅସ୍ୱୀକାର କରିବାର ଉପାୟ ଅଛି ?

ଉତ୍ତର : ଏହାକୁ ଅସ୍ୱୀକାର କରିବାର ପ୍ରତ୍ୟକ୍ଷ ଉପାୟ ହେଲା ତୁମେ ମନୋଯୋଗ ସହ ଉତ୍ତର ନ ଶୁଣି, ପ୍ରଶ୍ନ କରୁଛ ।

କୁହା ହୋଇଥିଲା ଚାହିଁବା ବସ୍ତୁ ସତ୍ୟ, କିନ୍ତୁ ତାହା ପ୍ରାପ୍ତ ହୁଏ ଉଚିତ ପ୍ରଣାଳୀରେ କର୍ମ କରିବାରେ । ବହୁତ ବ୍ୟକ୍ତି ଏକହିଁ ସମୟରେ ମନ୍ତ୍ରୀ ହେବାକୁ ଚାହାନ୍ତି ସତ୍ୟ କିନ୍ତୁ ଯିଏ ଯଥାର୍ଥ ପ୍ରଣାଳୀରେ କର୍ମ ବା ଉପାୟ କରେ ସେ ପ୍ରାପ୍ତ ହୁଏ ।

ଅନ୍ୟ କାରଣ ହେଲା — ବ୍ୟକ୍ତି ଅହରହ ବସ୍ତୁ ଚାହୁଁ ଥାଏ । ତା' ଚାହିଁବାର ସଂଖ୍ୟା ନ ଥାଏ । ବ୍ୟକ୍ତିର ଚାହିଁବା ସବୁ ଗୋଟିଏ ସୂକ୍ଷ୍ମ ଆକାର ଧାରଣ କରନ୍ତି ଏବଂ ପରସ୍ପର ସଂଘର୍ଷ କରନ୍ତି । ଯେଉଁ ସବୁ ଦୁର୍ବଳ ଚାହିଁବା ରୂପ ଧାରଣ

କରି ଥାଆନ୍ତି ତାହା ସବୁ ସବଳ ଚାହିଁବା ରୂପ ଧାରଣ କରିଥିବା ସତ୍ତା ଦ୍ୱାରା ନଷ୍ଟ ହୋଇ ଯାଆନ୍ତି । ଯେଉଁ ସବଳ ଚାହିଁବାଟି ବାକି ରହେ ତାହାରି ସକାଶେ ବ୍ୟକ୍ତି ପ୍ରଯତ୍ନ କରେ । ବ୍ୟକ୍ତିର ପ୍ରଯତ୍ନ ଯେତେ ଯଥାର୍ଥ, ଯେତେ ଶକ୍ତିଶାଳୀ ହୁଏ ସେହି ଅନୁପାତରେ ବ୍ୟକ୍ତିର ଚାହିଁବା ବସ୍ତୁ ପୂର୍ଣ୍ଣ ଏବଂ ଅପୂର୍ଣ୍ଣତାରେ ପରିଣତ ହୁଏ । ଗୋଟିଏ ବସ୍ତୁକୁ ବହୁ ବ୍ୟକ୍ତି ଯଦି ଚାହାନ୍ତି, ସେମାନଙ୍କ ମଧ୍ୟରୁ ଯାହାର ଚାହିଁବା ଅଧିକ ଶକ୍ତିଶାଳୀ ହୁଏ ତାହାର ସିଦ୍ଧି ହୁଏ ।

ପ୍ରଶ୍ନ : ତୁମ କହିବା ଦ୍ୱାରା ସନ୍ଦେହ ଦୂର ହୋଇଗଲା । ସ୍ପଷ୍ଟ ହେଲା ଯେ ବ୍ୟକ୍ତିର ଯେଉଁ ଚାହିଁବାଟି ପ୍ରଧାନ ହୁଏ ସେ ତାହାରି ପ୍ରାପ୍ତି ସକାଶେ ପ୍ରଯତ୍ନ କରେ । ପ୍ରଯତ୍ନ ଯେତେ ନିର୍ଭୁଲ୍ ହୁଏ ସେହି ଅନୁସାରେ ବସ୍ତୁ ପ୍ରାପ୍ତ ହୁଏ, ତେବେ ତୁମ କହିବା ଅନୁସାରେ ପ୍ରତ୍ୟେକ ବ୍ୟକ୍ତି ଚାହାନ୍ତି ପରମ ସୁଖ, ପରମଶାନ୍ତି, ଅମରତ୍ୱ, ଚିର ଯୌବନ, ନୀରୋଗତ୍ୱ — ଏହା ସତ୍ୟ । କିନ୍ତୁ ଏ ପର୍ଯ୍ୟନ୍ତ ପୃଥିବୀରେ କୌଣସି ବ୍ୟକ୍ତି ଏହା ପ୍ରାପ୍ତ ହୋଇଥିବାର ଦେଖାଯାଉ ନାହିଁ । ଏହାର କାରଣ କ'ଣ ?

ଉତ୍ତର : ଏହାର କାରଣ ହେଲା ପୃଥିବୀର ସମସ୍ତ ପ୍ରାଣୀ ବିଶେଷତଃ ମନୁଷ୍ୟ ଯଦ୍ୟପି ପରମ ସୁଖ ଏବଂ ଅମରତ୍ୱ ଚାହୁଁ ଅଛନ୍ତି ତଥାପି ସେମାନଙ୍କ ଚେତନାରେ ତାହା ଏ ପର୍ଯ୍ୟନ୍ତ ଅସ୍ପଷ୍ଟ ରହିଅଛି । ସେହି ସକାଶେ ସେମାନେ ଉଚିତ ପ୍ରଣାଳୀରେ ପ୍ରଯତ୍ନ କରି ନାହାନ୍ତି କିଂବା ପ୍ରାପ୍ତ କରି ନାହାନ୍ତି ।

ପରମସୁଖ ଏବଂ ଅମରତ୍ୱ ସତ୍ୟ, ମନୁଷ୍ୟର ଏହାହିଁ ଲକ୍ଷ୍ୟ, ଏହି ସକାଶେ ଭଗବାନଙ୍କର ସୃଷ୍ଟି ହୋଇଅଛି । ଏହାକୁ ପ୍ରମାଣିତ ଏବଂ ସମର୍ଥନ କରୁଛି ବ୍ୟକ୍ତି ଚାହିଁବା ଓ କ୍ରମ ବିକାଶ । ସୃଷ୍ଟି ଆରମ୍ଭରୁ କ୍ରମ ବିକାଶ ଜଡ଼, ତରୁ ଲତା, ଜୀବ ଜନ୍ତୁ ଓ ପଶୁପକ୍ଷୀ ମଧ୍ୟ ଦେଇ ମନୁଷ୍ୟରେ ଉପନୀତ ହୋଇଅଛି । ବିକାଶ ଏହିଠାରେ ସ୍ଥଗିତ ନ ହୋଇ ଅତିମାନସ ବିଜ୍ଞାନ ଆନନ୍ଦରେ ଅବଶ୍ୟ ପହୁଞ୍ଚିବ । ଉପନିଷଦ୍ ଅନୁସାରେ ଅନ୍ନମୟ କୋଷ, ପ୍ରାଣମୟ କୋଷ ଓ ମନୋମୟ କୋଷ ପ୍ରକାଶ ହୋଇ ସାରିଛି । ବିଜ୍ଞାନ ଓ ଆନନ୍ଦମୟ କୋଷ ପ୍ରକାଶ ହେବାର ସମୟ ଆସିଛି । ବିଜ୍ଞାନ ଓ ଆନନ୍ଦମୟ କୋଷର ଧର୍ମ ହେଉଛି ପରମାନନ୍ଦ ଏବଂ ଅମରତ୍ୱ । ଅର୍ଥାତ୍ ମନୁଷ୍ୟର ମନ, ପ୍ରାଣ, ଶରୀରର ଭଗବାନଙ୍କ ସହିତ ଏକତ୍ୱ ପ୍ରାପ୍ତି । ଏହା ହୁଏ ମନର ବିକାଶ ସମାପ୍ତ ହେଲେ । ମନର ବିକାଶ ଶେଷ ଅବସ୍ଥା ପ୍ରାପ୍ତ ହେବାରୁ ମା'ଙ୍କ ଦ୍ୱାରା ରୂପାନ୍ତର କାର୍ଯ୍ୟ ଆରମ୍ଭ ହୋଇଅଛି । ଯେଉଁମାନଙ୍କ ଅନ୍ତରାତ୍ମା ଜାଗ୍ରତ ହୋଇଅଛି, ସେହିମାନେ ଏ ସତ୍ୟକୁ ଗ୍ରହଣ କରି ପାରୁଛନ୍ତି ଏବଂ ସେହିମାନଙ୍କ ଚେତନାରେ ପରମ ସୁଖ ତଥା ଅମରତ୍ୱର ସ୍ୱରୂପ ସ୍ପଷ୍ଟ ହୋଇଅଛି ଓ ସେମାନେ ଯଥାର୍ଥ ପ୍ରଣାଳୀରେ ପ୍ରଯତ୍ନ ମଧ୍ୟ କରୁଅଛନ୍ତି । ଏହାର ଯଥାର୍ଥ ପ୍ରଣାଳୀ ହେଉଛି ଅତିମାନସ ଶକ୍ତି ଦ୍ୱାରା ମନୁଷ୍ୟର ମନ, ପ୍ରାଣ, ଶରୀର ଦିବ୍ୟ ତତ୍ତ୍ୱରେ ରୂପାନ୍ତର । ଏହା ହୋଇପାରେ ମା'ଙ୍କ ଚରଣରେ ନିଜକୁ ସମ୍ପୂର୍ଣ୍ଣ ରୂପେ ସମର୍ପଣ କରିବାରେ, ତେବେ ମନୁଷ୍ୟ ମୃତ୍ୟୁ, ରୋଗ, ଜରାରୁ ପୂର୍ଣ୍ଣ ମୁକ୍ତ ହେବ ଏବଂ ନିବାସ କରିବ ବିଜ୍ଞାନ ଆନନ୍ଦ ଚେତନାରେ । ଭଗବାନ୍ ତା'ର ସମସ୍ତ ସତ୍ତାରେ ପ୍ରକଟ ହେବେ । ସେ ମନ, ପ୍ରାଣ ଦ୍ୱାରା ପରିଚାଳିତ ନ ହୋଇ ଭାଗବତୀ ଶକ୍ତି ଦ୍ୱାରା ପରିଚାଳିତ ହେବ । ସଂସାର ପରିଣତ ହେବ ସ୍ୱର୍ଗରେ । ଏଥିରେହିଁ ଜୀବନର ହେବ ପୂର୍ଣ୍ଣତା ।

ପ୍ରଶ୍ନ : ଆମ୍ଭେମାନେ ପୁରାତନ ଯୋଗର ସାଧକ । ଆମ୍ଭମାନଙ୍କର ଇଷ୍ଟଦେବ ଶ୍ରୀରାମ, ଶ୍ରୀକୃଷ୍ଣ, ଶିବ, କାଳୀ ଅଥବା ନିର୍ବାଣ, ମୁକ୍ତି ପ୍ରାପ୍ତି । ଆମ୍ଭେମାନେ ଶ୍ରୀଅରବିନ୍ଦଙ୍କ ଯୋଗ ଗ୍ରହଣ କରିବାରେ କୌଣସି ଦୋଷ ହେବ ନାହିଁ ?

ଉତ୍ତର : କୌଣସି ଦୋଷ ହେବ ନାହିଁ । ଯେ କୌଣସି ପୁରାତନ ଯୋଗର ସାଧକ ଅଥବା ଯେ କୌଣସି ଧର୍ମାବଲମ୍ବୀ ଶ୍ରୀଅରବିନ୍ଦଙ୍କ ଯୋଗ ଗ୍ରହଣ କରିପାରନ୍ତି ।

ଶ୍ରୀଅରବିନ୍ଦଙ୍କ ଯୋଗରେ ଯେଉଁ ସାକାର ଏବଂ ନିରାକାର ଉଭୟର ଧର୍ମ ପୁରୁଷୋତ୍ତମ ତତ୍ତ୍ୱ ଉପଲବ୍ଧି ହୁଅନ୍ତି, ସେହି ସଚ୍ଚିଦାନନ୍ଦ ତତ୍ତ୍ୱ ଜ୍ଞାନୀ ଅଦ୍ୱୈତବାଦୀ ତଥା ବୌଦ୍ଧ ଶୂନ୍ୟବାଦୀମାନଙ୍କୁ ପ୍ରାପ୍ତ ହୁଅନ୍ତି କେବଳ ନିରାକାର, ନୈର୍ବ୍ୟକ୍ତିକ, ଅନିର୍ବଚନୀୟ ଶୂନ୍ୟ ରୂପେ ।

ସେହି ସଚ୍ଚିଦାନନ୍ଦ ତତ୍ତ୍ୱର ବ୍ୟକ୍ତ ସ୍ୱରୂପ ଶ୍ରୀରାମ, ଶ୍ରୀକୃଷ୍ଣ, ବିଷ୍ଣୁ, ଶିବ ତଥା କାଳୀରୂପେ ପ୍ରାପ୍ତ ହୁଅନ୍ତି ଦ୍ୱୈତ ଭକ୍ତ ସାଧକମାନଙ୍କୁ । ସାକାର ଏବଂ ନିରାକାର ଉଭୟର ଧର୍ତ୍ତା ପୁରୁଷୋତ୍ତମ ତତ୍ତ୍ୱ ସର୍ବାବସ୍ଥାରେ, ସର୍ବସ୍ତରର ପରିପୂର୍ଣ୍ଣ

ଏକରସ ଥାଆନ୍ତି କିନ୍ତୁ ଉପଲବ୍ଧି ହୁଅନ୍ତି କେବଳ ଅତି ମାନସ ଚେତନା ସ୍ତରରେ । ପୁରାତନ ଯୋଗର ଦ୍ୱୈତବାଦୀ ଓ ଅଦ୍ୱୈତବାଦୀ ସାଧକମାନେ ଅତିମାନସ ତତ୍ତ୍ୱ ପ୍ରାପ୍ତ ହୋଇ ନ ଥିବାରୁ ଯେଉଁ ସଚ୍ଚିଦାନନ୍ଦ ତତ୍ତ୍ୱ ସର୍ବାବସ୍ଥାରେ ସର୍ବ ସ୍ତରରେ ପରିପୂର୍ଣ୍ଣ ଥାଆନ୍ତି ସେହି ସଚ୍ଚିଦାନନ୍ଦ ତତ୍ତ୍ୱକୁ ଏମାନେ କେବଳ ନିରାକାର ଅଥବା କେବଳ ସାକାର ରୂପେ ଉପଲବ୍ଧି କରନ୍ତି । ଏକ ସଙ୍ଗେ ସାକାର ନିରାକାର ଉଭୟ ଊର୍ଦ୍ଧ୍ୱସ୍ଥ ପୁରୁଷୋତ୍ତମ ତତ୍ତ୍ୱକୁ ଉପଲବ୍ଧି କରି ପାରନ୍ତି ନାହିଁ । ସେହି ସକାଶେ ପୁରାତନ ସମସ୍ତ ଯୋଗରେ ଇଷ୍ଟସିଦ୍ଧି ଭିନ୍ନ ଭିନ୍ନ ରୂପେ ହୁଏ ଏବଂ ସାମ୍ପ୍ରଦାୟିକ ମତଭେଦ ସୃଷ୍ଟି ହୁଏ । ଶ୍ରୀଅରବିନ୍ଦଙ୍କ ଯୋଗରେ ଅତିମାନସ ଚେତନା ସ୍ତରରେ ସଚ୍ଚିଦାନନ୍ଦ ତତ୍ତ୍ୱ ଉପଲବ୍ଧି ହେଉଥିବାରୁ ସେଥିରେ ସମସ୍ତ ପୁରାତନ ଯୋଗର ମତବାଦର ସମନ୍ୱୟ ହୁଏ । ତା ଛଡ଼ା ଅଦ୍ୱୈତବାଦୀ ସାଧକମାନଙ୍କୁ ଯେଉଁ ଜ୍ଞାନ ପ୍ରାପ୍ତ ହୁଏ, ଦ୍ୱୈତବାଦୀ ଭକ୍ତମାନଙ୍କୁ ଯେଉଁ ଭକ୍ତି ପ୍ରାପ୍ତ ହୁଏ ସେସବୁର ଉପଲବ୍ଧି ହୁଏ ଶ୍ରୀଅରବିନ୍ଦ ଯୋଗରେ । ଏହି କାରଣରୁ ପୁରାତନ ସମସ୍ତ ଯୋଗର ସାଧକ ଶ୍ରୀଅରବିନ୍ଦଙ୍କ ଯୋଗ ଗ୍ରହଣ କରି ପାରନ୍ତି । ଏଥିରେହିଁ ହୁଏ ସେମାନଙ୍କ ଲକ୍ଷ୍ୟ ଓ ଜୀବନର ପୂର୍ଣ୍ଣତା । ଜଗତ ଏବଂ ଜୀବନ ସମସ୍ୟାର ସମାଧାନ ।

ପ୍ରଶ୍ନ : ସଚ୍ଚିଦାନନ୍ଦଙ୍କ ସ୍ୱରୂପ କିପରି ?

ଉତ୍ତର : ସଚ୍ଚିଦାନନ୍ଦ ପୂର୍ଣ୍ଣ ଜ୍ଞାନ ସ୍ୱରୂପ, ପୂର୍ଣ୍ଣ ଶକ୍ତି ସ୍ୱରୂପ, ପୂର୍ଣ୍ଣ ଆନନ୍ଦ ସ୍ୱରୂପ । ସଚ୍ଚିଦାନନ୍ଦ ତତ୍ତ୍ୱ ସର୍ବାବସ୍ଥାରେ ପୂର୍ଣ୍ଣ । ଏହି ସଚ୍ଚିଦାନନ୍ଦ ତତ୍ତ୍ୱ ସର୍ବାବସ୍ଥାରେ ସାକାର, ସଗୁଣ, ବ୍ୟକ୍ତିକ ଏବଂ ନିରାକାର, ନିର୍ଗୁଣ, ନୈର୍ବ୍ୟକ୍ତିକ ତଥା ଏହି ସାକାର ନିରାକାର ଊର୍ଦ୍ଧ୍ୱସ୍ଥ ପରାତ୍ପର ପୁରୁଷୋତ୍ତମ ତତ୍ତ୍ୱ । ଏହି ସଚ୍ଚିଦାନନ୍ଦ ତତ୍ତ୍ୱ ଅତିମାନସ ଚେତନା ଭୂମିରେ ଉପଲବ୍ଧି ହୁଅନ୍ତି ।

ଏହାଙ୍କ ମଧ୍ୟରେ ନିହିତ ଥାଏ ସମସ୍ତ କାର୍ଯ୍ୟକାରୀ ଶକ୍ତି ଏହି ଦୃଶ୍ୟମାନ ସମସ୍ତ ସଂସାର ତାଙ୍କରି ସ୍ୱରୂପ । ତାଙ୍କ ଛଡ଼ା ଅନ୍ୟ କିଛି ନାହିଁ । ସାଧକ ଏହି ଅତିମାନସ ଚେତନା ଭୂମିରେ ସମ୍ପୂର୍ଣ୍ଣ ରୂପେ ସମସ୍ତ ସତ୍ତାରେ ସଚ୍ଚିଦାନନ୍ଦ ତତ୍ତ୍ୱ ସହିତ ଏକତ୍ୱ ପ୍ରାପ୍ତ କରିଥାଏ ତଥା ପୃଥକ ରହି ଭଗବତ୍ ଶକ୍ତି ଦ୍ୱାରା ପରିଚାଳିତ ହୁଏ । ଅତିମାନସ ନିମ୍ନଭୂମି-ମାନଙ୍କରେ ଏହା ସମ୍ଭବ ହୁଏ ନାହିଁ ।

ପ୍ରଶ୍ନ : କେଉଁ କେଉଁ ସ୍ତରରେ ଏକହିଁ ସଚ୍ଚିଦାନନ୍ଦ ତତ୍ତ୍ୱ କେଉଁ କେଉଁ ରୂପେ ଅନୁଭୂତ ହୁଅନ୍ତି ସଂକ୍ଷେପରେ ବୁଝାଇ ଦିଅ ?

ଉତ୍ତର : ମାନସରୁ ଉଚ୍ଚତର ମାନସ ଚେତନାର ଶେଷ ସୀମା ତଥା ଅଧିମାନସ ଚେତନା ଆରମ୍ଭ ପର୍ଯ୍ୟନ୍ତ ମାୟାର ଅଧିକାର । ଏହି ସ୍ତରମାନଙ୍କରେ ଭଗବାନ୍ ସଚ୍ଚିଦାନନ୍ଦ ତତ୍ତ୍ୱ ଉପଲବ୍ଧି ହୁଅନ୍ତି ନାହିଁ । ଯାହା ଉପଲବ୍ଧି ହୁଏ ତାହା ସଚ୍ଚିଦାନନ୍ଦ ତତ୍ତ୍ୱର ମାନସିକ କଳ୍ପନା ମାତ୍ର । ଏହି ଚେତନା ଭୂମିକୁ ଶାସ୍ତ୍ର ଅପରାର୍ଦ୍ଧ ନାମ ଦେଇଅଛି ।

ଅଧିମାନସ ଚେତନାରେ ବ୍ୟକ୍ତି ନିଜ ଲକ୍ଷ୍ୟ ଅନୁସାରେ ସେହି ଏକହିଁ ସଚ୍ଚିଦାନନ୍ଦ ତତ୍ତ୍ୱକୁ ସାକାର, ସଗୁଣ, ଶ୍ରୀରାମ, ଶ୍ରୀକୃଷ୍ଣ, ବିଷ୍ଣୁ, ଶିବ, କାଳୀ ରୂପେ ଦେଖେ ଅଥବା ନିର୍ଗୁଣ ନିରାକାର ତତ୍ତ୍ୱ ଉପଲବ୍ଧି କରେ । ଏହି ଚେତନାରେ ଏକହିଁ ସମୟରେ ଏକହିଁ ଦୃଷ୍ଟିରେ ବ୍ୟକ୍ତି ସାକାର ଏବଂ ଉଭୟ ଧର୍ମୀ ପରାତ୍ପର ପୁରୁଷୋତ୍ତମ ତତ୍ତ୍ୱକୁ ଉପଲବ୍ଧି କରିପାରେ ନାହିଁ । ଏହା ହୁଏ ଅତିମାନସ ଚେତନାରେ । ଅଧିମାନସ ସହିତ ତା'ର ଊର୍ଦ୍ଧ୍ୱସ୍ଥ ଚେତନା ଭୂମି ସମୂହକୁ ଶାସ୍ତ୍ର ପରାର୍ଦ୍ଧ ନାମ ଦେଇଅଛି ।

ପ୍ରଶ୍ନ : ତୁମ କହିବାରୁ ସ୍ପଷ୍ଟ ହେଉଛି ସଚ୍ଚିଦାନନ୍ଦ ତତ୍ତ୍ୱ ସମସ୍ତ ପୁରାତନ ଯୋଗର ଇଷ୍ଟ ଶ୍ରୀରାମ, ଶ୍ରୀକୃଷ୍ଣ, ବିଷ୍ଣୁ, ଶିବ, କାଳୀ ତଥା ନିରାକାର ତତ୍ତ୍ୱରେ ଅଖଣ୍ଡ, ଅବିଚ୍ଛିନ୍ନ ରୂପେ ପରିପୂର୍ଣ୍ଣ ଥାଆନ୍ତି । ତେବେ ପୁରାତନ ଯୋଗ ସାଧକମାନେ ଭିନ୍ନ ରୂପେ ଇଷ୍ଟଙ୍କୁ ଉପଲବ୍ଧି କରନ୍ତି କାହିଁକି ଏବଂ ବିବାଦ କରନ୍ତି କାହିଁକି ?

ଉତ୍ତର : ପୁରାତନ ଯୋଗର ସାଧକମାନେ ଅତିମାନସ ଚେତନା ପ୍ରାପ୍ତ ନ ହୋଇ ତା'ର ନିମ୍ନ ଅଧିମାନସ ଭୂମିରେ ସାକାର, ନିରାକାର ଏବଂ ଉଭୟ ଊର୍ଦ୍ଧ୍ୱସ୍ଥ ପରମତତ୍ତ୍ୱ ଏକହିଁ ସମୟରେ, ଏକହିଁ ଦୃଷ୍ଟିରେ ଉପଲବ୍ଧି କରି ପାରନ୍ତି ନାହିଁ । ପୂର୍ବ ନିର୍ଦ୍ଧାରିତ ଲକ୍ଷ୍ୟ ଅନୁସାରେ କେହି ନିରାକାର ରୂପେ, କେହି ରାମ ରୂପେ, କେହି କୃଷ୍ଣ ରୂପେ, କେହି ବିଷ୍ଣୁ

ରୂପେ, କେହି ଶିବ ରୂପେ, କେହି କାଳୀ ରୂପେ ପୃଥକ୍ ପୃଥକ୍ ଦେଖନ୍ତି । ଏହି ଅଧିମାନସ ଚେତନା ଭୂମିର ଶେଷ ସୀମାରେ ଯେଉଁ ବ୍ୟକ୍ତିମାନେ ପୃଥକ୍ ଇଷ୍ଟ ଉପଲବ୍ଧି କରନ୍ତି ସେମାନେ ସଚ୍ଚିଦାନନ୍ଦଙ୍କ ସ୍ୱରୂପର ଝଲକ ବା ଆଭାସ ପାଇପାରି ଥାଆନ୍ତି । କାରଣ ଅଧିମାନସ ଶେଷ ସୀମାରେ ଅତିମାନସ ଚେତନାର କିଛି ପ୍ରଭାବ ପଡ଼ିଥାଏ । କିନ୍ତୁ ସଚ୍ଚିଦାନନ୍ଦଙ୍କ ପୂର୍ଣ୍ଣ ଉପଲବ୍ଧି ନ ହେବା ଯୋଗୁଁ ସେମାନେ ଭିନ୍ନ ଭିନ୍ନ ଇଷ୍ଟଙ୍କ ସମନ୍ୱୟ କରି ପାରନ୍ତି ନାହିଁ । କିନ୍ତୁ ସିଦ୍ଧାନ୍ତ ପ୍ରତିପାଦନ କରିବା ସମୟରେ ଉପଲବ୍ଧି ଇଷ୍ଟ ବା ତତ୍ତ୍ୱକୁ ସର୍ବଶ୍ରେଷ୍ଠ ମାନନ୍ତି । ଅନ୍ୟ ଉପଲବ୍ଧିକୁ ନିମ୍ନ ବା ମାୟା କୁହନ୍ତି କିନ୍ତୁ ନିଜ ଉପଲବ୍ଧି ତତ୍ତ୍ୱକୁ ସଚ୍ଚିଦାନନ୍ଦ ବୋଲି ଘୋଷଣା କରନ୍ତି । ଏହା ବରାବର ଦେଖାଯାଏ ଆଚାର୍ଯ୍ୟମାନଙ୍କ ସାହିତ୍ୟରେ । ସେମାନଙ୍କ ଅନୁଯାୟୀ ସାଧକମାନେ, ଯେଉଁମାନେ ଅଧିମାନସ ଚେତନା ଭୂମିର ପ୍ରାନ୍ତରେ ପହୁଞ୍ଚି ନ ଥା'ନ୍ତି ସେମାନେ ସଚ୍ଚିଦାନନ୍ଦଙ୍କ ଝଲକ ଏକେବାରେ ପାଆନ୍ତି ନାହିଁ । ସେହି ସକାଶେ ସେମାନେ ନିଜ ଉପଲବ୍ଧି ଛଡ଼ା ଅନ୍ୟ ସବୁ ଉପଲବ୍ଧିକୁ ମିଥ୍ୟା ମାୟା ବୋଲି ଘୋଷଣା କରନ୍ତି ।

ଅଧିମାନସର ନିମ୍ନ ମାନସ ପର୍ଯ୍ୟନ୍ତ ମାୟା ଅଧିକୃତ ମାନସ ଚେତନା ଭୂମି । ଏହି ମାନସ ସ୍ତରରେ ମଧ୍ୟ ସଚ୍ଚିଦାନନ୍ଦ ପରିପୂର୍ଣ୍ଣ ରୂପେ ବିଦ୍ୟମାନ ଥାଆନ୍ତି । କିନ୍ତୁ ଏହି ମାନସ ଭୂମି ମାୟାରେ ଅଧିକୃତ ଥାଏ ଏବଂ ବ୍ୟକ୍ତି ମାୟାରେ ଆବୃତ ଥାଏ । ସେହି ସକାଶେ ସଚ୍ଚିଦାନନ୍ଦ ତତ୍ତ୍ୱ ଉପଲବ୍ଧ ହୁଅନ୍ତି ନାହିଁ । ବ୍ୟକ୍ତି କେବଳ ସୀମିତ ମାନସରେ କଳ୍ପନା କରେ । କେତେକ ସାଧକ ମନ, ପ୍ରାଣ, ଶରୀର ସମ୍ବନ୍ଧ ଆତ୍ମାଠାରୁ ପୃଥକ୍ କରି ଦିଅନ୍ତି । ଜାଗତିକ ଦୃଶ୍ୟମାନ ବସ୍ତୁକୁ ମିଥ୍ୟା ମାୟା ଅନୁଭବ କରି ଦୃଶ୍ୟମାନ ବସ୍ତୁ ପଶ୍ଚାତରେ ସଚ୍ଚିଦାନନ୍ଦ ତତ୍ତ୍ୱକୁ କେବଳ ଗୋଟିଏ ନିରାକାର ବ୍ୟାପକ ସତ୍ତାରୂପେ ଉପଲବ୍ଧି କରି ନିଜର ବ୍ୟକ୍ତିତ୍ୱ ସେଥିରେ ଲୟ କରିଦିଅନ୍ତି ।

ପ୍ରଶ୍ନ : କେଉଁ ସାଧକମାନେ ଅଧିମାନସ ଚେତନା ସ୍ତରରେ ଇଷ୍ଟଙ୍କୁ ଉପଲବ୍ଧି କରନ୍ତି ଓ କେଉଁ ସାଧକମାନେ ସେହି ସ୍ତରରେ ନିରାକାର ତତ୍ତ୍ୱରେ ଲୀନ ହୋଇ ଯାଆନ୍ତି ?

ଉତ୍ତର : ସର୍ବାବସ୍ଥାରେ, ସର୍ବ ସମୟରେ ଏକରସ ଥିବା ସାକାର ଏବଂ ନିରାକାର ଏହି ଉଭୟ ଊର୍ଦ୍ଧ୍ୱସ୍ଥ ପୁରୁଷୋତ୍ତମ ତତ୍ତ୍ୱକୁ ଭକ୍ତ ସାଧକମାନେ ଅଧିମାନସ ଚେତନାରେ ଉପଲବ୍ଧି କରନ୍ତି କେବଳ ସଗୁଣ, ଶ୍ରୀରାମ, ଶ୍ରୀକୃଷ୍ଣ, ବିଷ୍ଣୁ, ଶିବ ଓ ଦୁର୍ଗା ରୂପେ, ଏହି ସଗୁଣ ରୂପରେ ତତ୍ତ୍ୱତଃ ସଚ୍ଚିଦାନନ୍ଦ ତତ୍ତ୍ୱ ବିଦ୍ୟମାନ ଥିବା ସତ୍ତ୍ୱେ ଏହି ଅଧିମାନସ ଚେତନା ଭୂମିରେ ତାହା ଉପଲବ୍ଧ ହୁଏ ନାହିଁ ।

ଯେଉଁ ଜ୍ଞାନୀ ଅଦ୍ୱୈତବାଦୀ ସାଧକମାନେ ମାନସ ଚେତନା ସମୂହ ମଧ୍ୟ ଦେଇ ଏହି ଅଧିମାନସ ଚେତନା ଭୂମିରେ ଉପନୀତ ହୁଅନ୍ତି ସେମାନଙ୍କ ସାକ୍ଷୀ ଆତ୍ମା ସଚ୍ଚିଦାନନ୍ଦଙ୍କର ନିରାକାର ତତ୍ତ୍ୱରେ ଲୀନ ହୋଇଯାଏ । ଭଗବାନଙ୍କ ସଗୁଣ ବ୍ୟକ୍ତ ରୂପକୁ ପୃଥକ୍ ମାନି ଭିନ୍ନ ଭିନ୍ନ ରୂପରେ ଭଗବାନଙ୍କୁ ଭକ୍ତି କରୁଥିବା ଦ୍ୱୈତବାଦୀ ସାଧକମାନେ ମାନସ ସ୍ତର ସମୂହ ମଧ୍ୟ ଦେଇ ଅଧିମାନସ ଚେତନା ଭୂମିରେ ଭଗବାନଙ୍କୁ ଉପଲବ୍ଧି କରନ୍ତି । ଏମାନେ କ୍ରମଶଃ ମାନସ ଚେତନା ସ୍ତର ମଧ୍ୟ ଦେଇ ଯାତ୍ରା କରିବାରୁ ସେହିସବୁ ସ୍ତର ସହିତ କିଛି ଅଂଶରେ ସମ୍ବନ୍ଧ ରହିଥାଏ, ସେହି କାରଣରୁ ଏମାନଙ୍କର ଇଷ୍ଟ ଉପଲବ୍ଧିର କିଛି ପ୍ରଭାବ ମାନସ ସ୍ତରରେ ପଡ଼େ ଏବଂ ଏମାନେ ନିଜ ଉପଲବ୍ଧିକୁ କିଛି ଅଂଶରେ ମାନସ ଚେତନା ଦ୍ୱାରା ବ୍ୟକ୍ତ କରିପାରନ୍ତି । କିନ୍ତୁ ଅତିମାନସ ଚେତନା ପ୍ରାପ୍ତ ହୋଇ ନ ଥିବାରୁ ତା'ର ନିମ୍ନ ଚେତନା ଭୂମି ତଥା ମନ, ପ୍ରାଣ, ଶରୀର ରୂପାନ୍ତରର କଳ୍ପନା କରି ପାରନ୍ତି ନାହିଁ । ଜଗତକୁ ସତ୍ୟ ମାନି ମଧ୍ୟ ଅଦ୍ୱୈତବାଦୀ ସାଧକ ସଦୃଶ ଜଗତ ତଥା ଶରୀର ତ୍ୟାଗ କରି ଭଗବତ ପ୍ରାପ୍ତି କରନ୍ତି ।

ଅଦ୍ୱୈତବାଦୀ ସାଧକମାନଙ୍କର ସାଧନାର ମାର୍ଗ ଦୁଇଟି; ଗୋଟିଏ ଭକ୍ତି ମାର୍ଗ, ଅନ୍ୟଟି ଜ୍ଞାନ ବା ବିଚାର ମାର୍ଗ ।

ବିଚାର ମାର୍ଗର ସାଧକ ସମସ୍ତ ଦୃଶ୍ୟମାନ ବସ୍ତୁକୁ ମିଥ୍ୟା ମାୟା ଓ ଅଳୀକ ବୋଲି ଧାରଣା କରନ୍ତି । ମନରେ ଯେଉଁ ବିଚାର ଆସେ, ଯେଉଁ ଦୃଶ୍ୟମାନ ବସ୍ତୁ ଦୃଷ୍ଟି ଗୋଚର ହୁଏ ତଥା ନିଜ ମନ ପ୍ରାଣ ଶରୀରକୁ ବି ମିଥ୍ୟା ମାୟା ଧାରଣାରେ ପ୍ରତ୍ୟାଖ୍ୟାନ କରନ୍ତି । ସେମାନେ ଅନ୍ତରାତ୍ମାର (Psychic being) ସନ୍ଧାନ ପାଇବାକୁ ଚେଷ୍ଟା କରନ୍ତି

ନାହିଁ । ଏହି ବିଚାର ଦ୍ୱାରା ସେମାନଙ୍କ ମନ, ପ୍ରାଣ, ଶରୀରରେ ଥିବା ଅହଂବୋଧ ଅର୍ଥାତ୍ ଶରୀରକୁ 'ମୁଁ' ମାନିଥିବା ଧାରଣା ଦୂର ହୋଇଯାଏ । ରହିଯାଏ କେବଳ ବ୍ୟକ୍ତି ଊର୍ଦ୍ଧ୍ୱସ୍ଥ ଆତ୍ମା । ଶ୍ରୀଅରବିନ୍ଦ ଏହାକୁ କହିଛନ୍ତି ମସ୍ତକ ଊର୍ଦ୍ଧ୍ୱସ୍ଥ ଜୀବ ଆତ୍ମା । ଉପନିଷଦରେ ଏହି ତତ୍ତ୍ୱକୁ ବୃକ୍ଷର ଫଳ ଅଭୋକ୍ତା ପକ୍ଷୀ-ସାକ୍ଷୀର ଉପମା ଦିଆ ହୋଇଅଛି । ବିଚାର ଦ୍ୱାରା ଅହଂ ବୋଧ ଦୂର ହେବାରୁ ମନ, ପ୍ରାଣ, ଶରୀର ସମ୍ବନ୍ଧ ବିଚ୍ଛେଦ ହୋଇଥାଏ । ବାକି ରହେ କେବଳ ଶରୀର ଊର୍ଦ୍ଧ୍ୱସ୍ଥ ନୈର୍ବ୍ୟକ୍ତିକ ଆତ୍ମା । ଏହାହିଁ ସମାଧି ଅବସ୍ଥା । ଏଥିରେ ଅନୁଭୂତ ହେବ ଯେଉଁ ସତ୍ତା, ଅନୁଭବ କରିବ ମଧ୍ୟ ସେହି ଏକହିଁ ସତ୍ତା-ଆତ୍ମା । ଅନୁଭୂତ ଏବଂ  ଅନୁଭବ କରିବା ସତ୍ତା ପୃଥକ୍ ନ ଥିବାରୁ ଅନୁଭବ ବିଷୟ ଅଜ୍ଞାତ ଏବଂ ଅପ୍ରକାଶ୍ୟ ରହିଥାଏ । ଏମାନଙ୍କର ସାକ୍ଷୀ ଆତ୍ମା ସଚ୍ଚିଦାନନ୍ଦ ତତ୍ତ୍ୱରେ ଏକ ହୁଏ ବା କେବଳ ନିରାକାର ସତ୍ତାରେ ଲୀନ ହୁଏ — ଏହା ନିଶ୍ଚିତରୂପେ କହିବା କଠିନ । ଯାହାବି ହେଉ, ନିରାକାର ସତ୍ତା ତତ୍ତ୍ୱତଃ ସଚ୍ଚିଦାନନ୍ଦ ତତ୍ତ୍ୱ । ଏମାନଙ୍କର ଶରୀର ଜୀବିତ ଥିବାରୁ ମନ, ପ୍ରାଣ ଥାଏ । କିନ୍ତୁ ଆନ୍ତରିକ ବା ସୂକ୍ଷ୍ମ ସମ୍ବନ୍ଧ ନ ଥାଏ । ସେ ସକାଶେ ଆତ୍ମଅନୁଭୂତିର ଦୂରର ପ୍ରଭାବ ଅସ୍ପଷ୍ଟ ଭାବେ କିଛି ସାମାନ୍ୟ ଅଂଶରେ ମନ, ପ୍ରାଣରେ ପଡ଼େ । ମନ ସ୍ପଷ୍ଟ ବୁଝି ନ ପାରି ଗୋଟିଏ ଆନନ୍ଦ ଅବସ୍ଥା ବୋଲି ବ୍ୟାଖ୍ୟା କରେ । ଅଦ୍ୱୈତବାଦୀ ଜ୍ଞାନୀମାନଙ୍କୁ ଯଥାର୍ଥରେ କ'ଣ ଅନୁଭୂତ ହୁଏ ଏହା ସ୍ପଷ୍ଟ, ଅସନ୍ଦିଗ୍ଧ ଓ ନିଶ୍ଚିତରୂପେ ଅନୁଭବ କରନ୍ତି, ଜାଣନ୍ତି ଓ ବ୍ୟାଖ୍ୟା କରି ପାରନ୍ତି କେବଳ ଅତିମାନସ ଚେତନା ପ୍ରାପ୍ତ ଯୋଗୀମାନେ । ସେମାନଙ୍କର ମନ, ପ୍ରାଣ, ଶରୀର ରୂପାନ୍ତରିତ ହୋଇଥାଏ ଅତିମାନସ ବିଜ୍ଞାନ ଚେତନା ଗୁଣଧର୍ମରେ । ରୂପାନ୍ତରିତ ମନ ଅନୁଭବ କରିଥିବା ଅତିମାନସ ବିଜ୍ଞାନରୁ ପୃଥକ୍ ନ ଥାଏ । ସେ'ନେଇ ସେ ଅନୁଭୂତି ଅଜ୍ଞାତ ରହେ ନାହିଁ ।

ଅଦ୍ୱୈତବାଦୀ ଜ୍ଞାନୀମାନଙ୍କ ଅନୁଭୂତି ଯାହାବି ହେଉ ତାହା ବ୍ୟକ୍ତିଗତ ମୁକ୍ତି । ସେଥିରେ ସଂସାରର ଦୁଃଖ ଦ୍ୱନ୍ଦ୍ୱ ଦୂର ହୁଏ ନାହିଁ କିଂବା ଏହି ଜଗତର ସମସ୍ୟା ସମାଧାନ ହୁଏ ନାହିଁ । ଯେଉଁଠାରୁ ଆସି ଥାଆନ୍ତି ସେହିଠାକୁ ଫେରି ଯାଆନ୍ତି ।

ଏହି ଜ୍ଞାନୀ ସାଧକମାନଙ୍କ ମଧ୍ୟରୁ (ବିଶେଷତଃ କେତେକ ତନ୍ତ୍ର ସାଧକ) ଯେଉଁମାନେ ସଚ୍ଚିଦାନନ୍ଦ ତତ୍ତ୍ୱକୁ ନିରାକାର ରୂପେ ଲକ୍ଷ୍ୟ ରଖି ଥାଆନ୍ତି ସେମାନେ ଏହାର ପ୍ରାପ୍ତିର ଉପାୟ ରୂପେ ଗ୍ରହଣ କରିଥାଆନ୍ତି ଭକ୍ତିକୁ । ଯଦି ଏମାନେ ଶେଷ ଉପଲବ୍ଧି ପର୍ଯ୍ୟନ୍ତ ଦୃଢ଼ତା ସହିତ ଭକ୍ତି ମାର୍ଗରେ ଯାତ୍ରା କରି ଥାଆନ୍ତି, ତେବେ ଏମାନଙ୍କର ଅନ୍ୟ  ଜ୍ଞାନୀ ସାଧକଙ୍କ ସଦୃଶ ମନ, ପ୍ରାଣ, ଶରୀର ସମ୍ବନ୍ଧ ତ୍ୟାଗ କରିବା ଦ୍ୱାରା ସମାଧି ଅବସ୍ଥାରେ କେବଳ ଶରୀର ଊର୍ଦ୍ଧ୍ୱସ୍ଥ ବ୍ୟାପକ ନିର୍ବିଶେଷ ଆତ୍ମା ବାକି ରହିଯାଏ ନାହିଁ । ଏମାନେ ମାନସ, ଚେତନାସ୍ତର ସମୂହ ମଧ୍ୟ ଦେଇ ଅଧିମାନସ ଚେତନାରେ ଉପନୀତ ହୁଅନ୍ତି । ଅର୍ଥାତ୍ ତାଙ୍କ ଚେତନା ଅଧିମାନସ ଚେତନା ସ୍ତରରେ ପହୁଞ୍ଚେ । ସେମାନଙ୍କ ପୂର୍ବରୁ ନିରାକାର ତତ୍ତ୍ୱ ଲକ୍ଷ୍ୟ ଥିବାରୁ ଅଧିମାନସ ଚେତନା ଭୂମିର ଗୁଣଧର୍ମ ଅନୁସାରେ ସେମାନଙ୍କ ଚେତନା ସଚ୍ଚିଦାନନ୍ଦଙ୍କର କେବଳ ନିରାକାର ତତ୍ତ୍ୱରେ ଲୀନ ହୋଇଯାଏ । ଶେଷରେ ରହିଯାଏ କେବଳ ନିରାକାର ତତ୍ତ୍ୱ । ମନ, ପ୍ରାଣ, ଶରୀର ତଥା ଦୃଶ୍ୟମାନ ସମସ୍ତ ବସ୍ତୁ ମିଥ୍ୟା ମାୟା ବୋଲି ପ୍ରତୀତ ହୁଏ । କିନ୍ତୁ ଏମାନେ ମାନସ ସ୍ତର ସମୂହ ମଧ୍ୟ ଦେଇ ଯାତ୍ରା ବା ସାଧନା କରିଥିବାରୁ ଅନୁଭୂତି ପ୍ରାପ୍ତ ଅଧିମାନସ ଚେତନା ସ୍ତର ସହିତ ଏହି ମାନସ ସ୍ତର ସମୂହର କିଛି ସମ୍ବନ୍ଧ ଥାଏ । ପ୍ରଥମ ଆଲୋଚିତ ଜ୍ଞାନୀ ସାଧକଙ୍କ ଅପେକ୍ଷା ଏମାନଙ୍କ ଅନୁଭୂତିର ପ୍ରଭାବ ମନ, ପ୍ରାଣ, ଶରୀରରେ କିଛି ଅଧିକ ପଡ଼ିଥାଏ ଏବଂ ଏମାନେ କିଛି ଅଂଶରେ ଏହାକୁ ମନରେ ପ୍ରକାଶ କରି ପାରନ୍ତି ।

ଭକ୍ତ ସାଧକମାନଙ୍କ ସଚ୍ଚିଦାନନ୍ଦ ତତ୍ତ୍ୱକୁ ସାକାର, ସଗୁଣ ରୂପେ ଲକ୍ଷ୍ୟ ରଖି ଉପାସନା କରନ୍ତି । ସେମାନେ ପୂର୍ବ ବର୍ଣ୍ଣିତ ମାନସ ସ୍ତର ସମୂହ ମଧ୍ୟ ଦେଇ ଅଧିମାନସ ଚେତନାରେ ନିଜ ନିଜ ଲକ୍ଷ୍ୟ ଏବଂ ଉପାସନା ଅନୁସାରେ ଶ୍ରୀରାମ, ଶ୍ରୀକୃଷ୍ଣ, ବିଷ୍ଣୁ, ଶିବ, କାଳୀରୂପେ ସଚ୍ଚିଦାନନ୍ଦଙ୍କ ସଗୁଣ ସ୍ୱରୂପ ଉପଲବ୍ଧି କରନ୍ତି । ନିରାକାର ତତ୍ତ୍ୱର ସନ୍ଧାନ ପାଆନ୍ତି ନାହିଁ । କିନ୍ତୁ ଏହି ଭକ୍ତ ସାଧକମାନେ ଯଦି ସଚ୍ଚିଦାନନ୍ଦଙ୍କ ନିରାକାର ତତ୍ତ୍ୱ ଉପଲବ୍ଧି କରିବାକୁ ଚାହାନ୍ତି ତେବେ ଏହି ଅଧିମାନସ ସ୍ତରରେ ନିରାକାର ତତ୍ତ୍ୱ ବି ଉପଲବ୍ଧି କରନ୍ତି । ଭକ୍ତ ସାଧକ କବୀର, ନାମଦେବ, ଜ୍ଞାନଦେବ ତଥା ରାମକୃଷ୍ଣ ପରମହଂସ ଆଦି ବହୁତ ଭକ୍ତ ସାଧକ ମହାପୁରୁଷମାନେ ଏହି ଅଧିମାନସ ଚେତନା ସ୍ତରରେ ସଗୁଣ, ସାକାର

ଓ ନିର୍ଗୁଣ ନିରାକାରଙ୍କୁ ଭିନ୍ନ ଭିନ୍ନ ଦୃଷ୍ଟିରେ, ଭିନ୍ନ ଭିନ୍ନ ସମୟରେ ଉପଲବ୍ଧି କରିଛନ୍ତି । ଏହି ସ୍ତରରେ ଏକହିଁ ଦୃଷ୍ଟିରେ ଏକହିଁ ସମୟରେ ସାକାର ଏବଂ ନିରାକାର ଉଭୟ ସତ୍ତା ଉପଲବ୍ଧ ହୁଅନ୍ତି ନାହିଁ । ସଚ୍ଚିଦାନନ୍ଦ ତତ୍ତ୍ୱକୁ ସାକାର ରୂପେ ଦେଖିଲେ ତାଙ୍କ ନିରାକାର ତତ୍ତ୍ୱ ବାକି ରହିଯାଏ ଓ ତାଙ୍କ ନିରାକାର ତତ୍ତ୍ୱ ଉପଲବ୍ଧିରେ ସାକାର ଅଦୃଶ୍ୟ ରହେ । ସଚ୍ଚିଦାନନ୍ଦଙ୍କ ସାକାର ଏବଂ ନିରାକାର ତଥା ପୁରୁଷୋତ୍ତମ ତତ୍ତ୍ୱ ଏକ ସଙ୍ଗେ ଉପଲବ୍ଧ ହୁଅନ୍ତି କେବଳ ଅତିମାନସ ଚେତନା ଭୂମିରେ ।

ପ୍ରଶ୍ନ : ପୂର୍ବ ଯୋଗ ଅନୁଭୂତି ଏବଂ ସାମ୍ପ୍ରଦାୟିକ ସିଦ୍ଧାନ୍ତ ଦ୍ୱାରା ବ୍ରହ୍ମ ବିଚାର ଏପରି ଜଟିଳ ହୋଇ ଯାଇଛି ଯେ ତାହା ବୁଝିବା ବହୁତ କଠିନ ହୋଇ ପଡ଼ିଛି । ସେହି ସକାଶେ ଏକହିଁ ବିଷୟରେ ବାରଂବାର ପ୍ରଶ୍ନ ଏବଂ ଉତ୍ତର ହେଉଛି । ଗୋଟିଏ ବିଷୟ ବାରଂବାର ପୁନରାବୃତ୍ତି କରିବା ଯଦିଓ ଉଚିତ ନୁହେଁ ତଥାପି ଜଟିଳତା ଦୂର କରିବା ସକାଶେ ପୁନରୁକ୍ତିକୁ ବିଚାର ନ କରି ବୁଝାଇ ଦିଅନ୍ତୁ ।

ଏକହିଁ ସଚ୍ଚିଦାନନ୍ଦ ପରଂବ୍ରହ୍ମ ଶ୍ରୀରାମ, ଶ୍ରୀକୃଷ୍ଣ, ବିଷ୍ଣୁ, ଶିବ ଓ ଦୁର୍ଗା ଆଦି ରୂପେ ପ୍ରଘଟ ହୋଇ ଅଛନ୍ତି । ଏମାନଙ୍କ ମଧ୍ୟରେ ଯେପରି ଆମ୍ଭେମାନେ ସଚ୍ଚିଦାନନ୍ଦ ତତ୍ତ୍ୱ ଦେଖିପାରୁ ନାହିଁ ସେହିପରି ସଂସାରର ଦୃଶ୍ୟମାନ ବସ୍ତୁ ମଧ୍ୟରେ ମଧ୍ୟ ସଚ୍ଚିଦାନନ୍ଦ ତତ୍ତ୍ୱ ଉପଲବ୍ଧି କରିପାରୁ ନାହିଁ । ଚେତନାର ଅତିମାନସ ସ୍ତରରେ ଯେପରି ସଗୁଣ ବ୍ରହ୍ମଙ୍କ ମଧ୍ୟରେ ସଚ୍ଚିଦାନନ୍ଦଙ୍କୁ ଉପଲବ୍ଧି କରୁ ସେହିପରି ଦୃଶ୍ୟମାନ ବହୁ ମଧ୍ୟରେ ବି ସଚ୍ଚିଦାନନ୍ଦଙ୍କୁ ଅନୁଭବ କରୁ । ତେବେ ଶ୍ରୀରାମ, ଶ୍ରୀକୃଷ୍ଣ, ବିଷ୍ଣୁ, ଶିବ ଓ ଦୁର୍ଗା ତଥା ଆମ୍ଭମାନଙ୍କ ମଧ୍ୟରେ ପ୍ରଭେଦ କ'ଣ ?

ଉତ୍ତର : ଆମ୍ଭମାନଙ୍କ ମନ, ପ୍ରାଣ, ଶରୀର ସଚ୍ଚିଦାନନ୍ଦଙ୍କ ବିକୃତ ରୂପ ଏବଂ ନାଶବାନ୍ । ଶ୍ରୀରାମ, ଶ୍ରୀକୃଷ୍ଣାଦି ମନ, ପ୍ରାଣ, ଶରୀରହିଁ ସଚ୍ଚିଦାନନ୍ଦ ତତ୍ତ୍ୱ-ଅବିକୃତ । ଆମ୍ଭେମାନେ ମାୟାର ଦାସ, ତା' ହାତର କାଠପିତୁଳି । ମାୟାର ଅନ୍ତର୍ଗତ ଅଜ୍ଞାନ । ସେମାନେ ମାୟାର ସ୍ୱାମୀ, ପ୍ରଭୁ, ନିର୍ଦ୍ଦେଶକ ତଥା ନିୟାମକ । ଏହାହିଁ ସଗୁଣ ବ୍ରହ୍ମ ଏବଂ ଆମ୍ଭମାନଙ୍କ ମଧ୍ୟରେ ପାର୍ଥକ୍ୟ; ଏକହିଁ ସଚ୍ଚିଦାନନ୍ଦ ତତ୍ତ୍ୱ ଶ୍ରୀରାମ, ଶ୍ରୀକୃଷ୍ଣ, ବିଷ୍ଣୁ, ଶିବ, ଦୁର୍ଗା ରୂପେ ସାକେତ, ଗୋଲୋକ, ବୈକୁଣ୍ଠ, କୈଳାସ ପ୍ରଭୃତି ଦିବ୍ୟ ଧାମମାନଙ୍କରେ ଭିନ୍ନ ଭିନ୍ନ ଦିବ୍ୟ ରୂପରେ ପ୍ରଘଟ ହୋଇଥାଆନ୍ତି । ଅର୍ଥାତ୍ ସେମାନଙ୍କ ଶରୀର, ମନ, ପ୍ରାଣ ସମସ୍ତରେ ଦିବ୍ୟତ୍ୱ ଥାଏ । ସେ ସ୍ତରରେ ମାୟା, ଅଜ୍ଞାନ, ମୃତ୍ୟୁ ଓ ରୋଗ ଆଦିର ସୂର୍ଯ୍ୟ ସମ୍ମୁଖରେ ଅନ୍ଧକାର ସଦୃଶ ସର୍ବଦା ଅଭାବ ଥାଏ । ଏହି ସଗୁଣ ବ୍ରହ୍ମ ଯଥାର୍ଥରେ ସଚ୍ଚିଦାନନ୍ଦତତ୍ତ୍ୱ ।

ପ୍ରଶ୍ନ : ସାକେତ, ଗୋଲୋକ, ବୈକୁଣ୍ଠ, କୈଳାସରେ ଯେଉଁ ସଗୁଣ ବ୍ରହ୍ମ ବିଦ୍ୟମାନ ସେମାନେ ସଚ୍ଚିଦାନନ୍ଦ ତତ୍ତ୍ୱ । କିନ୍ତୁ ସେହି ସଗୁଣ ବ୍ରହ୍ମ ଏହି ପୃଥିବୀରେ ମନୁଷ୍ୟ ଶରୀରରେ ଅବତାର ନିଅନ୍ତି । ଆମ୍ଭମାନଙ୍କ ସଦୃଶ ଶରୀର ଗ୍ରହଣ କରନ୍ତି, ରୋଗ, ବୃଦ୍ଧତ୍ୱ ଓ ମୃତ୍ୟୁକୁ ସ୍ୱୀକାର କରନ୍ତି । ତେବେ ତାଙ୍କ ଓ ଆମ୍ଭମାନଙ୍କ ମଧ୍ୟରେ ପ୍ରଭେଦ କ'ଣ ?

ଉତ୍ତର : ଆମ୍ଭେମାନେ ଜେଲଖାନାର କଏଦୀ ସଦୃଶ ମାୟା, ଅଜ୍ଞାନ ଓ ମୃତ୍ୟୁର ଅଧୀନ; ଅବତାରମାନେ ଜେଲଖାନାର ବ୍ୟବସ୍ଥାପକ ସଦୃଶ ମାୟା, ଅଜ୍ଞାନ ଓ ମୃତ୍ୟୁର ସ୍ୱାମୀ ।

ଅବତାରମାନେ ଆମ୍ଭମାନଙ୍କୁ ବିକାଶ ମାର୍ଗରେ ଅଗ୍ରସର କରାଇ ଦେବା ସକାଶେ ସ୍ୱଇଚ୍ଛାରେ ଆମ୍ଭମାନଙ୍କ ସଦୃଶ ଶରୀର, ମନ, ପ୍ରାଣକୁ ଗ୍ରହଣ କରନ୍ତି ଏବଂ ଆମ୍ଭମାନଙ୍କ ସଦୃଶ କର୍ମ କରନ୍ତି । କିନ୍ତୁ ସେମାନେ ନିବାସ କରନ୍ତି ସେମାନଙ୍କ ନିଜସ୍ୱ ଭାଗବତ ଚେତନାରେ । ସେମାନଙ୍କର ଭାଗବତ ଚେତନା ଓ ମାନୁଷୀ ଚେତନା ଉଭୟ ଥାଏ । କାର୍ଯ୍ୟର ଆବଶ୍ୟକତା ଅନୁସାରେ ଭିନ୍ନ ଭିନ୍ନ ଚେତନାରେ କାର୍ଯ୍ୟ କରନ୍ତି । ଏହି କାରଣରୁ ଦିବ୍ୟ ଧାମର ସଗୁଣ ବ୍ରହ୍ମ ଓ ଏହି ପୃଥିବୀର ଭଗବତ୍ ଅବତାର ମଧ୍ୟରେ କୌଣସି ପ୍ରଭେଦ ନ ଥାଏ । ଏହି ପୃଥିବୀରେ ସେମାନଙ୍କ କାର୍ଯ୍ୟ ଶେଷ ହେଲେ ସ୍ୱଇଚ୍ଛାରେ ସେମାନେ ଏହି ପୃଥିବୀର ନିୟମ ସ୍ୱୀକାର କରି ଏ ପାର୍ଥିବ ସଂସାର ତ୍ୟାଗ କରନ୍ତି ।

ପ୍ରଶ୍ନ : ଏହି ଆଲୋଚନାରୁ ସ୍ପଷ୍ଟ ବୁଝାଗଲା ଶ୍ରୀରାମ, ଶ୍ରୀକୃଷ୍ଣ, ବିଷ୍ଣୁ, ଶିବ ଓ ଦୁର୍ଗା ଏକହିଁ ସଚ୍ଚିଦାନନ୍ଦ ତତ୍ତ୍ୱ ଭିନ୍ନ ଭିନ୍ନ ରୂପରେ ପ୍ରଘଟ ହୋଇ ଅଛନ୍ତି । ଶ୍ରୀମା ଶ୍ରୀଅରବିନ୍ଦ ମଧ୍ୟ ସେହି ଏକହିଁ ସଚ୍ଚିଦାନନ୍ଦଙ୍କ ସ୍ୱରୂପ । ତେବେ ମନ, ପ୍ରାଣ, ଶରୀର ରୂପାନ୍ତର ଓ ସଚ୍ଚିଦାନନ୍ଦଙ୍କୁ ସମସ୍ତ ସତ୍ତାରେ ଉପଲବ୍ଧି କରିବା ସକାଶେ ଶ୍ରୀଅରବିନ୍ଦଙ୍କ ଯୋଗ ଗ୍ରହଣ

କରିବାକୁ ହେଲେ ପୁରାତନ ଯୋଗର ସାଧକମାନଙ୍କୁ ନିଜ ଇଷ୍ଟ ଶ୍ରୀରାମ, ଶ୍ରୀକୃଷ୍ଣ, ବିଷ୍ଣୁ, ଶିବ, ଦୁର୍ଗାଙ୍କୁ ଛାଡ଼ି ଶ୍ରୀମା ଶ୍ରୀଅରବିନ୍ଦଙ୍କୁ ଗ୍ରହଣ କରିବା ଆବଶ୍ୟକ କ'ଣ ?

ଉତ୍ତର : ଆବଶ୍ୟକ ହୁଏ ଇଷ୍ଟରେ ଭେଦଭାବ ଯୋଗୁଁ, ସମସ୍ତ ପୁରାତନ ଯୋଗର ଇଷ୍ଟ ଏବଂ ଶ୍ରୀମା ଶ୍ରୀଅରବିନ୍ଦଙ୍କୁ ଯଦି ଏକହିଁ ସଚ୍ଚିଦାନନ୍ଦ ତତ୍ତ୍ୱ ମାନୁଛ ତେବେ ପ୍ରଶ୍ନ କରୁଛ କାହିଁକି ? ମନରେ ଦ୍ୱନ୍ଦ୍ୱ ଥିବାରୁ ପ୍ରଶ୍ନ କରୁଛ । ଏହାହିଁ ମାନସ ଚେତନାରେ ସ୍ୱଧର୍ମ ବିଭେଦତା । ଏହି ବିଭେଦ ଥିବା ଯୋଗୁଁ ପୁରାତନ ସାଧକମାନଙ୍କୁ ଅତିମାନସ ଚେତନାରେ ପହଞ୍ଚିବାକୁ ହେଲେ ଶ୍ରୀଅରବିନ୍ଦଙ୍କ ଯୋଗ ଏବଂ ମା' ଶ୍ରୀଅରବିନ୍ଦଙ୍କୁ ଗ୍ରହଣ କରିବା ଉଚିତ ।

ପ୍ରଶ୍ନ : ତୁମେ କହିଲ ବ୍ୟକ୍ତିର ମନ, ପ୍ରାଣ, ଶରୀର ଭାଗବତ ଧର୍ମରେ ରୂପାନ୍ତର ନ ହେଲେ ଆତ୍ମାଦ୍ୱାରା ଅନୁଭୂତ ସଚ୍ଚିଦାନନ୍ଦ ତତ୍ତ୍ୱ ମନ ବୁଝିପାରେ ନାହିଁ କିଂବା ପ୍ରକାଶ କରି ପାରେ ନାହିଁ । ଏହା ବି କହିଲ ଯେ ଆଜି ପର୍ଯ୍ୟନ୍ତ କୌଣସି ବ୍ୟକ୍ତିର ମନ, ପ୍ରାଣ, ଶରୀର ରୂପାନ୍ତର ହୋଇ ନାହିଁ । ତୁମ କହିବା ଯଦି ସତ୍ୟ ହୁଏ ତେବେ ସାକାର ନିରାକାର ଏକହିଁ ସଙ୍ଗେ ଉଭୟଙ୍କ ଧର୍ମ ପୁରୁଷୋତ୍ତମ ସଚ୍ଚିଦାନନ୍ଦ ତତ୍ତ୍ୱ ଶାସ୍ତ୍ର ପୁରାଣ ବେଦ ଉପନିଷଦରେ ପ୍ରକାଶ ହେଲା କିପରି ? ଏହା କ'ଣ ମନର କଳ୍ପନା ?

ଉତ୍ତର : ଏହା ମନର କଳ୍ପନା ନୁହେଁ ପୂର୍ଣ୍ଣ ସତ୍ୟ । ଏହି ସଚ୍ଚିଦାନନ୍ଦ ତତ୍ତ୍ୱ ପ୍ରତିପାଦିତ ହୋଇଛି ବେଦ, ଉପନିଷଦ ଏବଂ ଶାସ୍ତ୍ରରେ । ଏହି ତତ୍ତ୍ୱକୁ ପ୍ରତିପାଦନ କରିଛନ୍ତି ଭଗବାନ୍ ବିଷ୍ଣୁ, ଶଙ୍କର । ଶାସ୍ତ୍ର ପୁରାଣରେ ଏହା ପ୍ରକାଶ ହୋଇଛି କବି, ଋଷି, ମୁନିମାନଙ୍କ ଦ୍ୱାରା ଭଗବାନଙ୍କ ପ୍ରେରଣାରେ । ଗୀତାରେ କହିଛନ୍ତି ସ୍ୱୟଂ ଭଗବତ୍ ଅବତାର ଶ୍ରୀକୃଷ୍ଣ, ରାମାୟଣରେ ତୁଳସୀ ଦାସ ଲେଖିଛନ୍ତି ଶିବ ପାର୍ବତୀଙ୍କ ପ୍ରେରଣାରେ । ଅଧ୍ୟାତ୍ମ ସତ୍ୟ ଯେଉଁ ସାଧକ, ସିଦ୍ଧ ଓ କବିଙ୍କ ଦ୍ୱାରା ପ୍ରକାଶ ହୁଏ ତାହା ସେମାନଙ୍କ ମନ, ପ୍ରାଣରେ ଅନୁଭୂତ ହେଉ ବା ନ ହେଉ ଉଚ୍ଚତର ଚେତନା ଅଥବା ଭଗବାନଙ୍କ ପ୍ରେରଣାରେ ତାହା ସ୍ୱତଃସ୍ଫୂର୍ତ୍ତ ଭାବେ ସେମାନଙ୍କ ମଧ୍ୟ ଦେଇ ବ୍ୟକ୍ତ ହୁଏ । ହାତ ହୋଇଥାଏ କେବଳ ଯନ୍ତ୍ର । ତାହା ଲେଖିବା ବ୍ୟକ୍ତି ଦ୍ୱାରା ପରିଚାଳିତ ହୁଏ ନାହିଁ ହୁଏ ଅନ୍ୟ ସତ୍ୟ ଦ୍ୱାରା । ସତ୍ୟ ସର୍ବଥା ବିଦ୍ୟମାନ ଥାଏ ଶାସ୍ତ୍ର, ପୁରାଣ, ବେଦ ଉପନିଷଦ ତଥା ପ୍ରତ୍ୟେକ ବ୍ୟକ୍ତିର ଅନ୍ତରରେ । ଚେତନାର ବିକାଶ ଅନୁସାରେ ଯଥାର୍ଥ ସମୟରେ ତାହା ଉପଲବ୍ଧ ହୁଏ ବା କର୍ମରେ ପ୍ରକାଶ ପାଏ ।

ଅତିମାନସ ସତ୍ୟ, ଅମରତ୍ୱ ଇତ୍ୟାଦି ବେଦ ଉପନିଷଦରେ ବିଦ୍ୟମାନ ଅଛି । ତା'ର ପ୍ରକାଶ ହେବାର ସମୟ ଆସି ନ ଥିବାରୁ କୌଣସି ଆଚାର୍ଯ୍ୟ ଉପାୟ ବି କରି ନାହାନ୍ତି କିଂବା ପ୍ରକାଶ କରି ନାହାନ୍ତି । ବର୍ତ୍ତମାନ ତା'ର ସମୟ ଆସିଛି । ଶ୍ରୀମା ଶ୍ରୀଅରବିନ୍ଦ ଏହି ପୃଥିବୀକୁ ଆସି ଏହା ଉପଲବ୍ଧି କରି ଅଛନ୍ତି ଏବଂ ପ୍ରକାଶ କରି ଅଛନ୍ତି ।

ପ୍ରଶ୍ନ : ଏକହିଁ ସଚ୍ଚିଦାନନ୍ଦ ତତ୍ତ୍ୱ ଭିନ୍ନ ଭିନ୍ନ ରୂପେ ଅବତାର ନିଅନ୍ତି ଏବଂ ଯଥାର୍ଥ ସ୍ୱରୂପରେ ଉପଲବ୍ଧ ହୁଅନ୍ତି ଶ୍ରୀଅରବିନ୍ଦଙ୍କ ଯୋଗ ଅତିମାନସ ଚେତନାରେ । ଏଥିରେହିଁ ଜୀବନର ପୂର୍ଣ୍ଣତା ଏବଂ ଜୀବନ ଓ ଜଗତର ରହସ୍ୟ ହୁଏ ଜ୍ଞାତ ତଥା ସମାଧାନ । ଅତଏବ ପ୍ରତ୍ୟେକ ବ୍ୟକ୍ତି, ପ୍ରତ୍ୟେକ ପୁରାତନ ଯୋଗର ସାଧକ ଶ୍ରୀଅରବିନ୍ଦଙ୍କ ଯୋଗ ଗ୍ରହଣ କରି ପାରନ୍ତି । ଏଥିରେ କୌଣସି ଦୋଷ ନାହିଁ । ଏଥିରେ ପୁରାତନ ଇଷ୍ଟଙ୍କୁ ତ୍ୟାଗ କରାଯାଏ ନାହିଁ ବରଂ ପରିପୂର୍ଣ୍ଣ ରୂପେ ପ୍ରାପ୍ତ କରାଯାଏ । ଏଥିରେ ଆଉ ସନ୍ଦେହ କରିବାର ସ୍ଥାନ ନାହିଁ । କିନ୍ତୁ ଆମ୍ଭେମାନେ ପୁରାତନ ଯୋଗର ସାଧକ । ବର୍ତ୍ତମାନ ଶ୍ରୀଅରବିନ୍ଦଙ୍କ ଯୋଗ ଗ୍ରହଣ କରିଛୁ, ଶ୍ରୀଅରବିନ୍ଦ ଶ୍ରୀମା'ଙ୍କ ଫଟୋ ସହିତ ପୂର୍ବ ଇଷ୍ଟଦେବଙ୍କ ଫଟୋ ରଖିବୁ କି ତ୍ୟାଗ କରିବୁ ?

ଉତ୍ତର : ଏହା ନିର୍ଭର କରିବ ତୁମ ଆନ୍ତରିକ ଭାବ ଉପରେ । ପ୍ରତ୍ୟେକ ବ୍ୟକ୍ତିର ଆନ୍ତରିକ ଭାବ ଏକେବାରେ ସ୍ୱତନ୍ତ୍ର ଏବଂ ଜଣକର ଅନ୍ୟଠାରୁ ଏକେବାରେ ଭିନ୍ନ । ସେ ସକାଶେ ବାହ୍ୟ ନିୟମ ନିର୍ଦ୍ଧାରଣ କରିବା କୌଣସି ବ୍ୟକ୍ତି ପକ୍ଷେ ସମ୍ଭବ ନୁହେଁ । କୌଣସି ବ୍ୟକ୍ତି ହଜାର ପ୍ରକାର ଫଟୋ ରଖିପାରେ, ଶହେ ପ୍ରକାର ବ୍ରତ କରେ, ସବୁ ମନ୍ଦିରରେ ମୁଣ୍ଡିଆ ମାରେ, କିନ୍ତୁ ଆନ୍ତରିକ ନିଷ୍ଠା ଥାଏ ମା'ଙ୍କ ପ୍ରତି, ସେ ସମର୍ପଣ କରେ ମା'ଙ୍କୁ ଓ ଲକ୍ଷ୍ୟ ଥାଏ ରୂପାନ୍ତର ସିଦ୍ଧି । ଅନ୍ୟ ରୂପରେ ବିରୋଧ କରେ ନାହିଁ କିଂବା ତା ମନରେ ଦ୍ୱନ୍ଦ୍ୱ ନ ଥାଏ ।

ଆଉ କେତେକ ବ୍ୟକ୍ତି ମା'ଙ୍କ ପ୍ରତି ନିଷ୍ଠାରଖି ଅନ୍ୟ ସବୁକୁ ବର୍ଜନ କରନ୍ତି । ସେମାନଙ୍କର ଧାରଣା ଥାଏ, ''ଅନ୍ୟ ଫଟୋ ରଖିଲେ କିଂବା ଅନ୍ୟ ମୂର୍ତ୍ତିକୁ ବାହ୍ୟ ପୂଜା କଲେ ମୋ ଇଷ୍ଟ ନିଷ୍ଠା ବ୍ୟାହତ ହେବ ।''

ଏହି ଦୁଇଟି ଯାକ ନିଷ୍ଠା ସାଧନାର ଆରମ୍ଭିକ ଅବସ୍ଥାରେ ବ୍ୟକ୍ତିର ସ୍ୱଭାବ ଅନୁସାରେ ଠିକ୍ । ଯେ ନିଷ୍ଠା ଆନ୍ତରିକତା ସହ ଗ୍ରହଣ କରି ପାରନ୍ତି ତାହା ତାଙ୍କ ପକ୍ଷେ ଉଚିତ । କିନ୍ତୁ ପାଠଚକ୍ରରେ କେବଳ ମା' ଶ୍ରୀଅରବିନ୍ଦଙ୍କ ଫଟୋ ରଖା ହେବ । ଅନ୍ୟ ଫଟୋ ରଖା ହେବ ନାହିଁ ।

ପ୍ରଶ୍ନ : ପାଠଚକ୍ରରେ କାହିଁକି ଶ୍ରୀରାମ, ଶ୍ରୀକୃଷ୍ଣ, ବିଷ୍ଣୁ, ଶିବ ଓ ଦୁର୍ଗାଙ୍କ ଫଟୋ ସହିତ ମା' ଶ୍ରୀଅରବିନ୍ଦଙ୍କ ଫଟୋ ରଖାଯାଇପାରେ ନାହିଁ ?

ଉତ୍ତର : ପାଠଚକ୍ର ହେଉଛି ଶ୍ରୀଅରବିନ୍ଦଙ୍କ ଯୋଗ ଅନୁଷ୍ଠାନର ଗୋଟିଏ ପ୍ରତୀକ । ଶ୍ରୀଅରବିନ୍ଦଙ୍କ ଯୋଗ ସିଦ୍ଧି ହୁଏ ଶ୍ରୀମା ଶ୍ରୀଅରବିନ୍ଦଙ୍କୁ ସମର୍ପଣ କରିବା ଦ୍ୱାରା । ଶ୍ରୀମା ଶ୍ରୀଅରବିନ୍ଦଙ୍କ ବ୍ୟତୀତ ଅନ୍ୟ ଇଷ୍ଟ-ନିଷ୍ଠା ଦ୍ୱାରା ଶ୍ରୀଅରବିନ୍ଦଙ୍କ ଯୋଗ ସିଦ୍ଧି ନ ହେଉଥିବା ଯୋଗୁଁ ପାଠଚକ୍ରରେ ଅନ୍ୟ ଇଷ୍ଟଙ୍କ ଫଟୋ ରଖା ହେବ ନାହିଁ ।

ପ୍ରଶ୍ନ : ପୂର୍ବ ଆଲୋଚନାରେ ଯେପରି ସ୍ୱଷ୍ଟ ଭାବେ କହିଲେ ଯେ ଜୀବନର ପୂର୍ଣ୍ଣତା ଅତିମାନସ ସିଦ୍ଧି ସକାଶେ ପୁରାତନ ଯୋଗର ଇଷ୍ଟ ଲକ୍ଷ୍ୟ ସହିତ ଶ୍ରୀଅରବିନ୍ଦ ଯୋଗ ଗ୍ରହଣ କଲେ ଚଳିବ ନାହିଁ, ଶ୍ରୀଅରବିନ୍ଦ ଯୋଗ ସିଦ୍ଧି କରିବାକୁ ହେଲେ ପୁରାତନ ଇଷ୍ଟ ଲକ୍ଷ୍ୟ ସ୍ଥାନରେ ଶ୍ରୀଅରବିନ୍ଦଙ୍କ ଯୋଗ-ଲକ୍ଷ୍ୟ ଗ୍ରହଣ କରିବାକୁ ହେବ । ସେହିପରି ଫଟୋ ରଖିବା ବିଷୟରେ କାହିଁକି ସ୍ୱଷ୍ଟରୂପେ କହିଲେ ନାହିଁ ?

ଉତ୍ତର : କେବଳ ଫଟୋ ରଖିବାରେ ଯଦି ଯୋଗ ସିଦ୍ଧି ହୁଅନ୍ତା ତେବେ ଫଟୋ ରଖିବା ବିଷୟରେ ନିର୍ଦ୍ଧାରିତ ରୂପେ କୁହା ହେବା ଆବଶ୍ୟକ ହୋଇଥାଆନ୍ତା । ଘର କାନ୍ଥକୁ ଫଟୋରେ ଢାଙ୍କି ରଖ, କିନ୍ତୁ ଯେ ପର୍ଯ୍ୟନ୍ତ ଆନ୍ତରିକ ଏକନିଷ୍ଠା ସହିତ ଅଭୀପ୍ସା, ସମର୍ପଣ ନ କର ସେ ପର୍ଯ୍ୟନ୍ତ ଯୋଗ ସିଦ୍ଧିରୁ ହଜାର କୋଶ ଦୂରରେ ରୁହ । ପ୍ରଧାନ କଥା ହେଲା ଅନ୍ତରର ନିଷ୍ଠା । ଯାହାର ଅନ୍ତର ନିଷ୍ଠାରେ ବାଧା ନ ପଡ଼େ ସେ ଅନ୍ୟ ଫଟୋ ରଖିପାରେ । ଯାହାର ଅନ୍ତର ନିଷ୍ଠାରେ ବାଧା ପଡ଼େ ବୋଲି ତା ମନରେ ଦ୍ୱନ୍ଦ୍ୱ ଆସେ ସେ ଅନ୍ୟ ଫଟୋ ନ ରଖିପାରେ । ଏହା ନିର୍ଭର କରେ ବ୍ୟକ୍ତିର ଆନ୍ତରିକ ନିଷ୍ଠା ଉପରେ ।

ଇଷ୍ଟ ନିଷ୍ଠା ସମ୍ବନ୍ଧେ ଏତେ ଆଲୋଚନା ହେବା ପରେ, ଅନ୍ୟ ଇଷ୍ଟ ଫଟୋ ରଖା ହେବ କି ନାହିଁ — ଏହି ପ୍ରଶ୍ନ ହେଲା ।

ପ୍ରଶ୍ନ : ଶ୍ରୀଅରବିନ୍ଦଙ୍କ ଯୋଗ ଗ୍ରହଣ କଲେ ଗୃହଲକ୍ଷ୍ମୀ ମହିଳାମାନେ ବ୍ରତ ଉପବାସ ଓ ଅନ୍ୟାନ୍ୟ ଦେବାଦେବୀଙ୍କ ପୂଜନ କରି ପାରିବେ କି ନାହିଁ ?

ଉତ୍ତର : ଏହା ନିର୍ଭର କରେ ସେମାନଙ୍କ ଅନ୍ତର ନିଷ୍ଠା ଏବଂ ଆନ୍ତରିକ ଭାବ ଉପରେ । ବାହ୍ୟ ବ୍ରତ ଉପବାସ ଗୋଟାଏ ଯାନ୍ତ୍ରିକ ପ୍ରଣାଳୀ । ଏଥିରେ ପ୍ରାୟ ଅନ୍ତର ନିଷ୍ଠା ନ ଥାଏ । ଯାହାର ଅନ୍ତର ନିଷ୍ଠାରେ ବାଧା ପଡ଼ିବା ଦ୍ୱନ୍ଦ୍ୱ ମନରେ ଆସେ ସେମାନେ ଅନ୍ୟାନ୍ୟ ଦେବାଦେବୀଙ୍କ ବ୍ରତ ଉପବାସ ଛାଡ଼ି ପାରନ୍ତି, ଯେଉଁମାନଙ୍କର କୌଣସି ଦ୍ୱନ୍ଦ୍ୱ ନ ଥାଏ ସେମାନେ କରିପାରନ୍ତି । ଆଜିକାଲି କଲେଜରେ ପଢ଼ିବା ଅଧିକାଂଶ ଝିଅମାନେ ଏହିସବୁ ବ୍ରତ ଉପବାସରୁ ମୁକ୍ତ ଥିବେ । ସେମାନଙ୍କ ମଧ୍ୟରେ ଏହିସବୁ ଦ୍ୱନ୍ଦ୍ୱ ନ ଥିବ । ସାଧନାର ପ୍ରଧାନ ବସ୍ତୁ ହେଲା ଅନ୍ତରନିଷ୍ଠା, ଏହି ବିଷୟରେ ଏହି ଲେଖାରେ ପୂର୍ବେ ଆଲୋଚନା କରା ହୋଇଛି । ଫଟୋ ରଖିବା, ବ୍ରତ ଉପବାସ କରିବା, କୁଳ ଦେବାଦେବୀଙ୍କୁ ପୂଜା କରିବା ଇତ୍ୟାଦି ଏକେବାରେ ବାହ୍ୟ ବ୍ୟବହାରିକ ବସ୍ତୁ । ଅନ୍ତର ନିଷ୍ଠା ସହିତ ଏହାର କୌଣସି ସମ୍ବନ୍ଧ ନ ଥାଏ । ଆନ୍ତରିକ ନିଷ୍ଠାଭାବ ଅନୁସାରେ ବ୍ୟକ୍ତି ଏହାସବୁ ତ୍ୟାଗକରି ପାରନ୍ତି ବା ପୂର୍ବବତ୍ ଆଚରଣ କରି ପାରନ୍ତି । ଏହା ସମ୍ପୂର୍ଣ୍ଣରୂପେ ବ୍ୟକ୍ତି ଉପରେ ନିର୍ଭର କରେ ।

ପ୍ରତ୍ୟେକ ବ୍ୟକ୍ତିର ସ୍ୱଭାବ ଏବଂ ମନୋଭାବ ଏକଠାରୁ ଅନ୍ୟର ଏକେବାରେ ଭିନ୍ନ । ସେହି ସକାଶେ ପ୍ରତ୍ୟେକ ବ୍ୟକ୍ତିର ମାର୍ଗ ନିଜସ୍ୱ । ଏହି କାରଣରୁ ବାହ୍ୟ ବ୍ୟବହାରିକ କର୍ମ ସମ୍ବନ୍ଧେ କୌଣସି ନିୟମ ନିର୍ଦ୍ଧାରଣ କରିବା ସମ୍ଭବ ନୁହେଁ । ଏହାର ନିର୍ଣ୍ଣୟ ବ୍ୟକ୍ତି ଉପରେ ଛାଡ଼ିଦେବା ଉଚିତ ।

ଶ୍ରୀଅରବିନ୍ଦଙ୍କ ଯୋଗର ମୂଳନୀତି ମା'ଙ୍କ ଚରଣରେ ଆତ୍ମସମର୍ପଣ । ଯୋଗର ଏକେବାରେ ଆରମ୍ଭରୁ ମା'ଙ୍କ ଉପରେ ଦୃଢ଼ ନିଷ୍ଠା ପୂର୍ଣ୍ଣନିର୍ଭରତା ରଖିବାକୁ ହୁଏ । ମାତୃଶକ୍ତି ପ୍ରେରଣାରେ ବ୍ୟକ୍ତି ଯଦି ସତ୍ତାର ରୂପାନ୍ତର ମହାନ୍ ଜଟିଳକାର୍ଯ୍ୟ କରିପାରେ ତେବେ ସେ ଏକେବାରେ ବାହ୍ୟ ବ୍ୟବହାରିକ ବ୍ରତ ଉପବାସ, ଫଟୋ ରଖିବା ନ ରଖିବା ନିର୍ଣ୍ଣୟ କରିପାରେ ନାହିଁ ? ଏହାସବୁ ଏକେବାରେ ବାହ୍ୟ ବସ୍ତୁ, ଏ ସବୁକୁ ଏକେବାରେ ମହତ୍ତ୍ୱ ଦେବା ଉଚିତ ନୁହେଁ ।

ପ୍ରଶ୍ନ : କୁଟୁମ୍ବରେ କାହାର ମୃତ୍ୟୁ ହେବା ସମୟରେ, ଅଥବା ସନ୍ତାନ ଜନ୍ମ ହେବା ସମୟରେ କିଂବା ସ୍ତ୍ରୀମାନଙ୍କରେ ମାସିକ ଧର୍ମ ହେବା ସମୟରେ ଅଶୁଦ୍ଧ ମାନ୍ୟ ହୁଏ । ଏହି ସମୟରେ ମା' ଶ୍ରୀଅରବିନ୍ଦଙ୍କ ଫଟୋରେ ପୁଷ୍ପ ଧୂପାଦି ଅର୍ପଣ ବା ପୂଜନ କରାଯିବ କି ନାହିଁ ?

ଉତ୍ତର : କରାଯିବ । ମା' ଶ୍ରୀଅରବିନ୍ଦଙ୍କୁ ପୂଜନ ତଥା ସମର୍ପଣ ଦ୍ୱାରା ବ୍ୟକ୍ତି ପବିତ୍ର ହୁଏ । ଯେଉଁ କର୍ମ ଦ୍ୱାରା ବ୍ୟକ୍ତି ଶୁଦ୍ଧ ହୁଏ ସେ କର୍ମ କୌଣସି ଅବସ୍ଥାରେ ବନ୍ଦ କରାଯାଏ ନାହିଁ । ଦେବମନ୍ଦିର ପୂଜନ, ହୋମ ଯଜ୍ଞାଦି ଶୁଭ କର୍ମ ପୂର୍ବପନ୍ଥା ଅନୁସାରେ ବନ୍ଦ ରଖାଯାଇପାରେ ।

### ଦ୍ୱିତୀୟ ଭାଗ

## ସତ୍‌ସଙ୍ଗ : ଜୀବନ-ଉନ୍ନତିର ସର୍ବଶ୍ରେଷ୍ଠ ଉପାୟ

ଜୀବନରେ ଉନ୍ନତିର ସର୍ବଶ୍ରେଷ୍ଠ ଉପାୟ ହେଉଛି ସତ୍‌ସଙ୍ଗ । ମନୁଷ୍ୟକୁ ସତ୍‌ସଙ୍ଗ ପ୍ରାପ୍ତ ହେଲେ ତଥା ତାହାର ଯଥାଯଥ ଉପଯୋଗ କଲେ ସେ କେତେ ଉଚ୍ଚ ସ୍ତରକୁ ଆରୋହଣ କରିପାରେ, କେତେ ଅକଳ୍ପନୀୟ ଉନ୍ନତି କରିପାରେ ତାହା ଅନୁମାନ କରିବା କଠିନ ନୁହେଁ, ଅସମ୍ଭବ । ମନୁଷ୍ୟ ମଧ୍ୟରେ ସମସ୍ତ ଶକ୍ତି ସୁପ୍ତ ଅବସ୍ଥାରେ ବିଦ୍ୟମାନ ଥାଏ, ସେସବୁ କେବଳ ସତ୍‌ସଙ୍ଗ ଦ୍ୱାରା ଜାଗ୍ରତ ଏବଂ ବିକଶିତ ହୋଇପାରେ । ଭଗବାନଙ୍କ କୃପାରୁ ମନୁଷ୍ୟକୁ ସତ୍‌ସଙ୍ଗ ପ୍ରାପ୍ତ ହେବା ପରେ ସେ ଯଦି ତାହା କ୍ରିୟାରେ ପରିଣତ ନ କରେ ତେବେ ବହୁତ ବଡ଼ ସୁଯୋଗ ହରାଏ । ଭଗବାନଙ୍କ କୃପାରୁ ବଞ୍ଚିତ ହୁଏ ।

ଯେବେ ଦ୍ରବହୁ ଦୀନ ଦୟାଲ
ରାଘବ ସାଧୁ ସଙ୍ଗତି ପାଇଏ ।
(ବିନୟ ପତ୍ରିକା)

''ଯେବେ ଦୀନ ଦୟାଳୁ ଶ୍ରୀରାମଚନ୍ଦ୍ରଜି କୃପା କରନ୍ତି ତେବେ ସାଧୁସଙ୍ଗ ପ୍ରାପ୍ତ ହୁଏ ।'' ସାଧୁସଙ୍ଗ ପ୍ରାପ୍ତ ହେବା ପରେ ମନୁଷ୍ୟ ଯଦି ନିଜର ଦୋଷ-ତ୍ରୁଟି, ଅଯୋଗ୍ୟତା ଦେଖି ଆଳସ୍ୟ ବଶତଃ ପ୍ରଯତ୍ନ ନ କରେ ତେବେ ସେ ନିଜକୁ ପ୍ରବଞ୍ଚନା କରେ । ମନୁଷ୍ୟ ମଧ୍ୟରେ ଏପରି କୌଣସି ଦୁର୍ବଳତା, ଦୋଷତ୍ରୁଟି ନାହିଁ ଯାହା ସତ୍‌ସଙ୍ଗ ତଥା ପ୍ରଯତ୍ନ ଦ୍ୱାରା ଦୂର ହୋଇ ନ ପାରେ ।

ସଂସାରରେ ଅଧ୍ୟାତ୍ମ ମାର୍ଗରେ ଅଥବା ସାଂସାରିକ କାର୍ଯ୍ୟରେ ଯେ କେହି ଉନ୍ନତି କରିଛି, ଯେ କେହି ଶ୍ରେଷ୍ଠ ବ୍ୟକ୍ତି ହୋଇଛି କେବଳ ସତ୍‌ସଙ୍ଗ ଦ୍ୱାରା । ଧ୍ରୁବ, ପ୍ରହ୍ଲାଦ, ନାରଦ, ବ୍ୟାସ, ବଶିଷ୍ଠ, ବାଲ୍ମିକି, ଗୋସ୍ୱାମୀ ତୁଳସୀ ଦାସ ତଥା ଅନ୍ୟାନ୍ୟ ବହୁତ ସନ୍ଥ ମହାପୁରୁଷ, ବୀର, ଯୋଦ୍ଧା, ଶ୍ରେଷ୍ଠ ଦେଶନେତା, ଶ୍ରେଷ୍ଠ ବୈଜ୍ଞାନିକ ସତ୍‌ସଙ୍ଗ ଦ୍ୱାରା ଶ୍ରେଷ୍ଠ ସ୍ଥାନକୁ ପ୍ରାପ୍ତ ହୋଇଅଛନ୍ତି । କାଳିଦାସ କିପରି ମୂର୍ଖ ଥିଲେ, କିନ୍ତୁ ସତ୍‌ସଙ୍ଗ ତଥା ପ୍ରଯତ୍ନ ଦ୍ୱାରା ମହାନ୍ ପଣ୍ଡିତ ହୋଇ ପାରିଥିଲେ । ବାଲ୍ମିକି ଦସ୍ୟୁ, ପ୍ରାଣୀ-ଘାତକ, ପ୍ରାଣୀର କଣ୍ଟକ, କ୍ରୁର, ନିର୍ଦ୍ଦୟ ଥିଲେ । ଘୋର ପାପରେ ତାଙ୍କ ଜୀବନ ବ୍ୟତୀତ ହେଉଥିଲା । ସତ୍‌ସଙ୍ଗ ଦ୍ୱାରା ସେ ମହାନ୍ ଋଷି ହୋଇ ପାରିଥିଲେ ଏବଂ ପ୍ରଥମ କାବ୍ୟ ରଚନା କରିଥିଲେ । ଗୋସ୍ୱାମୀ ତୁଳସୀଦାସ ରାମଚରିତ-ମାନସରେ କହିଛନ୍ତି :

ବାଲ୍ମିକି ନାରଦ ଘଟ ଜୋନୀ ।
ନିଜ ନିଜ ମୁଖନି କହୀ ନିଜ ହୋନୀ ।।
— ବାଳ କାଣ୍ଡ

ଋଷି ବାଲ୍ମୀକି, ନାରଦ, ଘଟ-ଜୋନି-ଅଗସ୍ତ୍ୟ । ସେ ଯେପରି ଥିଲେ, ଯେପରି ହେଲେ ନିଜ ନିଜ ମୁଖରେ ସ୍ୱୟଂ କହିଛନ୍ତି । ଏଠାରେ ବାଲ୍ମିକି ଚରିତ ଆଲୋଚନା କରିବା ।

# ବାଲ୍ମୀକି ଚରିତ

ବାଲ୍ମିକି ବ୍ରାହ୍ମଣ ସନ୍ତାନ ଥିଲେ । ବାଲ୍ୟ ଅବସ୍ଥାରୁ ତାଙ୍କର କିରାତ ଦ୍ୱାରା ପାଳନ ପୋଷଣ ହୋଇଥିଲା । ସେ ଜଙ୍ଗଲରେ ନିବାସ କରୁଥିବାରୁ ସଙ୍ଗ-ଦୋଷରୁ ତାଙ୍କ ସ୍ୱଭାବ ଜୀବ-ଘାତକ ଦସ୍ୟୁ, ଡକାୟତରେ ପରିଣତ ହେଲା । ତାଙ୍କର ଆୟୁଧ ଥିଲା ଧନୁଶର, ଖଡ୍‌ଗ । ନିଜ ପରିବାର ପୋଷଣର ଉପାୟ ଥିଲା – ଜଙ୍ଗଲ ରାସ୍ତାରେ ଯିବା ବ୍ୟକ୍ତିଙ୍କୁ ବଧ କରି ସେମାନଙ୍କ ଧନ ଅପହରଣ କରିବା ଅଥବା ମାରିପିଟି ଧନ ଛଡ଼େଇ ନେବା । ତାଙ୍କର ପ୍ରକୃତି ଥିଲା ପଶୁତୁଲ୍ୟ ଜୀବ ବଧ କରି ପରିବାର ସହିତ ମାଂସ ଭକ୍ଷଣ କରିବା । ମନୁଷ୍ୟ ଅନ୍ୟାୟ ଆଚରଣ କଲେ ତାହା ସ୍ୱଭାବରେ ପରିଣତ ହୋଇଯାଏ । ବାଲ୍ମିକିଙ୍କର ଜୀବନରେ ଠିକ୍ ଏହିପରି ଘଟିଥିଲା । ସେ ଏହି ନିନ୍ଦନୀୟ ହିଂସ୍ରକର୍ମ ବାଲ୍ୟ ଅବସ୍ଥାରୁ ଆଚରଣ କରୁଥିବାରୁ ଏହି ଭୟଙ୍କର ଜଘନ୍ୟ କର୍ମ ତାଙ୍କୁ ବ୍ୟଥା ଦେଉ ନ ଥିଲା । ସେ ଜଙ୍ଗଲୀ ଶୂଦ୍ରା କନ୍ୟାର ପାଣି ଗ୍ରହଣ କରିଥିଲେ । ତାଠାରୁ ସନ୍ତାନ ଉତ୍ପନ୍ନ ହେବାରୁ ତାଙ୍କ ପାଳନ ପୋଷଣାର୍ଥ ଅଧିକ ଜୀବ ବଧ କରିବାକୁ ପଡ଼ିଲା । ମନୁଷ୍ୟ ହିଂସା କରିବା ଦ୍ୱାରା ତା'ର ବିବେକ ବୁଦ୍ଧି ନଷ୍ଟ ହୋଇଯାଏ । ତା'ର ଶରୀର ଥାଏ ମନୁଷ୍ୟର, ଚେତନା ହୁଏ ପଶୁର । ତା' ଦୃଷ୍ଟିରେ ସାଧୁ-ସନ୍ଥ, ଦେବତା-ବ୍ରାହ୍ମଣ ସବୁ ସମାନ, ତା'ର ଶିକାରର ପାତ୍ର ।

ଦିନେ ସପ୍ତଋଷି ସେହି ଜଙ୍ଗଲ ମାର୍ଗରେ ଯିବା ସମୟରେ ଦସ୍ୟୁ ଦୂରରୁ ଡାକିଲା, ''ଓ ପଥିକ, ଛିଡ଼ା ହୁଅ, ଅନ୍ୟଥା ଦେଖ, ଏହି ତୀରରେ ତୁମ ଶରୀର ବିଦ୍ଧ ହୋଇଯିବ ।'' ଏହା ଶୁଣି ସପ୍ତର୍ଷି ନିର୍ଭୟ ନିର୍ବିକାର ଚିତ୍ତରେ ଛିଡ଼ାହେଲେ । ଦସ୍ୟୁ ପାଖରେ ପହଞ୍ଚିଲା । କହିଲା, ''ତୁମ୍ଭ ପାଖରେ ଯାହାଅଛି ରଖିଦିଅ ।'' ଋଷି କହିଲେ, ''ଆମ୍ଭ ପାଖରେ ବଲ୍‌କଳ ବସ୍ତ୍ର ତଥା କମଣ୍ଡଳୁ ଛଡ଼ା ଆଉ କିଛି ନାହିଁ ।'' ଦସ୍ୟୁ – ''ଏସବୁ ରଖିଦିଅ ।'' ଋଷି – ''ଏହା ତୁ କ'ଣ କରିବୁ ?'' ଦସ୍ୟୁ – ''ଏହା ଦ୍ୱାରା ମୋ ପରିବାରର ପାଳନ ପୋଷଣ ହେବ ।'' ଋଷି – ''ପରିବାର ସକାଶେ ତୁ ଯେଉଁ ଜଘନ୍ୟ ପାପ କରୁଛୁ, ସେମାନେ କ'ଣ ସେ ପାପର ଭାଗୀ ହେବେ ?'' ଦସ୍ୟୁ – ''ନିଶ୍ଚୟ ହେବେ, ସେମାନେ ଯେ ଏହି ପାପାର୍ଜିତ ଧନ ଗ୍ରହଣ କରୁଛନ୍ତି ।'' ଋଷି – ''ଏହା ତୋର ନିଜର ଧାରଣା ନା ସେମାନଙ୍କୁ କେବେ ପଚାରିଛୁ ?'' ଦସ୍ୟୁ – ''ନା କେବେ ପଚାରି ନାହିଁ; କିନ୍ତୁ ମୋର ଦୃଢ଼ ବିଶ୍ୱାସ ଯେ ସେମାନେ ମୋ ପାପର ଅବଶ୍ୟ ଭାଗୀ ହେବେ । କାରଣ ସେମାନେ ମୋର ଅତ୍ୟନ୍ତ ପ୍ରିୟ ।''

ଋଷି – ''ଏହାର ସତ୍ୟାସତ୍ୟ ଜାଣିବା ସକାଶେ ବର୍ତ୍ତମାନ ଯାଇ ପଚାରି ଆ ।''

ଦସ୍ୟୁ – ''ବାଃ ଖୁବ୍ ଚାଲାଖ, ମୁଁ ଘରକୁ ଗଲେ ତୁମେ ନ' ଚାରି ତେର ହୋଇଯିବ, ମୁଁ ତୁମ ଠକାମି ଜାଣେ ।''

କିନ୍ତୁ ଋଷିମାନଙ୍କ ଦର୍ଶନରେ ତା'ର ସଦ୍‌ବୁଦ୍ଧି ଉତ୍ପନ୍ନ ହେଲା, ସେ ଋଷିମାନଙ୍କ ଦୃଢ଼ ପ୍ରତିଜ୍ଞାରେ ବିଶ୍ୱାସ କରି ସେମାନଙ୍କୁ ଜଙ୍ଗଲ ମାର୍ଗରେ ଛାଡ଼ି ନିଜ ଘରକୁ ଯାଇ ପରିବାରର ପ୍ରତ୍ୟେକ ବ୍ୟକ୍ତିଙ୍କୁ ତାହା ପଚାରିଲା । ପ୍ରତ୍ୟେକ ବ୍ୟକ୍ତି ଉତ୍ତର ଦେଲେ, ''ତୋର କର୍ତ୍ତବ୍ୟ ଆମ୍ଭମାନଙ୍କୁ ପାଳନ କରିବା । ତୁ ଯଦି ଅସତ୍ ମାର୍ଗରେ ଧନ ଉପାର୍ଜନ କରୁଥାଉ, ସେହି ପାପ ତୋର, ସେଥିରେ ଆମ୍ଭେମାନେ ଭାଗୀ ନୋହୁ ।'' ''ପାପଂ ତବୈବତ୍ ସର୍ବଂ ବୟଂ ତୁ ଫଳଭାଗିନଃ (ନ ୧/୭୪, ଅଯୋଧ୍ୟା କାଣ୍ଡ, ଅଧ୍ୟାତ୍ମ ରାମାୟଣ) ।'' ଅର୍ଥାତ୍, ''ପାପ ତୁମକୁ ଲାଗିବ, ଆମ୍ଭେ କେବଳ ଧନ ଗ୍ରହଣ କରିବୁ ।''

ଏକଥା ଶୁଣିବା ମାତ୍ରେ ଦସ୍ୟୁର ହୃଦୟରେ ବଜ୍ରପାତ ହେଲା । ସେ ଭାବିଲା, ''ଯେଉଁମାନଙ୍କୁ ମୁଁ ପ୍ରାଣରୁ ଅଧିକ ପ୍ରିୟ ମନେ କରିଥିଲି, ଯେଉଁମାନଙ୍କ ସକାଶେ ନୃଶଂସ ହୃଦୟରେ ମନୁଷ୍ୟ, ପଶୁ ବଧ କରିଛି, ସେମାନେ କେବଳ ସୁଖର ସାଥୀ, ସ୍ୱାର୍ଥୀ । ମୋ ଦୁଃଖ, ପାପର ଭାଗୀ ନୁହନ୍ତି ! ହାୟରେ ବିଧାତା ! ଏ ସଂସାର ପରିବାର ସମ୍ବନ୍ଧ କ'ଣ ମିଥ୍ୟା-ମୋହ-ଜାଲର ବନ୍ଧନ ? ମୁଁ କେତେ ବଡ଼ ମୂର୍ଖ, ମୋହଗ୍ରସ୍ତ ପାପୀ । ନିଜର ସର୍ବନାଶ କରି ଯାହାକୁ ନିଜର ମନେ କରିଥିଲି ସେମାନେ ଯଥାର୍ଥରେ ପର ।'' ଏହା ଭାବି ବ୍ୟାକୁଳ ହୋଇ ଋଷିମାନଙ୍କ ପାଖକୁ ଦୌଡ଼ି ଆସିଲା । ଶୋକରେ ହତଜ୍ଞାନ ହୋଇ ସେମାନଙ୍କ ଚରଣରେ ପଡ଼ିଗଲା । ନେତ୍ରରୁ ବ୍ୟଥା ଶୋକାଶ୍ରୁ ପ୍ରବାହିତ ହେଉଥାଏ;

କଣ୍ଠରୁଦ୍ଧ, ଅସ୍ପଷ୍ଟ ଭୟତ୍ରସ୍ତ ସ୍ୱରରେ କହିଲା, ''ମୋତେ ରକ୍ଷା କର, ମୋର ଉଦ୍ଧାର ମାର୍ଗ ବତାଅ । ହେ ଋଷିବର ମୋ ପରି ଘୋର ପାପୀର କ'ଣ ଉଦ୍ଧାର ନାହିଁ ?''

ଋଷିମାନଙ୍କର ନିଜ ପର କେହି ନ ଥାଏ । ସେମାନେ ଜ୍ଞାନୀ, ଭଗବତ୍ ଭକ୍ତ, ଭଗବାନଙ୍କ ସଙ୍ଗେ ଏକ, ଭଗବାନଙ୍କ ଯନ୍ତ୍ର । ସେମାନେ ପ୍ରାଣୀମାନଙ୍କ ମଧ୍ୟରେ ଭଗବାନଙ୍କୁ ଦେଖନ୍ତି । ସେଥିପାଇଁ ସେମାନଙ୍କ ହୃଦୟ ସଦୟ ଏବଂ କୃପାପୂର୍ଣ୍ଣ ଥାଏ । ସେମାନେ ସମସ୍ତଙ୍କର କଲ୍ୟାଣ ଚାହାନ୍ତି । ଦସ୍ୟୁର କଲ୍ୟାଣ ସେମାନଙ୍କ କାମ୍ୟ ଥିଲା । ସେହି ସକାଶେ ସେମାନଙ୍କ ଆଗମନ ହୋଇ ଥିଲା । ପୁଣି ତା'ର କରୁଣ କ୍ରନ୍ଦନ ଋଷିମାନଙ୍କ ହୃଦୟକୁ ଦ୍ରବିତ କରି ଦେଲା । ସେମାନେ ଦୟା ଓ ଆଶ୍ୱାସନାପୂର୍ଣ୍ଣ ବାକ୍ୟରେ କହିଲେ, ''ବତ୍ସ, ଉଠ । ତୋର କଲ୍ୟାଣ ସୁନିଶ୍ଚିତ ।'' ନିଜ କମଣ୍ଡଳୁରୁ ପବିତ୍ର ଜଳ ତା ଉପରେ ଛିଞ୍ଚିଦେଲେ ଏବଂ ପରସ୍ପର ବିଚାର କଲେ,– ''ଏହା ଦ୍ୱାରା କୌଣସି ଯୌଗିକ କ୍ରିୟା ଅନୁଷ୍ଠାନ ହେବା ସମ୍ଭବ ନୁହେଁ । କିନ୍ତୁ ଶୀଘ୍ର ପାପରୁ ମୁକ୍ତ ହୋଇ ଭଗବତ୍ ଜ୍ଞାନ, ଭକ୍ତି ପ୍ରାପ୍ତି ଏହା ସକାଶେ ଆବଶ୍ୟକ । ଅତଏବ ପାପ ସ୍ତୂପକୁ ଜଳାଇବାକୁ ଅଗ୍ନି ସଦୃଶ ସର୍ବସୁଲଭ ଏବଂ ଉତ୍କୃଷ୍ଟ ଶକ୍ତିଶାଳୀ ସାଧନ ଭଗବତ୍ ନାମ । ଏହାକୁ ନାମ ଉପଦେଶ ଦେବା ଉଚିତ ।'' ଏହା ନିର୍ଣ୍ଣୟ କରି ତାକୁ ''ରାମ'' ନାମ ଜପର ଉପଦେଶ ଦେଲେ । କିନ୍ତୁ ତାଙ୍କର ପାପ ଏତେ ପ୍ରବଳ ଥିଲା ଯେ ସେ 'ରାମ' ନାମ ଉଚ୍ଚାରଣ କରିପାରିଲେ ନାହିଁ । ଶେଷରେ 'ରାମ'ର ବିପରୀତ 'ମରା' ଜପ କରିବାକୁ ଋଷିମାନେ କହିଲେ । ତାଙ୍କର ମାର କାଟ କରିବାର ଅଭ୍ୟାସ ଥିଲା, ତେଣୁ ସେ 'ମରା' ସହଜରେ କହିପାରିଲେ । ଯଦ୍ୟପି ରାମର ଓଲଟା ନାମ 'ମରା' ତଥାପି ଅକ୍ଷରରେ କୌଣସି ଭିନ୍ନତା ନାହିଁ । ଫେରେ କେତେଥର 'ମରା' 'ମରା' କହିବା ପରେ ସ୍ୱତଃ 'ରାମ' ଶବ୍ଦରେ ପରିଣତ ହୁଏ । ତା'ପରେ ମନ ଏକାଗ୍ରତା ସହିତ ଜପର ବିଧାନ ଋଷିମାନେ କହିଦେଲେ ଏବଂ ସେମାନଙ୍କ ଫେରିବା ପର୍ଯ୍ୟନ୍ତ ସେହି ସ୍ଥାନରେ ବସି ନାମ ଜପ କରିବାର ଆଦେଶ ଦେଇ ସେମାନେ ପ୍ରସ୍ଥାନ କଲେ । ଭଗବତ୍ ନାମର ଅପାର ଶକ୍ତି । ଗୋସ୍ୱାମୀ ତୁଳସୀଦାସ କହିଛନ୍ତି, ''ରାମ ନାମ୍ କହି ନାମଗୁଣ ଗାଇ''– ଅର୍ଥାତ୍ ଶ୍ରୀରାମ ନିଜେ ନାମର ମହିମା ବର୍ଣ୍ଣନା କରିବାରେ ସମର୍ଥ ନୁହନ୍ତି ।

ଏପରି ଦୁରାଚାରୀ ବ୍ୟକ୍ତି ହୋଇ ବି ନାମ ଜପ କରିବା ଦ୍ୱାରା ତାଙ୍କର ସମସ୍ତ ପାପ ନଷ୍ଟ ହୋଇଗଲା । ତାଙ୍କ ହୃଦୟ-ମନ୍ଦିର ଶୁଦ୍ଧ, ପବିତ୍ର ହେବାରୁ ଶ୍ରୀରାମଚନ୍ଦ୍ର ପ୍ରଘଟ ହେଲେ । ଶ୍ରୀରାମଙ୍କ ଶ୍ୟାମ ଲାବଣ୍ୟ ରୂପ-ମାଧୁରୀରେ ତାଙ୍କ ସମସ୍ତ ଇନ୍ଦ୍ରିୟ ବିଲୀନ ହୋଇଗଲା । ସେ ସମାଧିସ୍ଥ ହୋଇଗଲେ । ଭଗବତ୍ ପ୍ରେମଭକ୍ତି ଦିବ୍ୟାନନ୍ଦରେ ତାଙ୍କ ଚେତନା ଏପରି ନିମଜ୍ଜିତ ହେଲା ଯେ ତାଙ୍କର ଶରୀର-ଜ୍ଞାନ ରହିଲା ନାହିଁ । ସେହି ବ୍ରହ୍ମାନନ୍ଦର ପ୍ରଭାବ ମନ-ପ୍ରାଣ-ଶରୀରରେ ଅତି ମାତ୍ରାରେ ପଡ଼ିବାରୁ ତାହା ମଧ୍ୟ ବ୍ରହ୍ମମୟ ହୋଇଗଲା । ଶରୀର ଉପରେ ଉଇ ହୁଙ୍କା ହୋଇଗଲା । କିନ୍ତୁ ଋଷିଙ୍କୁ ଶରୀରର କୌଣସି ଜ୍ଞାନ ନ ଥିଲା । ଏହିପରି ଋଷି ଦିବ୍ୟାନନ୍ଦ ସମାଧି ଅବସ୍ଥାରେ କେତେଶହ ବର୍ଷ ରହିବା ପରେ ଦିନେ ସପ୍ତର୍ଷି ସେଠାରେ ପହଞ୍ଚି ଉଇହୁଙ୍କା ଭାଙ୍ଗିଦେଲେ ଏବଂ ଋଷିଙ୍କ ସମାଧି ଭଙ୍ଗକରି ତାଙ୍କୁ ଜାଗ୍ରତ କରି ତାଙ୍କ ନାମ 'ବାଲ୍ମୀକି' ରଖିଲେ । ଏହି ଚରିତ ବର୍ଣ୍ଣନ ହୋଇଛି ଅଧ୍ୟାତ୍ମ ରାମାୟଣ ସର୍ଗ ୬, ଶ୍ଳୋକ ୬୪ରୁ ୮୮ରେ ।

ଉଲଟା ନାମ ଜପତ ଜଗଜାନା ।
ବାଲମିକ ଭଏ ବ୍ରହ୍ମ ସମାନା ॥

– ରାମଚରିତ-ମାନସ

''ସମସ୍ତ ସଂସାର ଲୋକ ଜାଣନ୍ତି ବାଲ୍ମୀକି ଓଲଟା ନାମ ଜପ କରି ବ୍ରହ୍ମ ସମାନ ହୋଇଛନ୍ତି ।''

ମରା, ମରା, ଜପତ ମୁନିସ ପରଂବ୍ରହ୍ମ ଭୟୋ ।
ରାମ, ରାମ ଜପତ ନ ଜାନେ କୌନ ପଦହେ ।

– 'ହରିନାମ ସୁମରାନି'

'' 'ମରା', 'ମରା' ଜପ କରି ଶ୍ରେଷ୍ଠମୁନି ବାଲ୍ମୀକି ବ୍ରହ୍ମ ସଦୃଶ ହେଲେ, 'ରାମ' 'ରାମ' ଜପ କଲେ ବ୍ୟକ୍ତିକୁ କେଉଁପଦ ମିଳିବ ତାହା ମୁଁ ଜାଣେ ନାହିଁ।''

## ନାରଦଙ୍କ ଉପାଖ୍ୟାନ

ନାରଦଙ୍କ ଗତି ଅବ୍ୟାହତ । ତାଙ୍କ ସକାଶେ କେଉଁଠି ପ୍ରବେଶ ନିଷେଧ ନ ଥାଏ । ସ୍ୱର୍ଗ, ମର୍ତ୍ତ୍ୟ, ପାତାଳ, ବୈକୁଣ୍ଠରେ ସେ ଭ୍ରମଣ କରୁଥାଆନ୍ତି । ହାତରେ ବୀଣା, ମୁଖରେ ଭଗବତ୍ ନାମ ଗୁଣ ଗାନ, ଚେତନା ଭଗବତ୍ ଚେତନାରେ ଲୀନ, ଦିବ୍ୟାନନ୍ଦରେ ସେ  ସର୍ବଦା ମସ୍ତ । ଭୟ ବୋଲି କ'ଣ ସେ ଜାଣନ୍ତି ନାହିଁ । ତାଙ୍କର ଶତ୍ରୁ ମିତ୍ର ନ ଥା'ନ୍ତି । ସମସ୍ତେ ପ୍ରିୟ । ଏପରିକି ଭଗବାନଙ୍କ ବୈରୀ ଅସୁରମାନେ ତାଙ୍କୁ ପୂଜା କରନ୍ତି । ତିନି ଲୋକର ଖବର ତାଙ୍କ ପାଖରେ । ଅନ୍ୟର କଲ୍ୟାଣ କରିବା ତାଙ୍କ ଜୀବନର ବ୍ରତ । ତାଙ୍କର ପ୍ରତ୍ୟେକ କର୍ମର ପଶ୍ଚାତରେ ପରର ହିତ ଥାଏ । ଯେଉଁ ଅସୁରକୁ ମରାଇବାର ପ୍ରେରଣା ଦିଅନ୍ତି ସେଥିରେ ବି ତାଙ୍କର ଦୟା । ସେ ତ୍ରିକାଳଦର୍ଶୀ । ଭଗବତ୍ ଭକ୍ତଙ୍କୁ ସାହାଯ୍ୟ ନ କରି ରହି ପାରନ୍ତି ନାହିଁ । ଧ୍ରୁବ, ପ୍ରହ୍ଲାଦ ଅଥବା ଯେ କେହି ଭକ୍ତ ଭଗବାନଙ୍କ ଅନ୍ୱେଷଣରେ ବାହାରି ଥିଲେ, ନାରଦ ରାସ୍ତାରେ ଭେଟିଥିଲେ ଓ ଉପଦେଶ ଦେଇଥିଲେ ସେହିମାନଙ୍କୁ ।

ମହର୍ଷି ବ୍ୟାସଦେବ ପଶ୍ଚାତ୍ତାପ ଏବଂ ଅନୁତାପରେ ନିମଗ୍ନ । ସେ କେତେ ଶାସ୍ତ୍ର, ପୁରାଣ ରଚନା କରି ସାରିଛନ୍ତି; ଯମ, ନିୟମ, ଆସନ, ପ୍ରାଣାୟାମ ଆଦି କେତେ କଠୋର ଯୌଗିକ ସାଧନା ସମାପ୍ତ କରିଛନ୍ତି । କିନ୍ତୁ ମନୋନୁରୂପ ଶାନ୍ତି, ସନ୍ତୋଷ ଭଗବତ୍ ଆନନ୍ଦର କିଛି ଅଂଶରେ ଅଭାବ ନିଜ ଅନ୍ତରରେ ଅନୁଭବ କରୁଛନ୍ତି । ସେହି ସକାଶେ ସେ ଦୁଃଖିତ । ବ୍ୟାସଦେବଙ୍କୁ ଦିବ୍ୟାନନ୍ଦ ପ୍ରାପ୍ତିରେ ସାହାଯ୍ୟ କରିବା ସୁଅବସରରୁ ନାରଦ ବଞ୍ଚିତ ରହିବେ କିପରି ? ତାଙ୍କୁ ଆମ ପରି ଚାଲି ଯିବାକୁ ହୁଏ ନାହିଁ; ସଂକଳ୍ପ କରିବା ମାତ୍ରେ ପହଞ୍ଚି ଯାଆନ୍ତି । ସେଥିପାଇଁ ତାଙ୍କ ନାମ ମନଜାନୀ । କଥାରେ କଥାରେ ସେ ବ୍ୟାସଦେବଙ୍କ ପାଖରେ ଉପସ୍ଥିତ ।

ନାରଦଙ୍କ ଦର୍ଶନରେ ବ୍ୟାସଦେବ ଆନନ୍ଦ ହୋଇ ଅଭିବାଦନ ପୂର୍ବକ ତାଙ୍କୁ ସୁନ୍ଦର ଆସନ ଦେଲେ । ସେ ବସି କୁଶଳ ପ୍ରଶ୍ନର ପ୍ରସଙ୍ଗରେ କହିଲେ, ''ମହାମୁନେ, ତୁମେ ବିମର୍ଷ ହୋଇ ବସିଛ କାହିଁକି ?''

ବ୍ୟାସଦେବ – ନାରଦଜି, ମୁଁ ଏତେ ଶାସ୍ତ୍ର ପୁରାଣ ରଚନା କରିଛି, କେତେ ସାଧନା ନିର୍ବିଘ୍ନରେ ସମାପ୍ତ କରିଛି କିନ୍ତୁ ଏପର୍ଯ୍ୟନ୍ତ ସନ୍ତୋଷଜନକ ଦିବ୍ୟାନନ୍ଦ ପ୍ରାପ୍ତ କରିପାରି ନାହିଁ । କିନ୍ତୁ ତୁମେ ଭଗବତ୍ ଦିବ୍ୟାନନ୍ଦରେ ସର୍ବଦା ନିମଗ୍ନ ରହୁଛ । ଏହା ତୁମ୍ଭଙ୍କୁ ପ୍ରାପ୍ତ ହେଲା କି ଉପାୟରେ ? ଯଦି ଗୁପ୍ତ ରଖିବା ଯୋଗ୍ୟ ନ ହୁଏ ତେବେ ଦୟାକରି କୁହ ।

ନାରଦ – ବ୍ୟାସଦେବ, ମୋତେ ଭଗବତ୍ ପରମାନନ୍ଦ କିପରି ପ୍ରାପ୍ତ ହେଲା ମୁଁ ମୋର ପୂର୍ବଜନ୍ମ ବୃତ୍ତାନ୍ତରେ ପରେ କହିବି । ତୁମ୍ଭଙ୍କୁ ସନ୍ତୋଷଜନକ ଭଗବଦାନନ୍ଦ ପ୍ରାପ୍ତ ନ ହେବାର କାରଣ ପ୍ରଥମରେ ଶୁଣ :

ଭବତାନୁଦିତପ୍ରାୟଂ ଯଶୋ ଭଗବତୋଽମଲମ୍
ଯେନୈବାସୌ ନ ତୁଷ୍ୟେତ ମନ୍ୟେ ତଦ୍ଦର୍ଶନଂ ଖିଲମ୍

– ଭାଗବତ, ପ୍ରଥମସ୍କନ୍ଧ, ଅଧ୍ୟାୟ ୫, ଶ୍ଳୋକ ୮ ।

''ବ୍ୟାସଦେବ, ତୁମ୍ଭେ ଭଗବାନଙ୍କ ନିର୍ମଳ ଯଶୋଗାନ ପ୍ରାୟ କରି ନାହଁ । ଯେଉଁଥିରେ ଭଗବାନ୍ ସନ୍ତୁଷ୍ଟ ହୁଅନ୍ତି ନାହିଁ ସେ ଶାସ୍ତ୍ର ବା ଜ୍ଞାନ ଅପୂର୍ଣ୍ଣ, ଏହା ମୋର ଧାରଣା ।''

ଭୋ ମୁନି ସତ୍ୟ ଏ ବଚନ । ତେଣୁ ସନ୍ତୋଷ ନୁହେଁ ମନ ॥
କୃଷ୍ଣ ନିର୍ମଳ ଯଶ ଗୁଣ । ଯେଣୁ ନ କଲ ଉଚ୍ଚାରଣ ॥
ଯେ ଧର୍ମେ କୃଷ୍ଣ ତୋଷ ନୋହିଁ । ସେ ଧର୍ମ ନିଉନ ଅଟଇ ॥

ଏତତ୍‌ସଂସୂଚିତମଂ ବ୍ରହ୍ମଂସ୍ତାପତ୍ରୟ ଚିକିତ୍ସିତମ୍
ଯଦୀଶ୍ୱରେ ଭଗବତି କର୍ମ ବ୍ରହ୍ମଣୀ ଭାବିତମ୍ ।।୩୨।।

''ପୁରୁଷୋତ୍ତମ ଭଗବାନ୍ ଶ୍ରୀକୃଷ୍ଣଙ୍କୁ ସମସ୍ତ କର୍ମ ସମର୍ପଣ କରିଦେବାହିଁ ସଂସାରର ତିନି ତାପର ଏକମାତ୍ର ଔଷଧ । ଏହା ମୁଁ ତୁମ୍ଭଙ୍କୁ କହିଛି ।''

ଯେ ପୁଣ୍ୟ ବେଦମାର୍ଗେ କରେ । ସକାମଚିତ୍ତେ ଫଳ ଧରେ ॥
ହରିଙ୍କି ନ କରେ ଅର୍ପଣ । ସେ ସର୍ବ ଫଳ ଅକାରଣ ॥

ବ୍ୟାସଦେବ, ତୁମ୍ଭେ ଶାସ୍ତ୍ର ପୁରାଣ ରଚନା କରିଅଛ ସତ ସୁତରାଂ ଭଗବତ ଚରିତ୍ର ବର୍ଣ୍ଣନ କରି ନାହଁ । ସେଥିପାଇଁ ତୁମ୍ଭଙ୍କୁ ପରମ ଶାନ୍ତି ପରମାନନ୍ଦ ପ୍ରାପ୍ତ ହୋଇ ନାହିଁ । ମନୁଷ୍ୟ ସମସ୍ତ ପ୍ରକାର ସାଧନ ସମ୍ପନ୍ନ, କାବ୍ୟ ରଚନାରେ ପ୍ରବୀଣ, ଜାଗତିକ ସମସ୍ତ କାର୍ଯ୍ୟରେ ଦକ୍ଷତା ପ୍ରାପ୍ତ କରେ, ବଡ଼ ବଡ଼ ଯଜ୍ଞାନୁଷ୍ଠାନ, ଦେଶସେବା, ପରୋପକାର, ଅନ୍ୟର ହିତସାଧନାର୍ଥେ ଔଷଧାଳୟ, ଅନ୍ନବସ୍ତ୍ର ଦାନାଦି ଉତ୍ତମକର୍ମ କରିବାରେ ତାଙ୍କୁ ଯଥାର୍ଥ ସୁଖ ଶାନ୍ତି ମିଳେ ନାହିଁ, ଯେପର୍ଯ୍ୟନ୍ତ ସେ ସମସ୍ତ କର୍ମ ଭଗବାନଙ୍କୁ ଅର୍ପଣ ନ କରେ, ଭଗବତ୍ ଗୁଣଗାନ ନ କରେ । ତୁମ୍ଭେ ଭାଗବତ ରଚନା କର ଯାହାକୁ ପଠନ ପାଠନ କରି ଅଗଣିତ ନରନାରୀ ଉଦ୍ଧାର ହେବେ । ଏବେ ମୋତେ ପରମାନନ୍ଦ ପ୍ରାପ୍ତିର ବିଷୟ ମୋ ପୂର୍ବଜନ୍ମ ବୃତ୍ତାନ୍ତରୁ ଶୁଣ ।

## ନାରଦଙ୍କ ପୂର୍ବଜନ୍ମର ବୃତ୍ତାନ୍ତ

ବ୍ୟାସଦେବ, ମୁଁ ପୂର୍ବଜନ୍ମରେ ଜଣେ ବେଦବାଦୀ ବ୍ରାହ୍ମଣଙ୍କ ଦାସୀର ସନ୍ତାନ ଥିଲି । ସେ ବ୍ରାହ୍ମଣ ବେଦଜ୍ଞ ପଣ୍ଡିତ ତଥା ଭକ୍ତ ଥିଲେ । ଦୈବଯୋଗେ କେତେକ ମହାତ୍ମା ତାଙ୍କ ଗୃହରେ ପଦାର୍ପଣ କଲେ । ବ୍ରାହ୍ମଣ ତାଙ୍କୁ ଭକ୍ତିପୂର୍ଣ୍ଣ ସେବା ଦ୍ୱାରା ସନ୍ତୁଷ୍ଟ କରି ପ୍ରାର୍ଥନା କଲେ, ''ବର୍ତ୍ତମାନ ବର୍ଷାଋତୁର ଆଗମନ, କୃପାପୂର୍ବକ ଚତୁର୍ମାସ ବ୍ରତ ଏହିଠାରେ କରନ୍ତୁ ।'' ଅର୍ଥାତ୍ ବର୍ଷା ଋତୁରେ ଏହିଠାରେ ନିବାସ କରନ୍ତୁ । ମହାତ୍ମାମାନେ ତାଙ୍କ ପ୍ରାର୍ଥନା ସ୍ୱୀକାର କରି ସେଠାରେ ନିବାସ କଲେ । ବ୍ରାହ୍ମଣ ସ୍ୱୟଂ ମହାତ୍ମାମାନଙ୍କ ସେବା କାର୍ଯ୍ୟରେ ତତ୍ପର ରହୁଥିଲେ । ସେହି ସମୟରେ ମୋତେ ମଧ୍ୟ ମହାତ୍ମାମାନଙ୍କ ସେବାରେ ସୌଭାଗ୍ୟ ପ୍ରାପ୍ତ ହେଲା ମୁଁ ଯଦ୍ୟପି ପାଞ୍ଚବର୍ଷର ବାଳକ ଥିଲି ତଥାପି ମୋର ଚପଳତା ନ ଥିଲା । ମୁଁ ଖେଳାଖେଳି କରୁ ନ ଥିଲି । ବହୁତ କମ୍ କଥା କହୁଥିଲି ଓ ସେମାନଙ୍କ ସକାଶେ ଦାନ୍ତକାଠି ଆଣି ଦେଉଥିଲି । ସେମାନେ ସ୍ନାନ କରିବାକୁ ଯିବା ସମୟରେ ସେମାନଙ୍କ କମଣ୍ଡଳୁ ଉଠାଇ ତାଙ୍କ ହାତରେ ଦେଇ ଦେଉଥିଲି । ମୋର ଶାନ୍ତ ସ୍ୱଭାବରେ ସେମାନେ ସନ୍ତୁଷ୍ଟ ଥିଲେ । ସେମାନଙ୍କ ଭୋଜନ ପରେ ସେମାନଙ୍କ ଆଜ୍ଞାପ୍ରାପ୍ତ କରି ଶେଷରେ ବଞ୍ଚି ରହିଥିବା ଉଚ୍ଛିଷ୍ଟ ଭୋଜନ କରୁଥିଲି । ସନ୍ଥମାନଙ୍କ ସେବା ତଥା ସେମାନଙ୍କ ଉଚ୍ଛିଷ୍ଟ ଭୋଜନରେ ମୋ ହୃଦୟ, ମନ ଶୁଦ୍ଧ ହୋଇଗଲା । ସେମାନଙ୍କ ସଙ୍ଗରେ ରହି ସେମାନଙ୍କଠାରୁ ଭାଗବତ ଲୀଳା ଗୁଣଗାନ ଶୁଣି ଭଗବାନଙ୍କ ପ୍ରତି ମୋ ହୃଦୟରେ ଭକ୍ତି ଉତ୍ପନ୍ନ ହେଲା । ସେମାନଙ୍କ ଭଜନ ପୂଜନ ଦେଖି ସେହିପରି ଆଚରଣରେ ମୋର ସ୍ୱତଃ ପ୍ରବୃତ୍ତି ହେଲା ।

ସତ୍‌ସଙ୍ଗ ପ୍ରଭାବରୁ ମୋର ବିନୟ ସ୍ୱଭାବ ଥିଲା । ମୁଁ ଆଜ୍ଞାପାଳନରେ ତତ୍ପର ଥିଲି । ବାଳକ ପ୍ରତି ସ୍ନେହ ହେବା ସ୍ୱାଭାବିକ । ମୋର ସମସ୍ତ ସଦ୍‌ଗୁଣ ଦେଖି ମହାତ୍ମାମାନେ ମୋ ଉପରେ ଅତ୍ୟନ୍ତ ସନ୍ତୁଷ୍ଟ ଥିଲେ । ଏହିପରି ସେମାନଙ୍କ ସେବାରେ ଚାରିମାସ ରହିଲି । ଯିବା ସମୟରେ ଦୀନବତ୍ସଳ ମୁନିମାନେ ମୋତେ ଭଗବତ୍ ଗୁପ୍ତତତ୍ତ୍ୱ ଉପଦେଶ ଦେଇ ପ୍ରସ୍ଥାନ କଲେ, ଯେଉଁ ଉପଦେଶ ପ୍ରାପ୍ତିରେ ମନୁଷ୍ୟ ସଂସାରର ମୋହ-ଜାଲରୁ ମୁକ୍ତ ହୋଇ ପରମପଦ ପ୍ରାପ୍ତ ହୋଇପାରେ ।

ମୋ ମନ ଭଗବାନଙ୍କ ଚରଣରେ ସ୍ଥିର ହୋଇଗଲା । କେବଳ ମା'ର ମୋହ-ବନ୍ଧନ ଯୋଗୁଁ ତା' ପାଖରେ ରହି ଭବିଷ୍ୟତ୍ ସମୟକୁ ଅପେକ୍ଷା କରୁଥିଲି । ମା' ସଂସାର ମାୟାରେ ବଦ୍ଧ ଥିଲା । ତା'ର ସଂସାରର ସମସ୍ତ ସ୍ନେହ-ମମତା ମୋଠାରେ ଏକତ୍ର ହୋଇଥିଲା । ମୋର ପାଳନପୋଷଣ ଉତ୍ତମରୁ ଉତ୍ତମରୂପେ କରିବାକୁ ଚାହୁଁଥିଲା । କିନ୍ତୁ ଅନ୍ୟର ସେବିକା ଥିବାରୁ ସେ କରିପାରୁ ନ ଥିଲା । ରାତ୍ରିରେ ଥରେ ସେ ଗାଈ ଦୁହିଁବାକୁ ଯିବା ସମୟରେ ତାକୁ ସର୍ପ ଦଂଶନ କଲା । ତା'ର ମୃତ୍ୟୁ ସଙ୍ଗେ ସଙ୍ଗେ ମୋର ସମସ୍ତ ବନ୍ଧନ ଛିନ୍ନ ହେଲା ।

ଭଗବାନଙ୍କୁ ପ୍ରାପ୍ତ କରିବା ଉଦ୍ଦେଶ୍ୟରେ ମୁଁ ଘରୁ ବାହାରି କେତେ ଗ୍ରାମ, ନଗର ଅତିକ୍ରମ କରି ଗୋଟିଏ ଘୋର ଜଙ୍ଗଲରେ ପ୍ରବେଶ କଲି । କ୍ଷୁଧା ପିପାସାରେ ପଥଯାତ୍ରା ଯୋଗୁଁ ବହୁତ ଦୁର୍ବଳ ଅନୁଭବ କଲି । ବନ ମଧ୍ୟସ୍ଥ ଗୋଟିଏ ନଦୀ ଦେଖି ସେଥିରେ ସ୍ନାନ କରି ଜଳପାନ କରିବାରୁ ପଥଶ୍ରାନ୍ତି ଦୂର ହୋଇଗଲା । ସେହି ନଦୀ ନିକଟରେ ଥିବା ଅଶ୍ୱତ୍ଥ ବୃକ୍ଷ ମୂଳେ ବସି ମହାତ୍ମାମାନଙ୍କ ଉପଦେଶ ଅନୁସାରେ ହୃଦୟରେ ଭଗବତ୍ ମୂର୍ତ୍ତିର ଧ୍ୟାନପୂର୍ବକ ମନ୍ତ୍ର ଜପ କଲି । ଭଗବତ୍ ଭକ୍ତିରେ ନେତ୍ରରୁ ପ୍ରେମାଶ୍ରୁ ଧାରା ପ୍ରବାହିତ ହେଲା । କଣ୍ଠ ରୁଦ୍ଧ ହୋଇଗଲା; ରୋମାଞ୍ଚ, କମ୍ପ ଆଦି ସାତ୍ତ୍ୱିକ ଭାବ ଶରୀରରେ ପ୍ରକାଶ ହେଲା । ଭଗବତ୍ ଦର୍ଶନ ସକାଶେ ହୃଦୟ ବ୍ୟାକୁଳ ହୋଇପଡ଼ିଲା । ଭଗବାନ୍ କରୁଣାମୟ ଦୀନବତ୍ସଳ । ମୋ ବ୍ୟାକୁଳତା ଆଉ ସେ ସହି ପାରିଲେ ନାହିଁ । ମୋ ହୃଦୟ ମନ୍ଦିରରେ ତାଙ୍କ ଦିବ୍ୟ ସ୍ୱରୂପରେ ସେ ପ୍ରଘଟ ହେଲେ ।

''ନିର୍ଜନ ବନେ ନଦୀକୂଳେ । ବସି ଅଶ୍ୱତ୍ଥ ତରୁମୂଳେ ।।
କୃଷ୍ଣର ପାଦପଦ୍ମ ଯୁଗେ । ଧ୍ୟାନେ ଚିନ୍ତଇ ଦୃଢ଼ ମାର୍ଗେ ।।
ଉତ୍କଣ୍ଠା ଗଦ୍‌ଗଦ ବଚନ । ଅଶ୍ରୁଜଳରେ ନେତ୍ର ପୂର୍ଣ୍ଣ ।।
ତକ୍ଷଣେ ପରମ ଆନନ୍ଦେ । ହରି ବିଜୟ ମୋର ହୃଦେ ।।

ଅତ୍ୟନ୍ତ ପ୍ରେମଭରେ ଦେହେ । ଉଦ୍‌ଗମ ହେଲେ ତନୁ ରୁହେ ।।
ଆନନ୍ଦସାଗରେ ବୁଡ଼ିଲି । ଉଭୟ ଲୋକ ନ ଜାଣିଲି ।।
ରୂପେ କି ଦେବା ପଟାନ୍ତର । ମନ ବଚନ ଅଗୋଚର ।।''

— ଭାଗବତ, ୧୬ । ୧୭

ଭଗବାନଙ୍କ ଦର୍ଶନରେ ମୁଁ ଆନନ୍ଦ ବିଭୋର ହୋଇ ପଡ଼ିଲି । କିନ୍ତୁ ଖୁବ୍ ଅଳ୍ପ ସମୟ ପରେ ଭଗବାନଙ୍କ ସେହି ଦିବ୍ୟ ସ୍ୱରୂପ ଅନ୍ତର୍ଦ୍ଧାନ ହୋଇଗଲା । ସେହି ଦିବ୍ୟ ସ୍ୱରୂପ ନ ଦେଖି ମୁଁ ଅତ୍ୟନ୍ତ ବ୍ୟାକୁଳ ହୋଇ ପଡ଼ିଲି । ବାରଂବାର ସମାହିତ ଚିତ୍ତରେ ଚେଷ୍ଟା କରିବାରେ ମଧ୍ୟ ଆଉ ଭଗବାନଙ୍କୁ ନ ଦେଖି ଶୋକରେ ବିହ୍ୱଳ ହୋଇଗଲି । ଭଗବାନ୍ ଆକାଶ ବାଣୀରେ କହିଲେ, ''ବତ୍ସ, ଅଳ୍ପକାଳ ସନ୍ଥସେବା ପ୍ରଭାବରେ ତୋ ହୃଦୟ ପବିତ୍ର ହୋଇ ଯାଇଥିଲା । ତୋ ଉତ୍ସାହ ବୃଦ୍ଧି କରିବାକୁ ମୁଁ ଦର୍ଶନ ଦେଲି । ମୋତେ ପ୍ରାପ୍ତ କରିବାର ତୋର ଏହି ଯେଉଁ ଦୃଢ଼ ସଂକଳ୍ପ କେବେ ନଷ୍ଟ ହେବ ନାହିଁ । ସୃଷ୍ଟି ପ୍ରଳୟ ହେଲେ ମଧ୍ୟ ମୋ କୃପାରେ ତୋର ମୋ ସ୍ମରଣ ବରାବର ରହିବ । ଏହି ଶରୀର ତ୍ୟାଗ କରିବା ପରେ ତୁ ମୋର ପାର୍ଷଦ ହୋଇ ମୋ ପାଖରେ ରହିବୁ ।

''ମତିର୍ମୟି ନିବଦ୍ଧେୟଂ ନ ବିପଦ୍ୟେତ କର୍ହିଚିତ୍
ପ୍ରଜାସର୍ଗ ନିରୋଧଽପି ସ୍ମୃତି ଚ ମଦନୁଗ୍ରହାତ୍ । ୨୫ ।''

— ଭାଗବତ, ଷଷ୍ଠ ଅଧ୍ୟାୟ ।

''ମୋର ସେବକ ସେବା ଫଳେ । ତେଣୁ ଦେଖିଲୁ ମୋତେ ଡୋଳେ ।।
ମୁଁ ଯାର ଚିତ୍ତେ ନିତ୍ୟ ଥାଇ । ତା ହୃଦେ ଅମଙ୍ଗଳ କାହିଁ ।।
ଏବେ ସାଧୁଙ୍କ ସେବା କରି । ଦୀର୍ଘ ଜୀବନ ଦେହେ ଧରି ।।
ଦୃଢ଼ ଭକତି ମୋର ପାଦେ । ଚିତ୍ତେ ପ୍ରସାରୁ ଅପ୍ରମାଦେ ।।
ଏ ଦେହ ଛାଡ଼ି ମୋର ଧ୍ୟାନେ । ଅନ୍ତେ ମିଳିବୁ ମୋ ଭୁବନେ ।।
ମୋର ବିଷୟେ ତୋର ମତି । କେବେହେଁ ନୋହିବ ଦୁର୍ଗତି ।।
ସୃଷ୍ଟି ପ୍ରଳୟ ବାଧା ଯେତେ । କେବେହେଁ ନ ଲାଗିବ ତୋତେ ।।''

— ଭାଗବତ, ଷଷ୍ଠ ଅଧ୍ୟାୟ ।

ଭଗବାନ୍ ଏହା କହି ଅନ୍ତର୍ଦ୍ଧାନ ହୋଇଗଲେ । ଭଗବାନଙ୍କ ଭଜନ ଧ୍ୟାନ ସତ୍‌ସଙ୍ଗରେ ବହୁତ ବର୍ଷ ବ୍ୟତୀତ କଲି । ଠିକ୍ ସମୟରେ ଅକ୍ଲେଶରେ ଶରୀର ତ୍ୟାଗ କରି ଭଗବତ୍ ଧାମ ପ୍ରାପ୍ତ ହେଲି । ପରେ ନୂତନ ସୃଷ୍ଟି ସମୟରେ ବ୍ରହ୍ମାଙ୍କ ମାନସ ପୁତ୍ର ରୂପେ ଜନ୍ମ ହୋଇ ସମଗ୍ର ସଂସାର ବିଚରଣ କରୁଅଛି । ସତ୍‌ସଙ୍ଗ ପ୍ରଭାବରୁ ଭଗବାନଙ୍କ ଚରଣରେ ଅଚଳା ଭକ୍ତି, ପରମ ଜ୍ଞାନ ପ୍ରାପ୍ତ ହୋଇ ଥିବାରୁ ସଂସାର ବ୍ୟଥା ମୋତେ ସ୍ପର୍ଶ କରି ପାରେ ନାହିଁ, ଅବାଧରେ ସ୍ୱର୍ଗ ମର୍ତ୍ତ୍ୟ ପାତାଳ ବୈକୁଣ୍ଠାଦି ସ୍ଥାନରେ ବିଚରଣ କରୁଥାଏ ।

ବ୍ୟାସଦେବ ତୁମେ ଭାଗବତ ରଚନା କର । ତୁମର ଗ୍ଲାନି ଦୂର ହୋଇଯିବ ।

## ଅଗସ୍ତ୍ୟ

ଅଗସ୍ତ୍ୟ ମାତା ଗର୍ଭରୁ ଜାତ ହୋଇ ନ ଥିଲେ । ଅଗସ୍ତ୍ୟ ମିତ୍ର ବରୁଣଙ୍କ ତେଜଃ ଦ୍ୱାରା ଘଟ (କଳସ)ରୁ ଜାତ ହୋଇଥିଲେ । କିନ୍ତୁ ସତ୍‌ସଙ୍ଗ ପ୍ରଭାବରେ ସେ ଏତେ ମହାନ୍ ଋଷି ହେଲେ ଯେ ତାଙ୍କ ସତ୍‌ସଙ୍ଗ ସକାଶେ ଭଗବାନ୍ ଶଙ୍କର କେବେ କେବେ ତାଙ୍କ ପାଖକୁ ଯାଉଥିଲେ ।

ଗୋସ୍ୱାମୀ ତୁଳସୀ ଦାସ ତାଙ୍କ ରଚନା 'ରାମ ଚରିତ-ମାନସ' ରାମାୟଣରେ ସତ୍‌ସଙ୍ଗ ମହତ୍ତ୍ୱ ବର୍ଣ୍ଣନା କରିବା ସମୟରେ କହିଛନ୍ତି,

''ବିଧି ହରି, ହରି, କବି, ଗୋବିନ୍ଦ ବାଣୀ ।
କହତ ସାଧୁ ମହିମା ସକୁଚାନି ।
ସୋ ମୋସନ କହିଜାତନ କୈଶେ ।
ସାକ ବଣିକ ମଣି ଗୁଣଗଣ ଜୈସେ ।''

''ବ୍ରହ୍ମା, ବିଷ୍ଣୁ, ମହେଶ୍ୱର, କବି ଶୁକ୍ରାଚାର୍ଯ୍ୟ, ପଣ୍ଡିତ ବୃହସ୍ପତି ତଥା ସରସ୍ୱତୀ, ସନ୍ଥମାନଙ୍କ ମହିମା କହିବାକୁ ସଙ୍କୋଚ କରନ୍ତି । ଏପରି ସ୍ଥଳେ ସତ୍‌ସଙ୍ଗ ମହତ୍ତ୍ୱ କହିବାରେ ମୁଁ ଏପରି ଅସମର୍ଥ ଯେପରି ଶାଗ ବିକ୍ରି କରିବା ବ୍ୟକ୍ତି ମଣି ମାଣିକ୍ୟ ଗୁଣ ଜାଣିବାରେ ଅସମର୍ଥ ।''

ଏହା କହିବା ପରେ ତିନୋଟି ଉଦାହରଣ ଦେଲେ ଯଥା : ବାଲମିକ, ନାରଦ, ଅଗସ୍ତ୍ୟ ଋଷି । ଏମାନଙ୍କ ଜନ୍ମ, କର୍ମ, ସାମାଜିକ ଦୃଷ୍ଟିରେ ବହୁତ ନିମ୍ନ ଥିଲା । କିନ୍ତୁ ଏମାନେ ସତ୍‌ସଙ୍ଗ ପ୍ରଭାବରେ କିପରି ମହାନ୍ ଋଷି ହେଲେ ଏ ବିଷୟ ଆଲୋଚନା କରା ହେଲା ।

## ବ୍ୟକ୍ତିର ଉନ୍ନତି ଓ ଅବନତିର କାରଣ ସଙ୍ଗ

ମନୁଷ୍ୟ ସଂସାରର ଗୋଟିଏ ଛୋଟ ଆକାରର ଅନ୍ୟ ରୂପ । ବିରାଟ ଭଗବାନଙ୍କ ମଧ୍ୟରେ ସମସ୍ତ ସଂସାର ବିଦ୍ୟମାନ ଥାଏ । ମନୁଷ୍ୟ ଭଗବାନଙ୍କ ଅଂଶ । ସଂସାରରେ ଭଲ ମନ୍ଦ ଯାହା ଥାଏ ମନୁଷ୍ୟ ମଧ୍ୟରେ ମଧ୍ୟ ବୀଜାକାରରେ ତାହାହିଁ ଥାଏ । ଲୋକେ କହନ୍ତି ''ଯାହା ବ୍ରହ୍ମାଣ୍ଡେ ତାହା ପିଣ୍ଡେ''– ଏହାର ସତ୍ୟତା ସକାଶେ ଶ୍ରୀକୃଷ୍ଣ ଯଶୋଦାଙ୍କୁ ନିଜ ମଧ୍ୟରେ ସମସ୍ତ ବ୍ରହ୍ମାଣ୍ଡକୁ ଦେଖାଇ ଦେଇଥିଲେ । ଯଥାର୍ଥରେ ମନୁଷ୍ୟ ମଧ୍ୟରେ ସୁପ୍ତଶକ୍ତି ସବୁ ଜାହାଜର ଜଳମଗ୍ନ ଭାଗ ସଦୃଶ ବହୁତ ବେଶୀ । ମନୁଷ୍ୟର ଅନ୍ତର୍ନିହିତ ଶକ୍ତି ତୁଳନାରେ ବାହ୍ୟମନ-ବିକାଶ ଜାହାଜର ଉପରିଭାଗ ସଦୃଶ ବହୁତ କମ୍ । ଅଧ୍ୟାତ୍ମ-ପ୍ରଯତ୍ନ ଦ୍ୱାରା ମନୁଷ୍ୟର ସମସ୍ତ ସୁପ୍ତଶକ୍ତି ଜାଗ୍ରତ ହୋଇପାରେ । ଅଧ୍ୟାତ୍ମ-ସାଧକମାନେ ସାଧନା କରନ୍ତି ବ୍ୟକ୍ତିଗତ ଭାବେ ନିଜେ । ନିଜକୁ ଯେତେଦୂର ସେମାନେ ବୁଝି ପାରନ୍ତି ସେହି ଅନୁପାତରେ ସଂସାରକୁ ମଧ୍ୟ ବୁଝିପାରନ୍ତି । କାରଣ ଯଥାର୍ଥରେ ମନୁଷ୍ୟ ବିଶ୍ୱର ଏକ ଅଂଶ ବିଶେଷ । ମନୁଷ୍ୟ ଶରୀର ନିର୍ମାଣ ହୋଇଛି ମନ, ପ୍ରାଣ, ଶରୀର ଏବଂ ଆତ୍ମାର ସଂଯୋଗରେ । ଏହିସବୁ ବିଶ୍ୱମନ, ବିଶ୍ୱପ୍ରାଣ, ବିଶ୍ୱ ସ୍ଥୂଳତତ୍ତ୍ୱ ବିଶ୍ୱ ଆତ୍ମାର ବ୍ୟଷ୍ଟିରୂପ । ଏହି ସକାଶେ ମନୁଷ୍ୟର ସଂସାର ସହିତ ଅଚ୍ଛେଦ୍ୟ, ଅଭେଦ୍ୟ ଏକତ୍ୱ । ପୁରାତନ ଯୋଗୀମାନେ ସଂସାରର ସମ୍ବନ୍ଧ କାଟି ଦେବାରୁ ତାଙ୍କର ବ୍ୟକ୍ତିଗତ ମୁକ୍ତି ହୁଏ । ପୂର୍ଣ୍ଣ ଯୋଗୀ ସଂସାର ସମ୍ବନ୍ଧ ନ କାଟିବାରୁ ଏକ ବ୍ୟକ୍ତି ମଧ୍ୟରେ ଯେଉଁ ରୂପାନ୍ତର ହୁଏ, ତାହା ସମସ୍ତ ବ୍ରହ୍ମାଣ୍ଡରେ ଘଟେ । ଏଠାରେ ଶରୀର ଓ ସଂସାର ଏକ ଏବଂ ପୂର୍ଣ୍ଣ ଯୋଗରେ ମନ-ପ୍ରାଣ-ଶରୀର ରୂପାନ୍ତରରେ ସଂସାର ରୂପାନ୍ତର, ଏହା ଏଠାରେ ଆମ୍ଭର ଆଲୋଚ୍ୟ ବିଷୟ ନୁହେଁ । ସେନେଇ ଏ ବିଷୟକୁ ଏହିଠାରେ ଛାଡ଼ିବା ।

ଆମ୍ଭର ଆଲୋଚ୍ୟ ବିଷୟ ହେଲା ସଂସାର ଯେପରି ଭାଗବତୀ ଶକ୍ତି ଏବଂ ଆସୁରୀ ଶକ୍ତି ଦ୍ୱାରା ପରିଚାଳିତ ହୁଏ ମନୁଷ୍ୟ ମଧ୍ୟ ସେହିପରି ଏହି ଦୁଇ ଶକ୍ତି ଦ୍ୱାରା ପରିଚାଳିତ ହୁଏ । ସଂସାର ତଥା ବ୍ୟକ୍ତି ଭଗବାନଙ୍କ ସ୍ୱରୂପ । ଭଗବାନଙ୍କ ମଧ୍ୟରେ ଯେଉଁସବୁ ଶକ୍ତି ଥାଏ ତାହା ସମସ୍ତ ସଂସାରରେ ଏବଂ ମନୁଷ୍ୟ ମଧ୍ୟରେ ବିଦ୍ୟମାନ । କିନ୍ତୁ ସେହି ଭଗବାନଙ୍କ ଶକ୍ତି ସଂସାରରେ ଆସି ବିକୃତ ହୋଇଯାଏ । ସେହି କାରଣରୁ ସଂସାରରେ ଏବଂ ମନୁଷ୍ୟ ମଧ୍ୟରେ ଭଲ ମନ୍ଦ ଦୁଇଟା ଶକ୍ତି କାର୍ଯ୍ୟ କରେ । ଭଗବାନଙ୍କ ସ୍ୱରୂପରେ ଶୁଦ୍ଧରୂପେ ସମସ୍ତ ଶକ୍ତି ଥାଏ । ଅର୍ଥାତ୍ କେବଳ ଭାଗବତୀ ଶକ୍ତି ଥାଏ, ଆସୁରୀ ଶକ୍ତି ନ ଥାଏ । ଭଗବାନଙ୍କ ମଧ୍ୟରେ ଜ୍ଞାନ, ଆନନ୍ଦାଦି ସମସ୍ତ ଶକ୍ତି ବିକଶିତ ଥାଏ, ସଂସାରରେ ତାହା ଥାଏ ସୁପ୍ତ । ଏହାହିଁ ଭଗବାନ୍ ଏବଂ ସଂସାର ମଧ୍ୟରେ ପ୍ରଭେଦ ।

ସଂସାରରେ ଦୁର୍ନୀତି, ମନୁଷ୍ୟ ମଧ୍ୟରେ ଯେଉଁ ଦୁର୍ଗୁଣ ଦେଖାଯାଏ ତାହା ଯଥାର୍ଥରେ ସଂସାର ତଥା ମନୁଷ୍ୟର ଶୁଦ୍ଧ ସ୍ୱରୂପ ନୁହେଁ । ତାହା ସଙ୍ଗ ପ୍ରଭାବରୁ ଦୂଷିତ ଏବଂ ବିକୃତ ହୋଇ ପ୍ରକାଶ ହୋଇଥାଏ । ସଂସାରରେ ଯେତେବେଳେ ଆସୁରୀଦୁର୍ଗୁଣବିଶିଷ୍ଟ ବ୍ୟକ୍ତିଙ୍କ ସଂଖ୍ୟା ଅଧିକ ହୁଏ ସେତେବେଳେ ସଂସାରରେ ଅଧିକ ଅତ୍ୟାଚାର ବଢ଼େ; ଯେତେବେଳେ ଭଗବାନଙ୍କ ଅବତାର କିଂବା ବୁଦ୍ଧ, ଶଙ୍କର, ରାମାନୁଜ, ରାମାନନ୍ଦ, ଚୈତନ୍ୟ ମହାପ୍ରଭୁ ଓଗେର ମହାପୁରୁଷଙ୍କ ଆବିର୍ଭାବ ହୁଏ ସେତେବେଳେ ସଂସାର ସ୍ୱର୍ଗତୁଲ୍ୟ ସୁଖ, ଶାନ୍ତି, ଆନନ୍ଦରେ ପ୍ରଫୁଲ୍ଲିତ ହୁଏ । ଠିକ୍ ସେହିପରି ମନୁଷ୍ୟ । ପ୍ରତ୍ୟେକ ମନୁଷ୍ୟ ମଧ୍ୟରେ, ଏପରିକି ସମାଜ ଯାହାକୁ ସବୁଠାରୁ ନିକୃଷ୍ଟ ବ୍ୟକ୍ତି କହେ, ତାହା ମଧ୍ୟରେ ବି ସମସ୍ତ ଶକ୍ତି ସୁପ୍ତ ଥାଏ । ତାହା କେବଳ ବିକାଶ ହୁଏ ସତ୍‌ସଙ୍ଗ ଦ୍ୱାରା । ମନୁଷ୍ୟ ଜୀବନର ବିକାଶ ଏବଂ ପତନ ନିର୍ଭର କରେ ଏକମାତ୍ର ସଙ୍ଗ ଉପରେ । ଅଜାମିଳ ପରି ମନୁଷ୍ୟ କୁସଙ୍ଗରେ ମହାପାପୀ ହୋଇପାରେ, ସେହି ଅଜାମିଳ ପରି ମନୁଷ୍ୟ ସତ୍‌ସଙ୍ଗରେ ମହାନ୍ ପୁଣ୍ୟାତ୍ମା ହୋଇପାରେ ।

ଗ୍ରହ ଭେଷଜ ଜଲ ପଓ୍ୱନ
ପଟ ପାଇ କୁଯୋଗ ସୁଯୋଗ
ହୋହିଁ କୁବସ୍ତୁ ସୁବସ୍ତୁ ଜଗ
ଲଖହିଁ ସୁଲକ୍ଷଣ ଲୋଗ ।

– [ରାମଚରିତ-ମାନସ, ବାଲକାଣ୍ଡ ୭(କ)]

''ଗ୍ରହ, ଔଷଧ, ଜଳ, ପବନ, ବସ୍ତ୍ର କୁଯୋଗ ବା ସୁଯୋଗ ପାଇ କୁବସ୍ତୁ ବା ସୁବସ୍ତୁ ହୁଅନ୍ତି, ଏ ବିଷୟ ବିଚାରଶୀଳ ପୁରୁଷ ଜାଣନ୍ତି ।'' ନବଗ୍ରହ ମଧ୍ୟରୁ କୌଣସି ଗ୍ରହ କୌଣସି ସ୍ଥାନରେ ଉତ୍ତମ ଫଳ ଦିଅନ୍ତି । କିନ୍ତୁ ସେହି ଗ୍ରହ ଅନ୍ୟ ସ୍ଥାନରେ କିଂବା ଅନ୍ୟ ଗ୍ରହ ସଙ୍ଗରେ ରହିଲେ ଖରାପ ଫଳ ଦିଅନ୍ତି । ଔଷଧ ରୋଗ ଅନୁକୂଳ ଏବଂ ଅନୁପାନ ଠିକ୍ ହେଲେ ରୋଗୀ ରୋଗମୁକ୍ତ ହୁଏ, ଅନୁପାନ ବିପରୀତ ଔଷଧ ରୋଗର ପ୍ରତିକୂଳ ହେଲେ ସେହି ଔଷଧ ଦ୍ୱାରା ବ୍ୟକ୍ତିର ମୃତ୍ୟୁ ହୁଏ । ଜଳ ତୃଷାର୍ତ୍ତ ବ୍ୟକ୍ତିର ପ୍ରାଣ ରକ୍ଷା କରେ, ସେହି ଜଳ ବିଷ ସଙ୍ଗରେ ମନୁଷ୍ୟର ପ୍ରାଣ ନାଶ କରେ । ଜଳ ଔଷଧ ମିଶ୍ରିତ ହେଲେ ମୃତ୍ୟୁମୁଖୀ ରୋଗୀକୁ ଆରୋଗ୍ୟ କରେ, ଭଗବାନଙ୍କ ସଂସ୍ପର୍ଶରେ ଚରଣାମୃତ ହୁଏ, ବ୍ୟକ୍ତି ପବିତ୍ର ହେବା ଉଦ୍ଦେଶ୍ୟରେ ସେବନ କରନ୍ତି । ସେହି ଜଳ କ୍ଷତସ୍ଥାନ ସ୍ପର୍ଶ ଅଥବା ଅପବିତ୍ର ବସ୍ତୁର ସଂସ୍ପର୍ଶରେ ଆସିଲେ ମନୁଷ୍ୟ ଘୃଣା କରନ୍ତି । ପ୍ରସ୍ଫୁଟିତ ସୁଗନ୍ଧ ପୁଷ୍ପ ଅଥବା ସୁବାସ ଦ୍ରବ୍ୟକୁ ସ୍ପର୍ଶ କରି ବାୟୁ ଆସିଲେ ବ୍ୟକ୍ତି ହର୍ଷ ସହିତ ସେବନ କରେ । ଦୁର୍ଗନ୍ଧ ବସ୍ତୁ ସଂସ୍ପର୍ଶ ବାୟୁ ଆସିବା ମାତ୍ରେ ମନୁଷ୍ୟ ନାକ ବନ୍ଦ କରି ପକାଏ । ଦେବତା ଅଥବା ଶ୍ରେଷ୍ଠ ମହାପୁରୁଷଙ୍କ ବସ୍ତ୍ରକୁ ବ୍ୟକ୍ତି ପ୍ରସାଦ ରୂପେ ଗ୍ରହଣ କରନ୍ତି । ସେହି ବସ୍ତ୍ର ଶବ ସଂସ୍ପର୍ଶରେ ଏପରି ଅପବିତ୍ର ହୁଏ ଯେ ତାକୁ ବ୍ୟକ୍ତି ଛୁଅନ୍ତି ନାହିଁ । ଏହିସବୁ ବସ୍ତୁ ଯେପରି ଭଲ ସଙ୍ଗରେ ମହାନ୍ ହୁଅନ୍ତି ସେହିପରି ମନ୍ଦ ସଙ୍ଗରେ ମହାନ୍ ନିକୃଷ୍ଟ ଏବଂ ତ୍ୟାଜ୍ୟ ହୁଅନ୍ତି । ଏହା କେବଳ ସଙ୍ଗର ପ୍ରଭାବ ।

ମନୁଷ୍ୟ ସଙ୍ଗ ପ୍ରଭାବରେ ଦେବତା ହୋଇପାରେ, ଅସୁର ମଧ୍ୟ ହୋଇପାରେ । ଏହା ପ୍ରତ୍ୟକ୍ଷ ରୂପେ ଆଜି ବି ଆମ୍ଭମାନଙ୍କ ସମ୍ମୁଖରେ ଘଟୁଅଛି । ମନୁଷ୍ୟ ମଧ୍ୟରେ ଯେଉଁସବୁ ଅସାଧାରଣ ଶକ୍ତି ଥାଏ ତାହା କେବଳ ସତ୍‌ସଙ୍ଗରେ ବିକାଶ ହୁଏ । ସଂସାରରେ ସବୁଠାରୁ ଯଥାର୍ଥରେ ଯେ ଶ୍ରେଷ୍ଠ ବ୍ୟକ୍ତି, ତାହାଠାରେ ଯେଉଁ ଶକ୍ତି ବିକାଶ ହୋଇଛି ତାହାଠାରୁ ଅଧିକ ଶକ୍ତି ଜଣେ ନିକମା ଅପଦାର୍ଥ ବ୍ୟକ୍ତି ମଧ୍ୟରେ ନିହିତ ଅଛି । କିନ୍ତୁ ତା'ର ସତ୍‌ସଙ୍ଗର ଅଭାବ ଏବଂ ପ୍ରଯତ୍ନର ଅଭାବରୁ ତା' ମଧ୍ୟସ୍ଥିତ ସୁପ୍ତ ଶକ୍ତି ବିକଶିତ ହୋଇପାରି ନାହିଁ ।

## ସତ୍‌ସଙ୍ଗର ସ୍ୱରୂପ

ସତ୍‌ସଙ୍ଗ ତିନି ପ୍ରକାର । ପ୍ରଥମ ସତ୍‌ସଙ୍ଗ : ସତ୍ୟ ସ୍ୱରୂପ ଭଗବତ୍ ପ୍ରାପ୍ତି । ଏହାହିଁ ଦ୍ୱିତୀୟ ଏବଂ ତୃତୀୟ ପ୍ରକାର ସତ୍‌ସଙ୍ଗର ଫଳ । ଦ୍ୱିତୀୟ ଏବଂ ତୃତୀୟ ସତ୍‌ସଙ୍ଗ ପ୍ରଥମ ସତ୍‌ସଙ୍ଗ ଭଗବତ୍ ପ୍ରାପ୍ତିର ଉପାୟ ଅଥବା ସାଧନ । ଦ୍ୱିତୀୟ ସତ୍‌ସଙ୍ଗର ଅର୍ଥ : ଯେଉଁମାନେ ଭଗବତ୍ ପ୍ରାପ୍ତି କରିଥାଆନ୍ତି, ଭଗବତ୍ ଚେତନା ସଙ୍ଗେ ଏକ ହୋଇ ଥାଆନ୍ତି ସେମାନଙ୍କ ସଙ୍ଗ । ତଦ୍ୱାରା ବ୍ୟକ୍ତିର ଅନ୍ତରାତ୍ମା ଜାଗ୍ରତ ହୁଏ । ସେ ଭଗବତ୍ ପ୍ରାପ୍ତିର ଉପାୟ ସାଧନା କରିବାରେ ତତ୍ପର ହୁଏ । ତୃତୀୟ ସତ୍‌ସଙ୍ଗ : ଗୋଟିଏ ଗୋଷ୍ଠୀରେ କେତେଜଣ ଏକତ୍ର ହୋଇ ଭଗବତ୍ ଚରିତ୍ର, ନାମ, ଯଶଃ ବର୍ଣ୍ଣନ କରନ୍ତି ଅଥବା ସାମୂହିକ ରୂପେ ସାଧନା କରନ୍ତି କିଂବା କୌଣସି ବ୍ୟକ୍ତି ଦ୍ୱାରା ଭଗବତ୍ ଗୁଣ, ଚରିତ୍ର, ଭଗବତ ପ୍ରାପ୍ତିର ସାଧନା ବିଷୟ ଶୁଣନ୍ତି ।

ପ୍ରଥମ ସତ୍‌ସଙ୍ଗ ହେଲା, ଦ୍ୱିତୀୟ, ତୃତୀୟ ସତ୍‌ସଙ୍ଗର ଫଳ, ଅଥବା ସିଦ୍ଧି । ଦ୍ୱିତୀୟ ସତ୍‌ସଙ୍ଗ ସୁଲଭ ନୁହେଁ । ଭଗବତ୍ କୃପାରୁ କେବେ କେବେ ଅକସ୍ମାତ୍ ପ୍ରାପ୍ତ ହୁଏ ଅଥବା ପ୍ରୟାସ କରି ଅନ୍ୟ ସ୍ଥାନକୁ ଗଲେ ମିଳେ । କିନ୍ତୁ

ସବୁଠାରୁ ସହଜ ହେଉଛି ତୃତୀୟ ସତ୍ସଙ୍ଗ । ମନୁଷ୍ୟ ଯେଉଁଠାରେ ବାସ କରିଥାଏ ସେହିଠାରେ ସେ ଗୋଟିଏ ସତ୍ସଙ୍ଗ ଗୋଷ୍ଠୀ, ମଣ୍ଡଳୀ ଅଥବା କେନ୍ଦ୍ର ସ୍ଥାପନା କରିପାରେ । ଏହାଦ୍ୱାରା ପାରିପାର୍ଶ୍ୱିକ ବାତାବରଣ ଶୁଦ୍ଧ ପବିତ୍ର ହୁଏ; ନିକଟବର୍ତ୍ତୀ ସମ୍ପର୍କୀୟ ବ୍ୟକ୍ତିଙ୍କ ଉପରେ ବହୁତ ପ୍ରଭାବ ପଡ଼େ । ଏହାଦ୍ୱାରା ବହୁତ ସଂଖ୍ୟାରେ ବ୍ୟକ୍ତିଙ୍କର କଲ୍ୟାଣ ସାଧିତ ହୁଏ । ଏହି ତିନି ପ୍ରକାରର ସତ୍ସଙ୍ଗ ସବୁ ସମୟରେ କରାଯାଇପାରେ କିନ୍ତୁ ସବୁ ସମୟରେ ସଫଳ ହୁଏ ନାହିଁ; ନିର୍ଜୀବ, ଶକ୍ତିହୀନ, ନିଷ୍କ୍ରିୟ ହୋଇ ପଡ଼ିଥାଏ । କୌଣସି ସତ୍ୟ ଏହି ପୃଥିବୀରେ ସ୍ଥାପନା କରିବା ସକାଶେ ସ୍ୱୟଂ ଭଗବାନ୍ ଅଥବା ଭଗବାନଙ୍କ ନିର୍ଦ୍ଦେଶରେ କୌଣସି ମହାପୁରୁଷ ମନୁଷ୍ୟ ଶରୀର ଧାରଣ କରି ଏହି ପୃଥିବୀକୁ ଆସିଲେ ସତ୍ସଙ୍ଗ ଗୋଟିଏ ନୂତନ ରୂପ ନିଏ ଏବଂ ନିର୍ଜୀବ ହୋଇ ପଡ଼ିଥିବା ସତ୍ସଙ୍ଗରେ ଶକ୍ତି ସଞ୍ଚାର ହୁଏ । ଏହି ପୃଥିବୀରେ ଯେବେ ଏକ ମହାନ୍ ପରିବର୍ତ୍ତନ ଆସେ ଅର୍ଥାତ୍ ସଂସାର ଚେତନା ପୂର୍ଣ୍ଣରୂପେ ରୂପାନ୍ତର ହୁଏ, ସେତେବେଳେ ସତ୍ସଙ୍ଗ ମଧ୍ୟଦେଇ ଗୋଟିଏ ମହାନ୍ ଶକ୍ତି କ୍ରିୟା କରେ । ସେହି ପୂର୍ଣ୍ଣ ରୂପାନ୍ତର ସମୟହିଁ ଦେବ-ମୁହୂର୍ତ୍ତ । ସେହି ଦେବ ମୁହୂର୍ତ୍ତରେ ମନୁଷ୍ୟ ଜାଗ୍ରତ ନ ହେଲେ ମହାନ୍ ସୁଯୋଗ ହରାଏ ।

ବର୍ତ୍ତମାନ ସଂସାରରେ ଚେତନାର ପୂର୍ଣ୍ଣ ରୂପାନ୍ତରର ସମୟ । ସଂସାରରୁ ପୂର୍ଣ୍ଣତଃ ଦୁଃଖ ଦ୍ୱନ୍ଦ୍ୱ, ହିଂସା, ଦ୍ୱେଷ, ଅନୀତି, ଅତ୍ୟାଚାର ଦୂର ହେବାକୁ ଆରମ୍ଭ କରିବ । ସଂସାର ହେବ ସ୍ୱର୍ଗ, ମନୁଷ୍ୟ ହେବ ଦେବ-ମାନବ । କେତେକ ବ୍ୟକ୍ତି ଦେବ-ମାନବତ୍ୱ ଆଡ଼କୁ ଗତି କରିବା ଅନୁପାତରେ ସଂସାରରୁ ଦ୍ୱନ୍ଦ୍ୱ କ୍ରମଶଃ ନିବୃତ୍ତ ହେବାକୁ ଆରମ୍ଭ ହେବ । ଏହାହିଁ ହେବ ଦେବ-ମୁହୂର୍ତ୍ତର ଉଷାକାଳ । ଜାଗ୍ରତ ହେବାର ଅର୍ଥ : ଏହି ଯେଉଁ ଦେବ-ମୁହୂର୍ତ୍ତର ସତ୍ୟ ଆଗମନ ହୋଇଛି ତାହାକୁ ଗ୍ରହଣ କରିବାକୁ ପ୍ରଯତ୍ନ କରିବା । ଦେବ-ମୁହୂର୍ତ୍ତର ସତ୍ୟ ହେଉଛି ଅତିମାନସ, ଯାହାକୁ ମା' ଶ୍ରୀଅରବିନ୍ଦ ଏହି ପୃଥିବୀକୁ ଆଣିଅଛନ୍ତି । ସେହି ଅତିମାନସ ଶକ୍ତି ଦ୍ୱାରାହିଁ ରୂପାନ୍ତର ସାଧିତ ହେବ ।

ଯେଉଁ ସମୟରେ ଯେଉଁ ଅବତାର ବା ମହାପୁରୁଷମାନେ ଏହି ସଂସାରକୁ ଆସି କୌଣସି ସତ୍ୟ ସ୍ଥାପନା କରନ୍ତି ସେହି ଅନୁସାରେ ସତ୍ସଙ୍ଗର ସ୍ୱରୂପ ହୁଏ । ପୁରାତନ ସତ୍ସଙ୍ଗ ଦ୍ୱାରା ସେ ସମୟରେ ସାମୂହିକରୂପେ ବ୍ୟକ୍ତିଙ୍କୁ ଲାଭ ହୁଏ ନାହିଁ । କାରଣ ସତ୍ସଙ୍ଗ ହୁଏ ସମୟାନୁରୂପ । ଶହେବର୍ଷ ପୂର୍ବେ, ପାଞ୍ଚଶହ ବର୍ଷ ପୂର୍ବେ ବା ହଜାର ବର୍ଷ ପୂର୍ବେ ମନୁଷ୍ୟର ଯେଉଁ ମନୋଭାବ, ପରିସ୍ଥିତି, ପାରିପାର୍ଶ୍ୱିକ ଅବସ୍ଥା, ଦେଶ ଦେଶ ପ୍ରତି ସମ୍ବନ୍ଧ ଥିଲା ତାହା ଆଜି ନାହିଁ । ବହୁତ ପରିବର୍ତ୍ତନ ହୋଇ ସାରିଛି । ସେତେବେଳେ ଯେଉଁ ବ୍ୟବସ୍ଥା ଥିଲା ତାହା ସେହି ସମୟର ଅନୁକୂଳ । ସେହି ସମୟ ପରିବର୍ତ୍ତନ ହୋଇସାରିଥିବାରୁ ସେସମୟର ପ୍ରଣାଳୀ ବର୍ତ୍ତମାନ ସମୟରେ ଅନୁପଯୋଗୀ ହେବା ସ୍ୱାଭାବିକ । ସେହି ସକାଶେ ମହାପୁରୁଷମାନେ ସମୟୋପଯୋଗୀ ସତ୍ୟ ପ୍ରତିଷ୍ଠାର ବ୍ୟବସ୍ଥା କରନ୍ତି ।

## ସମୟୋପଯୋଗୀ ସତ୍ସଙ୍ଗ

ପ୍ରତ୍ୟେକ ଯୁଗରେ ଧର୍ମାଚରଣର ପଦ୍ଧତି ପରିବର୍ତ୍ତନ ହୁଏ । ଏପରିକି ପ୍ରତ୍ୟେକ ଯୁଗ ଅନ୍ତର୍ଗତ କେତେ ଶହ ବର୍ଷ ପରେ ଧର୍ମର ପ୍ରଣାଳୀ ପରିବର୍ତ୍ତନ ହେଉଥାଏ । କାରଣ ସମୟ ଅତୀତ ହେବା ସଙ୍ଗେ ସଙ୍ଗେ ମନୁଷ୍ୟର ମନ ବିକାଶ ହେଉଥାଏ ତଥା ପାରିପାର୍ଶ୍ୱିକ ଅବସ୍ଥା ମଧ୍ୟ ପରିବର୍ତ୍ତନ ହେଉଥାଏ । ସେହି ସକାଶେ ଯେଉଁ ସମୟରେ ଯେପରି ଧର୍ମାଚରଣ ଆବଶ୍ୟକ ହୁଏ ମହାପୁରୁଷମାନେ ଅବତାର ନେଇ ସେହି ଅନୁସାରେ ଆଦର୍ଶ ସ୍ଥାପନା କରନ୍ତି । କିନ୍ତୁ ବ୍ୟକ୍ତି ଭ୍ରମବଶତଃ ଏହି ରହସ୍ୟକୁ ହୃଦୟଙ୍ଗମ ନ କରି ଭିନ୍ନ ଭିନ୍ନ ପ୍ରଣାଳୀରେ ପ୍ରତିବାଦ ବା ବିରୋଧ ସୃଷ୍ଟି କରନ୍ତି । ଯଥାର୍ଥରେ ବିରୋଧ ନ ଥାଏ । ଏହା କେବଳ ମନୁଷ୍ୟର ସୀମିତତା ଏବଂ ଅଦୂରଦର୍ଶିତା ମାତ୍ର । ସୁଦୂର ଅତୀତକୁ ଛାଡ଼ି ନିକଟ ଅତୀତ ବିଷୟରେ ଆଲୋଚନା କରିବା ।

ବୁଦ୍ଧଦେବ ଯେତେବେଳେ ଆସିଥିଲେ ସେତେବେଳେ ଧର୍ମ ସଙ୍ଘର ଆବଶ୍ୟକତା ଥିଲା । ସେ ଭିନ୍ନ ଭିନ୍ନ ସ୍ଥାନରେ ତାଙ୍କ ଆଦର୍ଶ ପ୍ରଚାର ସକାଶେ ସଂଘ ସ୍ଥାପନ କଲେ । ସେସମୟରେ ବୌଦ୍ଧଧର୍ମ ପ୍ରଭାବରେ ସଂସାରରେ

ଗୋଟାଏ ପରିବର୍ତ୍ତନ ଆସିଲା । ତାଙ୍କ ପରେ ତାଙ୍କ ପ୍ରଚାରିତ ସତ୍ୟ, କାଳ ପ୍ରଭାବରୁ ସଙ୍କୁଚିତ ହେଲା । ସତ୍ୟ ହ୍ରାସ ହେବାରୁ ତାଙ୍କ ସଙ୍ଘର କେବଳ ଢାଞ୍ଚା ଥିଲା, ପ୍ରଭାବ ଲୋପ ହୋଇ ଯାଇଥିଲା ।

ସେହି ଧର୍ମକୁ ନୂତନ ଭାବେ ଭିନ୍ନ ଭିନ୍ନ ପ୍ରଣାଳୀରେ ସଂସାରରେ ପ୍ରତିଷ୍ଠା କରିବାକୁ ଆସିଲେ ଆଚାର୍ଯ୍ୟ ଶଙ୍କର । ବୁଦ୍ଧଦେବଙ୍କ ସମୟ ଅତୀତ ହୋଇଯାଇ ଥିଲା, ମନୁଷ୍ୟ ତାକୁ ପଶ୍ଚାତରେ ଛାଡ଼ି ବହୁଦୂର ଆଗେଇ ଆସିଥିଲା । ସେଥିପାଇଁ ଶଙ୍କର ବୁଦ୍ଧଦେବଙ୍କ ଆଦର୍ଶକୁ ପିଷ୍ଟ-ପେଷଣ ନ କରି ନୂତନ ପ୍ରଣାଳୀ ସ୍ଥାପନ କଲେ । ସେହି ଆଦର୍ଶ ସ୍ଥାପନ ସକାଶେ ଭିନ୍ନ ଭିନ୍ନ ସ୍ଥାନରେ ମଠ ପ୍ରତିଷ୍ଠା କଲେ । ସନ୍ନ୍ୟାସୀଙ୍କର ଥିଲା ଗେରୁଆ ବସ୍ତ୍ର । ସେମାନେ ଦଣ୍ଡ, କମଣ୍ଡଳୁରେ ସୁଶୋଭିତ ହୋଇଥିଲେ । ଶଙ୍କରଙ୍କ ଆଦର୍ଶର ପ୍ରଭାବ ଏତେ ପଡ଼ିଲା ଯେ ଭାରତବର୍ଷରୁ ବୌଦ୍ଧଧର୍ମ ପ୍ରାୟ ଲୋପ ହୋଇଗଲା । କାଳ ଗତିଶୀଳ । ସେ ଅହରହ ଚାଲିଥାଏ । ଯାହା ପଛରେ ଛାଡ଼େ ଫେରିଯାଇ ଧରି ରଖେ ନାହିଁ । ବିକାଶଶୀଳ ଅବସ୍ଥା ବରାବର ଚାହେଁ ନୂତନ ବସ୍ତୁ । ମନୁଷ୍ୟର ଚେତନା-ବିକାଶ ସଙ୍ଗେ ସଙ୍ଗେ ସେ ପୁରାତନ ଆଦର୍ଶରେ ସନ୍ତୁଷ୍ଟ ରହିପାରେ ନାହିଁ । ବିକାଶଶୀଳ ପ୍ରକୃତିର ଧର୍ମ ଅନୁସାରେ ସେସମୟର ଧର୍ମଶକ୍ତି କ୍ଷୀଣ ହେବାକୁ ଲାଗେ । ମଠ ତଥା ସିଦ୍ଧାନ୍ତର ରୂପରେଖା ପୂର୍ବବତ୍ ଥାଏ କିନ୍ତୁ ଧର୍ମଶକ୍ତି (ବହୁତ କମ୍ ସଂଖ୍ୟାରେ ଗୃହତ୍ୟାଗୀ ସନ୍ନ୍ୟାସୀଙ୍କୁ ଛାଡ଼ି) ସଂସାରରୁ ପ୍ରାୟ ଲୋପ ହୋଇଯାଏ । ଅସତ୍ୟ, ଅତ୍ୟାଚାର, ଅନ୍ୟାୟ ବଢ଼େ । ଏହି ଅବସ୍ଥାରେ ମହାପୁରୁଷମାନଙ୍କର ପୃଥିବୀରେ ଆବିର୍ଭାବ ହୁଏ ।

ଆଚାର୍ଯ୍ୟ ଶଙ୍କରଙ୍କ ଶିକ୍ଷା ଥିବା ସତ୍ତ୍ୱେ ମନୁଷ୍ୟ ବିକାଶୋପଯୋଗୀ ନୂତନ ଶିକ୍ଷାର ଆବଶ୍ୟକ ହେଲା ।

ଭଗବାନଙ୍କ ବିଧାନ ଅନୁସାରେ ପୃଥିବୀକୁ ବୈଷ୍ଣବ ଆଚାର୍ଯ୍ୟ ରାମାନୁଜ, ରାମାନନ୍ଦ ଓଗେର ମହାପୁରୁଷ ଆସିଲେ । ଏମାନେ ମଧ୍ୟ ଶଙ୍କରଙ୍କ ପରି ମଠ ସ୍ଥାପନ କଲେ । କିନ୍ତୁ 'ସୋଽହଂ' 'ସୋଽହଂ' ଜପିବା ଛାଡ଼ି ମଠରେ ସ୍ଥାପନ କଲେ ଭଗବାନଙ୍କ ପ୍ରତିମା, ପିନ୍ଧିଲେ ବ୍ରହ୍ମଗ୍ରନ୍ଥି ସହ ଶ୍ୱେତ ବସ୍ତ୍ର, ଧାରଣ କଲେ ତୁଳସୀ ମାଳା, ଉର୍ଦ୍ଧ୍ୱପୁଣ୍ଡ୍ରତିଳକ । ଏମାନଙ୍କ ଇଷ୍ଟଦେବ ଶଙ୍କରଙ୍କ ସଦୃଶ ନିରାକାର, ନିରଞ୍ଜନ, ନିର୍ବିଶେଷ ସତ୍ତା ହେଲେ ନାହିଁ, ଏମାନଙ୍କ ଇଷ୍ଟଦେବ ହେଲେ ସୌନ୍ଦର୍ଯ୍ୟ, ଲାବଣ୍ୟାଦି ଷଡ଼ ଐଶ୍ୱର୍ଯ୍ୟ ଦିବ୍ୟଗୁଣସମ୍ପନ୍ନ, ସୌନ୍ଦର୍ଯ୍ୟ, ମାଧୁର୍ଯ୍ୟ ବିଗ୍ରହ ସଗୁଣ ରୂପଧାରୀ ଶ୍ରୀରାମ, ଶ୍ରୀକୃଷ୍ଣ, ବିଷ୍ଣୁ । ଏହି ଆଚାର୍ଯ୍ୟମାନଙ୍କ ଆଦର୍ଶ ପ୍ରଚାର ଯୁଗକୁ ବୈଷ୍ଣବ ଯୁଗ ବୋଲି କୁହାଯାଏ । ସେହି ସମୟରେ ବୈଷ୍ଣବ ଧର୍ମ ହିମାଳୟଠାରୁ କନ୍ୟାକୁମାରୀ ପର୍ଯ୍ୟନ୍ତ ବିସ୍ତାର ଲାଭ କରିଥିଲା । ସ୍ଥାନେ ସ୍ଥାନେ ମଠ ମନ୍ଦିର ତଥା ଗ୍ରାମମାନଙ୍କରେ ଭଗବତ୍ କଥା, କୀର୍ତ୍ତନ, ଭାଗବତ ଗାଦି ସ୍ଥାପନ ହୋଇଥିଲା । ପୁରାତନ ଯୁଗର ଅନ୍ୟାନ୍ୟ ଆଦର୍ଶ ସଦୃଶ ଏହାର ପ୍ରଭାବ ମଧ୍ୟ ସ୍ଥାୟୀ ହୋଇ ରହିପାରିଲା ନାହିଁ । ରହିଲା ମଠ ମନ୍ଦିରର ଆକାର କିନ୍ତୁ ତା' ମଧ୍ୟରୁ ସତ୍ୟ କ୍ରମଶଃ ହ୍ରାସ ହେଲା । ଏଥିରେ କାହାର ଦୋଷ ନାହିଁ । ନଦୀ ସ୍ରୋତ ପୁରାତନ ସ୍ଥାନକୁ ଛାଡ଼ି ତା'ର ଗନ୍ତବ୍ୟ ସ୍ଥାନ ସମୁଦ୍ର ଆଡ଼କୁ ଯେପରି ଅବିଶ୍ରାନ୍ତ ଅହରହ ଗତି କରୁଥାଏ ସେହି ପ୍ରକାର କ୍ରମବିବର୍ତ୍ତନର ଗତିଧାରା । ସେ ପୁରାତନ ଆଦର୍ଶକୁ ଅତିକ୍ରମ କରି ବରାବର ଲକ୍ଷ୍ୟ ଦିଗରେ ଧାବିତ ହେଉଥାଏ ।

## ଭାରତକୁ ଶ୍ରୀଅରବିନ୍ଦଙ୍କ ଦାନ

କ୍ରମବିବର୍ତ୍ତନ ପଦ୍ଧତି ଅନୁସାରେ ପୁରାତନ ଧର୍ମ ସମସ୍ତ ଭାଙ୍ଗି ଚୂର୍‌ମାର୍ ହୋଇଗଲା । ହେଲା ଅସତ୍ୟ, ଦୁର୍ନୀତି ଓ ଅନ୍ୟାୟର ରାଜ୍ୟ । ଚାରି ଦିଗରେ ବିଦେଶୀ ଶାସନ ଜଞ୍ଜିରରେ ଦେଶ ମହାଦେଶ ବନ୍ଦୀ ହେଲା । ଅନ୍ୟାୟର ଆଧିକ୍ୟରେ ପରିବର୍ତ୍ତନ ସୁନିଶ୍ଚିତ । ସେହି ସମୟରେ ଭାରତ ତଥା ଅନ୍ୟ ଦେଶରେ କେତେକ ଶ୍ରେଷ୍ଠ ବ୍ୟକ୍ତିଙ୍କର ହେଲା ଆବିର୍ଭାବ । ଯଥାର୍ଥରେ ୧୮୦୦ ଶତାବ୍ଦୀରୁ ଗୋଟାଏ ମହାନ୍ ପରିବର୍ତ୍ତନର ଯୁଗ ଆରମ୍ଭ ହେଲା । ଏହି ପରିବର୍ତ୍ତନ ଅତୀତ ଇତିହାସର ଗୋଟିଏ ଏକେବାରେ ନୂତନ ଅଧ୍ୟାୟ । ଏଥିରେ ଅଂଶ ଗ୍ରହଣ କରିବାକୁ ଏହି ପୃଥିବୀକୁ ଆସିଲେ ଶ୍ରୀଅରବିନ୍ଦ ଏବଂ ତାଙ୍କର କର୍ମସମ୍ପାଦିକା ଶକ୍ତିରୂପେ ଶ୍ରୀମା । ଏହି ମହାନ୍ ପରିବର୍ତ୍ତନର ଅଂଶ ଥିଲା ଭାରତର ସ୍ୱତନ୍ତ୍ରତା ।

କିନ୍ତୁ ସେତେବେଳେ ଭାରତବାସୀ ଜଡ଼ତା, ତାମସିକତାରେ ଥିଲେ ଏକେବାରେ ସୁପ୍ତ, ସ୍ୱତନ୍ତ୍ରତା ସମ୍ବନ୍ଧେ ଉଦାସୀନ । ସେହି ସମୟରେ ଶ୍ରୀଅରବିନ୍ଦ ଭାରତବାସୀଙ୍କୁ ସ୍ୱତନ୍ତ୍ରତା ଆଦର୍ଶର ଶିକ୍ଷା ଦେବା ସକାଶେ କରିଥିଲେ ସ୍ୱୟଂ କର୍ମ । ହୋଇଥିଲେ ନାନା ପ୍ରକାର ଦୁଃଖ-ଦ୍ୱନ୍ଦ୍ୱ ବିପଦର ସମ୍ମୁଖୀନ । ତା' ଫଳରେ ଭାରତରେ ଆସିଥିଲା ସ୍ୱତନ୍ତ୍ରତାର ଜାଗରଣ ।

କିନ୍ତୁ ତାଙ୍କ କାର୍ଯ୍ୟ କେବଳ ଭାରତର ସ୍ୱତନ୍ତ୍ରତା ନ ଥିଲା । ସେ ଯେଉଁ ମହାନ୍ କାର୍ଯ୍ୟ କରିବାକୁ ଏହି ପୃଥିବୀକୁ ଆସିଥିଲେ ତାହାର ଗୋଟିଏ ଅଙ୍ଗ ଥିଲା ଭାରତର ସ୍ୱତନ୍ତ୍ରତା । ଭାରତବାସୀ ନିଜ ସ୍ୱତନ୍ତ୍ରତା ସମ୍ବନ୍ଧେ ସଚେତ ହେବାରୁ ଶ୍ରୀଅରବିନ୍ଦ ସ୍ଥୂଳରୂପେ ଭାରତ ସ୍ୱତନ୍ତ୍ରତାର କର୍ମକ୍ଷେତ୍ରରୁ ବିଦାୟ ନେଇ ନିଜର ପ୍ରଧାନ କାର୍ଯ୍ୟରେ ତତ୍ପର ହେଲେ । ଭାରତ ସ୍ୱତନ୍ତ୍ରତାର କ୍ରିୟାତ୍ମକ ରୂପେ ସ୍ଥୂଳ କାର୍ଯ୍ୟ କଲେ ଅନ୍ୟ ନେତାମାନେ; ସେହି କାର୍ଯ୍ୟରେ ଶ୍ରୀଅରବିନ୍ଦ ସାହାଯ୍ୟ କଲେ ତାଙ୍କ ଅଧ୍ୟାତ୍ମ ଶକ୍ତି ଦ୍ୱାରା । ସଂସାରରେ ଯେଉଁ ମହାନ୍ କାର୍ଯ୍ୟ ସ୍ଥୂଳ ରୂପେ ହୁଏ ତାହାର ପଶ୍ଚାତରେ ସାହାଯ୍ୟ କରେ ଗୋଟିଏ ସୂକ୍ଷ୍ମ ଶକ୍ତି । ସ୍ଥୂଳ ତଥା ସୂକ୍ଷ୍ମ ଉଭୟ କ୍ରିୟାରେ କାର୍ଯ୍ୟ ସମ୍ପାଦନ ହୁଏ । ଶ୍ରୀଅରବିନ୍ଦ ତାଙ୍କ ମହାନ୍ କର୍ମର ସିଦ୍ଧି ଦିଗରେ ଅଗ୍ରସର ହେବା କାଳରେ ଭାରତ ସ୍ୱତନ୍ତ୍ର ହେଲା ।

ବୈଜ୍ଞାନିକ, ରାଜନୈତିକ, ସାମାଜିକତାର ଯେଉଁ ମହାନ୍ ପରିବର୍ତ୍ତନ ଆମ୍ଭେମାନେ ଦେଖୁଥାଇଁ ତାହା ଭବିଷ୍ୟତ୍ ମହାନ୍ ପରିବର୍ତ୍ତନର ସୂଚନା ମାତ୍ର । ଆଜି ଆମ୍ଭେମାନେ ଯଦି ୬୦ ବର୍ଷ ପୂର୍ବର ଅବସ୍ଥାକୁ ଦୃଷ୍ଟିପାତ କରୁ ତେବେ ବୁଝିପାରିବୁ ପରିବର୍ତ୍ତନ କେତେ ଦ୍ରୁତ ଗତିରେ ଚାଲୁଛି । ଏହି ପରିବର୍ତ୍ତନ କ୍ରମଶଃ ଦ୍ରୁତରୁ ଦ୍ରୁତତର ଗତିରେ ଚାଲିବ ଏବଂ ନିକଟ ଭବିଷ୍ୟତରେ ଏହି ପରିବର୍ତ୍ତନ ଏପରି ଗୋଟାଏ ଅବସ୍ଥାରେ ପହଞ୍ଚିବ ଯାହାକୁ ବ୍ୟକ୍ତି ସ୍ଥୂଳ ଦୃଷ୍ଟିରେ ଦେଖିପାରିବ । ସେ ପରିବର୍ତ୍ତନ ହେବ ଜଡ଼ ତତ୍ତ୍ୱର । ଜଡ଼ ଶରୀରରେ ପରିବର୍ତ୍ତନ ଦେଖାଦେଲେ ମନୁଷ୍ୟ ରୋଗ, ଜରା, ମୃତ୍ୟୁରୁ ମୁକ୍ତ ହେବ; ସେ ହେବ ଦେବ-ମାନବ । ସଂସାରରୁ କ୍ରମଶଃ ଦୁଃଖ ଦ୍ୱନ୍ଦ୍ୱ, ଅନ୍ୟାୟ, ଅତ୍ୟାଚାର ଦୂର ହେବ, ସଂସାର ସ୍ୱର୍ଗରେ ପରିଣତ ହେବ । ଏହି ମହାନ୍ କାର୍ଯ୍ୟ ସକାଶେ ମା' ଶ୍ରୀଅରବିନ୍ଦ ଏହି ସଂସାରକୁ ଆସି କର୍ମ କରୁଅଛନ୍ତି । ଏହି କାର୍ଯ୍ୟର ପ୍ରଧାନ କେନ୍ଦ୍ର ହେଉଛି ଶ୍ରୀଅରବିନ୍ଦ ଆଶ୍ରମ ଏବଂ ଏହାର ଶାଖା ପ୍ରଶାଖା ରୂପେ ଶ୍ରୀଅରବିନ୍ଦ ପାଠଚକ୍ର ସମଗ୍ର ସଂସାରରେ ତୀବ୍ର ଗତିରେ ପ୍ରସାରିତ ହେଉଅଛି । ଏହି କେନ୍ଦ୍ର ଓ ଶାଖାକେନ୍ଦ୍ରମାନଙ୍କର ସାଧକମାନେ ଯେତେ ପରିମାଣରେ ଲକ୍ଷ୍ୟ ଆଡ଼କୁ ଅଗ୍ରସର ହେବେ ସେହି ଅନୁପାତରେ ସଂସାରରୁ ଦୁଃଖ ଦ୍ୱନ୍ଦ୍ୱ ନିବୃତ୍ତ ହେଉଥିବ; ଏବଂ ସଂସାର ତା'ର ଲକ୍ଷ୍ୟ ସ୍ୱର୍ଗରାଜ୍ୟ ସ୍ଥାପନା ଦିଗରେ ଅଗ୍ରସର ହେଉଥିବ । ଏହା ଆନୁଷଙ୍ଗିକରୂପେ ଏଠାରେ ଆଲୋଚନା କରାହେଲା । ଆମ୍ଭର ପ୍ରଧାନ ଆଲୋଚ୍ୟ ବିଷୟ ହେଉଛି ସତ୍‌ସଙ୍ଗ ଦ୍ୱାରା ଜୀବନର ଉନ୍ନତି ତଥା ପୁରାତନ କାଳରେ ସତ୍‌ସଙ୍ଗ ପ୍ରାପ୍ତିର ବ୍ୟବସ୍ଥା କିପରି ଥିଲା, ବର୍ତ୍ତମାନ ଅବସ୍ଥାରେ ସତ୍‌ସଙ୍ଗର ସ୍ୱରୂପ କ'ଣ, ଏ ବିଷୟରେ ବିଚାର କରିବା ।

## ବର୍ତ୍ତମାନ ଯୁଗରେ ଅଧ୍ୟାତ୍ମ-ସତ୍ୟ ପ୍ରାପ୍ତିର ସହଜ ଉପାୟ

ମନୁଷ୍ୟ ସୃଷ୍ଟିହେବା ଦିନଠାରୁ ପୁରାତନ ଯୁଗରେ ଯାହାକିଛି ପରିବର୍ତ୍ତନ ଘଟିଛି ତାହା ସେହି ଏକହି ମନୁଷ୍ୟର ଅଜ୍ଞାନ ଅବସ୍ଥାରୁ ଉନ୍ନତ ଅବସ୍ଥାରେ, ଏକେବାରେ ପୂର୍ଣ୍ଣରୂପେ ସ୍ତର ପରିବର୍ତ୍ତନ ହୋଇ ନାହିଁ, ଅର୍ଥାତ୍ ମନୁଷ୍ୟ ପରେ ଅନ୍ୟ କୌଣସି କିଛି ହୋଇ ନାହିଁ । ବର୍ତ୍ତମାନର ପରିବର୍ତ୍ତନ ପୁରାତନ ଯୁଗର ଗୋଟିଏ ସ୍ତର ମଧ୍ୟରେ କୌଣସି ନୂତନ ଅବସ୍ଥା ନୁହେଁ, ଏକେବାରେ ମନୁଷ୍ୟ ସ୍ତରର ପୂର୍ଣ୍ଣ ପରିବର୍ତ୍ତନ । ମାନବରୁ ଦିବ୍ୟ ମାନବ, ମୃତ୍ୟୁପୁରୀ ସଂସାରର ଦିବ୍ୟ ସ୍ୱର୍ଗରେ ପରିଣତ । ଏହି ପରିବର୍ତ୍ତନ ଇତିହାସରେ ଏକେବାରେ ନୂତନ ମନୁଷ୍ୟର ସୀମିତ ମନ ପକ୍ଷରେ ଅସମ୍ଭବ ପ୍ରତୀତ ହେଲେ ମଧ୍ୟ ଏହାହିଁ ମନୁଷ୍ୟର ଲକ୍ଷ୍ୟ । ଏହି ଲକ୍ଷ୍ୟ ପ୍ରାପ୍ତି ସକାଶେ ସୃଷ୍ଟି ଆରମ୍ଭରୁ ସେ ଅଜ୍ଞାତ ରୂପେ ଧାବିତ ହେଉଅଛି । ଏହି ଲକ୍ଷ୍ୟ ପ୍ରାପ୍ତିରେ ମନୁଷ୍ୟକୁ ସାହାଯ୍ୟ କରିବା ସକାଶେ ସମୟ ସମୟରେ ଭଗବାନ୍ ସ୍ୱୟଂ ଅବତାର ନେଇ ଏବଂ ଆଚାର୍ଯ୍ୟମାନେ ଏହି ପୃଥିବୀକୁ ଆସି ମନୁଷ୍ୟକୁ ଅଧ୍ୟାତ୍ମ ଶିକ୍ଷା ଦେଇ ଯେପରି ତାକୁ ଅଗ୍ରସର କରାଇ ଦେଉଅଛନ୍ତି, ସେହିପରି ମନୁଷ୍ୟକୁ ଅତିମାନବରେ, ମାନସ ଚେତନାକୁ ଅତିମାନସ ଚେତନାରେ ପ୍ରାପ୍ତ କରାଇ ଦେବା

ସକାଶେ ମା’ ଶ୍ରୀଅରବିନ୍ଦ ଅତିମାନସ ଶକ୍ତିକୁ ଏହି ପୃଥିବୀକୁ ଉତାରି ଆଣି ଅଛନ୍ତି । ଏହି ଶକ୍ତିର କ୍ରିୟା ଦ୍ୱାରା ବ୍ୟକ୍ତି କଳ୍ପନାତୀତ ଲକ୍ଷ୍ୟରେ ସହଜରେ ପହଞ୍ଚି ପାରିବ । ଏହି ଲକ୍ଷ୍ୟ ଅପ୍ରତ୍ୟାଶିତ ମହାନ୍ ହେବା ସତ୍ତ୍ୱେ ଏହାର ସାଧନ ବହୁତ ସହଜ ।

ଏହାର ସାଧନା ପଦ୍ଧତି ହେଲା ଅଭୀପ୍‌ସା, ସମର୍ପଣ, ତ୍ୟାଗ, ଏକାଗ୍ରତା ସକାଶେ ଧ୍ୟାନ । ଅଭୀପ୍‌ସାର ଅର୍ଥ ତୀବ୍ର ଇଚ୍ଛା ଅର୍ଥାତ୍ ଲକ୍ଷ୍ୟ ପ୍ରାପ୍ତ ହେବା, ଲକ୍ଷ୍ୟପ୍ରାପ୍ତି ପୂର୍ବ ଅବସ୍ଥାରେ ମନ-ପ୍ରାଣ-ଶରୀରରେ ସମତା, ଶାନ୍ତି, ଆନନ୍ଦ, ଜ୍ଞାନାଦି ଦିବ୍ୟଗୁଣ ପ୍ରତିଷ୍ଠା କରିବା ସକାଶେ ଅଭୀପ୍ସା । ନିଜେ ନିଜର ଯାହା କିଛି ସମସ୍ତ ଏବଂ ଶରୀରରେ ହେଉଥିବା ସ୍ଥୂଳ ସୂକ୍ଷ୍ମ କର୍ମ ଭାଗବତୀ ଶକ୍ତିଙ୍କ ଚରଣରେ ଉତ୍ସର୍ଗ । ଲକ୍ଷ୍ୟପ୍ରାପ୍ତିରେ ବିରୋଧୀ କାମ, କ୍ରୋଧ, ଲୋଭ, ମୋହ, ସ୍ୱାର୍ଥ, ହିଂସା, ଆଳସ୍ୟ, ତାମସିକତାର ତ୍ୟାଗ । ଏଥିରେ ସାହାଯ୍ୟ ସକାଶେ ହୃଦୟ ଗଭୀର କିଂବା ମସ୍ତିଷ୍କରେ ଧ୍ୟାନ । ଏହା ସୁଲଭ ଓ ଅତ୍ୟନ୍ତ ସରଳ ହୁଏ ମା’ଙ୍କ ପ୍ରତି ଶ୍ରଦ୍ଧା, ବିଶ୍ୱାସ, ନିର୍ଭରତା ରଖିଲେ । ମା’ ଅତିମାନସ ଶକ୍ତିକୁ ଧାରଣ କରିଅଛନ୍ତି, ଛୋଟ ଶିଶୁ ସଦୃଶ ନିଜକୁ ମା’ଙ୍କ ହାତରେ ଦେଇ ଦେଲେ ମା’ ସମସ୍ତ ବାଧାବିଘ୍ନରୁ ରକ୍ଷାକରି ଲକ୍ଷ୍ୟ ମାର୍ଗରେ ନେଇଚାଲନ୍ତି । ଯଥାର୍ଥରେ ଏହି ଯୋଗର ସାଧିକା ଭାଗବତୀ ଶକ୍ତି । ପୁରାତନ ଯୋଗର ଆସନ, ପ୍ରାଣାୟାମ, ଉତ୍କୃଷ୍ଟ ଧ୍ୟାନ, ଧାରଣା, ଯମ ନିୟମାଦି ଶକ୍ତିଶାଳୀ ସାଧନା ଏହି ଲକ୍ଷ୍ୟରେ ପହଞ୍ଚାଇବାରେ ଅସମର୍ଥ । ଏହା କେବଳ ସାଧିତ ହୁଏ ଭାଗବତୀ ଶକ୍ତିର କ୍ରିୟାରେ । ଭାଗବତୀ ଅତିମାନସ ଶକ୍ତିର କ୍ରିୟାରେ ଏହିସବୁ କ୍ରିୟା ସ୍ୱତଃସ୍ଫୂର୍ତ୍ତ ଭାବେ ଆଚରିତ ହୁଏ ତଥାପି ଏସବୁର ପ୍ରାଧାନ୍ୟ ନ ଥାଏ ।

ବ୍ୟକ୍ତି ଉତ୍ସାହ ସହିତ ସାଧନାରେ ପ୍ରବୃତ୍ତ ହୁଏ ଏବଂ ତା’ର ମା’ଙ୍କ ପ୍ରତି ବିଶ୍ୱାସ ଭରସା ଦୃଢ଼ ହୁଏ ସତ୍‌ସଙ୍ଗ ଦ୍ୱାରା । ପୂର୍ବେ ଆଲୋଚନା ହୋଇଛି ସତ୍‌ସଙ୍ଗର ତିନିପ୍ରକାର ଅବସ୍ଥା । ଗୋଟିଏ ସିଦ୍ଧି, ଅନ୍ୟ ଦୁଇଟି ଉପାୟ । ସିଦ୍ଧି ସତ୍‌ସଙ୍ଗର ଅର୍ଥ : ସତ୍‌ସ୍ୱରୂପ ମନୁଷ୍ୟ ଅନ୍ତରସ୍ଥ ଚୈତ୍ୟ-ପୁରୁଷ (Psychic Being) ସହିତ ମନ, ପ୍ରାଣ ଏକ ହେବା ଅର୍ଥାତ୍ ଚୈତ୍ୟ-ଧର୍ମରେ ମନ-ପ୍ରାଣର ରୂପାନ୍ତର ହେବା । ତାହାରି ଦ୍ୱାରା ପରିଚାଳିତ ହେବା ଅଥବା ଭଗବାନଙ୍କ ସହିତ ଏକ ହୋଇ ଭାଗବତୀ ଶକ୍ତି ଦ୍ୱାରା ପରିଚାଳିତ ହେବା । ଏହା ସିଦ୍ଧି-ସତ୍‌ସଙ୍ଗ । କୌଣସି ମହାପୁରୁଷଙ୍କ ଦର୍ଶନରେ ଅଥବା ଉପଦେଶରେ ବ୍ୟକ୍ତିର ଚୈତ୍ୟ-ପୁରୁଷ ଜାଗ୍ରତ ହୁଏ ଏବଂ ବ୍ୟକ୍ତି ଭଗବଦାଭିମୁଖୀ ହୁଏ । ଏହା ଉପାୟ-ସତ୍‌ସଙ୍ଗ । ମନୁଷ୍ୟର ଅନ୍ତରାତ୍ମା ସବୁ ସମୟରେ ଜାଗ୍ରତ ରହେ ନାହିଁ କିଂବା ମନୁଷ୍ୟର ପ୍ରବୃତ୍ତି ସବୁ ସମୟରେ ଭଗବଦଭିମୁଖୀ ହୁଏ ନାହିଁ । ବାହ୍ୟସଂସାର ବିଷୟ ଘାତ ପ୍ରତିଘାତ ଦ୍ୱାରା ବାରଂବାର ଅନ୍ତରାତ୍ମା ଆବୃତ ହୋଇ ଯାଉଥାଏ । ଏହାକୁ ସଜାଗ, ସକ୍ରିୟ ରଖିବା ସକାଶେ ତୃତୀୟ ସତ୍‌ସଙ୍ଗର ଆବଶ୍ୟକ ହୁଏ । କେତେକ ବ୍ୟକ୍ତି ଗୋଟିଏ ସଙ୍ଘ ବା ଗୋଷ୍ଠୀରୂପେ ଏକତ୍ର ହୋଇ ଭଗବତ୍ ବିଷୟ ଆଲୋଚନା ଏବଂ ଧ୍ୟାନ ଆଦି ଭଗବତ୍ ଆରାଧନା କରନ୍ତି । ଶ୍ରୀଅରବିନ୍ଦ ଯୋଗର ସାଧକମାନେ ଏହିପରି ସଂସ୍ଥାକୁ ପାଠଚକ୍ର ନାମରେ କହନ୍ତି । ଏହାହିଁ ତୃତୀୟ ସତ୍‌ସଙ୍ଗର ସ୍ୱରୂପ । ଏହା ସହଜ ହେବା ସତ୍ତ୍ୱେ ଶକ୍ତିଶାଳୀ ଏବଂ ସାଧନାରେ ସହାୟକ ।

## ପାଠଚକ୍ରର ଉପଯୋଗିତା

ପ୍ରଶ୍ନ : ପାଠଚକ୍ରର ଉପଯୋଗିତା କ’ଣ ?

ଉତ୍ତର : ପାଠଚକ୍ର ଦ୍ୱାରା ବ୍ୟକ୍ତି ନିଜ ଲକ୍ଷ୍ୟ ଏବଂ ଲକ୍ଷ୍ୟପ୍ରାପ୍ତିର ଉପାୟ ସମ୍ବନ୍ଧେ ସଚେତ ହୁଏ ଏବଂ କାର୍ଯ୍ୟରେ ତତ୍ପର ହୁଏ । ଏଥିରେ ବ୍ୟକ୍ତିର ସାଧନା କରିବା ଦାୟିତ୍ୱବୋଧ ଉତ୍ପନ୍ନ ହୁଏ ।

ପ୍ରତ୍ୟେକ କାର୍ଯ୍ୟ ସର୍ବାଙ୍ଗୀନ ଭାବେ ଅନୁଷ୍ଠିତ ହେଲେ ଶୀଘ୍ର ଏବଂ ନିଖୁଣ ଭାବେ ସମ୍ପନ୍ନ ହୁଏ । ଗୋଟିଏ ଅଙ୍ଗ ବାଦ୍ ଦେଲେ ଅଙ୍ଗହୀନ ଅଶୁଦ୍ଧ ପୂଜା ସଦୃଶ ଅପୂର୍ଣ୍ଣ ହୁଏ । ଉଦାହରଣ ରୂପେ ବିଦ୍ୟାର୍ଥୀ ଯଦି ବିଦ୍ୟାର୍ଥୀମାନଙ୍କ ସଙ୍ଗରେ ରହେ ତେବେ ଭଲ ପଢ଼ିପାରେ । ଅନ୍ୟଥା ଖେଳପ୍ରିୟ ବଜାରୀ କୁପ୍ରବୃତ୍ତି ପିଲାଙ୍କ ସଙ୍ଗେ ଗୋଟିଏ ଭଲ ବିଦ୍ୟାର୍ଥୀ

ରହିଲେ ସେ ଖରାପ ହୋଇପାରେ । ଠିକ୍ ସେହିପରି ଅଧ୍ୟାତ୍ମ ସାଧନା । ଅଧ୍ୟାତ୍ମ ମାର୍ଗରେ ସାଥୀ ଏବଂ ଅଧ୍ୟାତ୍ମ ମାର୍ଗରେ ଆଲୋଚନା ଅଧ୍ୟାତ୍ମ-ସାଧକର ଆବଶ୍ୟକ ।

ପ୍ରଶ୍ନ : ପାଠଚକ୍ର ଦ୍ୱାରା ଲକ୍ଷ୍ୟପ୍ରାପ୍ତି ତଥା ଉପାୟ ସମ୍ବନ୍ଧେ ବ୍ୟକ୍ତି କିପରି ସଚେତ ହୁଏ ?

ଉତ୍ତର : ସାମୂହିକ ପାଠଚକ୍ର ଅନୁଷ୍ଠାନରେ ଗୋଟିଏ ଆଧ୍ୟାତ୍ମିକ ବାତାବରଣ ସୃଷ୍ଟି ହୁଏ, ସେହି ବାତାବରଣ ପ୍ରଭାବରେ ବ୍ୟକ୍ତି ନିଜ ଲକ୍ଷ୍ୟ ଏବଂ ସାଧନା ସମ୍ବନ୍ଧେ ସଚେତ ହୁଏ । ମନୁଷ୍ୟର ମନ, ପ୍ରାଣ ସ୍ୱାର୍ଥପୂର୍ଣ୍ଣ, ସାଂସାରିକ କର୍ମ ତଥା ବିଷୟରେ ଆସକ୍ତ । ଶରୀର ତାମସ, ଆଳସ୍ୟର ବଶୀଭୂତ । ସ୍ୱାଭାବିକରୂପେ ମନୁଷ୍ୟର ତାମସିକ ଏବଂ ରାଜସିକ କର୍ମରେ ପ୍ରବୃତ୍ତି । ମନର ଚଞ୍ଚଳତା, ପ୍ରାଣର ବିଷୟ ଭୋଗ ଆସକ୍ତି, ସାତ୍ତ୍ୱିକ ବିଶେଷତଃ ଅଧ୍ୟାତ୍ମ-କର୍ମର ଘୋର ବିରୋଧୀ । ମନୁଷ୍ୟର ନିଜ ମଧ୍ୟରେ ଯେଉଁ ବିରୋଧୀ ତତ୍ତ୍ୱ ଅଛି ସେହି ବିରୋଧୀ ତତ୍ତ୍ୱ ମଧ୍ୟ ବାହାରରେ ଅଛି । ତାକୁ ପ୍ରତି ମୁହୂର୍ତ୍ତରେ ପ୍ରତି ନିଃଶ୍ୱାସ-ପ୍ରଶ୍ୱାସ ଦ୍ୱାରା ବିରୋଧୀ ତତ୍ତ୍ୱର ସହିତ ଆଦାନ-ପ୍ରଦାନ କରିବାକୁ ହେଉଛି । ଭଗବାନଙ୍କ କୃପାରୁ କୌଣସି ଅଧ୍ୟାତ୍ମ-ପଥିକ ସାଧକ, ମହାପୁରୁଷ କିଂବା ଅଧ୍ୟାତ୍ମ-ଗ୍ରନ୍ଥ ସଂସ୍ପର୍ଶରେ ଅନ୍ତରାତ୍ମା ଜାଗ୍ରତ ହେଲେ ମନୁଷ୍ୟ ଅଧ୍ୟାତ୍ମ ମାର୍ଗରେ ପ୍ରବୃତ୍ତ ହୁଏ; କିନ୍ତୁ ନିଜ ମନ-ପ୍ରାଣ-ଶରୀରର ନିମ୍ନ ପ୍ରବୃତ୍ତି ଦ୍ୱାରା ପୁନରାୟ ଆବୃତ ହୋଇଯାଏ । ମନୁଷ୍ୟ ଯଦି ବାରଂବାର ସଜାଗ, ସତର୍କ ହୋଇ ନିଜ ଅନ୍ତରାତ୍ମା ପ୍ରଭାବରେ ରହିବାକୁ ଚେଷ୍ଟା କରେ ଅର୍ଥାତ୍ ଭଗବତ୍ ସ୍ମରଣ, ସମର୍ପଣ, ଅଭୀପ୍ସା କରେ ତେବେ ତାହାର ଏହି ଭାବ ଅଭ୍ୟାସରେ ପରିଣତ ହୁଏ । ଏହାହୁଏ ସତ୍‌ସଙ୍ଗର ପ୍ରଭାବରେ । ଯେ ପର୍ଯ୍ୟନ୍ତ ବ୍ୟକ୍ତିର ମନ-ପ୍ରାଣ-ଶରୀର ସ୍ୱାଭାବିକରୂପେ ଉତ୍ସାହ ଆନନ୍ଦ ସହିତ ଅଧ୍ୟାତ୍ମ-ମାର୍ଗରେ ପ୍ରବୃତ୍ତ ନ ହୋଇଛି ସେପର୍ଯ୍ୟନ୍ତ ବାହ୍ୟନିମ୍ନ ମନ, ନିମ୍ନ ପ୍ରାଣର ପ୍ରତିକୂଳ ତରଙ୍ଗ ବାରଂବାର ଆସି ବ୍ୟକ୍ତିର ଅନ୍ତରାତ୍ମାର ପ୍ରେରଣାକୁ ଆବୃତ କରି ଆଧ୍ୟାତ୍ମ-ପଥରୁ ବିପଥଗାମୀ କରୁଥାଏ । ଏଥିରୁ ମୁକ୍ତ ରହିବା ସକାଶେ ଅନୁକୂଳ ଆବେଷ୍ଟନୀରେ ରହି ବାରଂବାର ଅଭ୍ୟାସ କରିବା ଆବଶ୍ୟକ ।

ଅଞ୍ଜନ ରଞ୍ଜୁଥିଲେ ନିତ୍ୟେ ।
ମଳି ନ ରହେ ଯେହ୍ନେ ନେତ୍ରେ ।।

— ଭାଗବତ

ଅନୁକୂଳ ବାତାବରଣ ସୃଷ୍ଟି ହୁଏ ଅଧ୍ୟାତ୍ମ-ମାର୍ଗର କେତେକ ବ୍ୟକ୍ତି ଏକତ୍ର ହୋଇ ଏକହିଁ ଲକ୍ଷ୍ୟ ରଖି, ସାଧନା ଅଭ୍ୟାସ ଏବଂ ବିଷୟ ଆଲୋଚନା କରିବା ଦ୍ୱାରା । ଏହି କାରଣରୁ ବଡ଼ ବଡ଼ ବୈରାଗ୍ୟବାନ୍ ବ୍ୟକ୍ତି ଘର ପରିବାର ଛାଡ଼ି ଅଧ୍ୟାତ୍ମ-ସମାଜରେ ଯୋଗ ଦେଇ ସାଧନା କରନ୍ତି । ଅନାଦି କାଳରୁ ଅଧ୍ୟାତ୍ମ-ସାଧନା ସକାଶେ ସମସ୍ତ ପୁରାତନ ଯୋଗ ଏହି ଏକହି ନିୟମ ସ୍ୱୀକାର କରି ଆସିଅଛି । ଶ୍ରୀଅରବିନ୍ଦଙ୍କ ଯୋଗ-ସାଧନା ସକାଶେ ଏହା ମଧ୍ୟ ଅତ୍ୟନ୍ତ ଆବଶ୍ୟକ । ଏହି ଯୋଗ କେତେକ ବିଶିଷ୍ଟ ବ୍ୟକ୍ତି ସକାଶେ ନୁହେଁ, ସମଗ୍ର ବିଶ୍ୱ ସକାଶେ । ଏହି କାରଣରୁ ଏହା କେବଳ ଗୋଟିଏ କେନ୍ଦ୍ରରେ ସୀମାବଦ୍ଧ ନ ହୋଇ ପ୍ରତି ଘରେ, ପ୍ରତି ଗ୍ରାମରେ, ପ୍ରତି ସହରରେ ଅନୁଷ୍ଠିତ ହେବା ଆବଶ୍ୟକ । ସବୁଠାରୁ ଉତ୍ତମ, ସହଜ, ଉପଯୋଗୀ ପନ୍ଥା ହେଲା ବ୍ୟକ୍ତି ଯେଉଁ ଗ୍ରାମରେ, ଯେଉଁ ସହରରେ ଅଛନ୍ତି ସେହିଠାରେ ପାଠଚକ୍ର ସ୍ଥାପନ କରି ନିଷ୍ଠା ସହିତ ନିୟମିତରୂପେ ଅନୁଷ୍ଠାନ କରିବା ଉଚିତ । ଏହାର ପ୍ରଭାବ ପରିବାର ଗ୍ରାମ ଏବଂ ସମ୍ପର୍କୀୟ ବ୍ୟକ୍ତିଙ୍କ ଉପରେ ପଡ଼େ । ଏହିପରି ଅନୁକୂଳ ବାତାବରଣ ନିଜ ସାଧନାରେ ସାହାଯ୍ୟ କରେ । ଏଥିରେ ନିଜର ତଥା ଅନ୍ୟର କଲ୍ୟାଣ ହୁଏ । ଏହି ସତ୍‌ସଙ୍ଗ ଦ୍ୱାରା ବ୍ୟକ୍ତି ଅନାୟାସରେ ପରମବ୍ରହ୍ମ ପୁରୁଷୋତ୍ତମ ଭଗବାନଙ୍କ ସହିତ ଏକ ହୋଇ ତାଙ୍କ ଯନ୍ତ୍ର ହୁଏ ଏବଂ ତାଙ୍କରି ଶକ୍ତି ଦ୍ୱାରା ପୂର୍ଣ୍ଣରୂପେ ପରିଚାଳିତ ହୁଏ । ଏଥିରେ ନିଜ ମନ-ପ୍ରାଣ-ଶରୀର ଭଗବତ୍ ତତ୍ତ୍ୱରେ ରୂପାନ୍ତର ହୁଏ, ଭଗବାନ୍ ନିରାବରଣ ରୂପେ ପ୍ରକାଶ ହୁଅନ୍ତି । ଏହା ସଙ୍ଗେ ସଂସାରରୁ ଦୁଃଖ ଦ୍ୱନ୍ଦ୍ୱ ଦୂର ହୁଏ । ବହୁ ଶାସ୍ତ୍ରାଧ୍ୟୟନ, ପାଣ୍ଡିତ୍ୟପୂର୍ଣ୍ଣ ବାହ୍ୟ ମାନସିକ ଜ୍ଞାନ ପ୍ରାପ୍ତି ଅପେକ୍ଷା ନିୟମିତରୂପେ ନିଷ୍ଠା ସହିତ ଅଳ୍ପ ଅଧ୍ୟାତ୍ମ-ସାଧନା ଅତି ଉତ୍ତମ । ଆରମ୍ଭିକ ଅଳ୍ପ ସାଧନା ଅଙ୍କୁରିତ ବଟ ବୃକ୍ଷ ସଦୃଶ ବୃଦ୍ଧି ହୋଇ ମହାନ୍

ସିଦ୍ଧିକୁ ପ୍ରାପ୍ତ ହୁଏ । ପାଠଚକ୍ରର ନିୟମାବଳୀ, ଧ୍ୟାନର ବିଧି, ସମର୍ପଣର ପ୍ରଣାଳୀ ''ଶ୍ରୀଅରବିନ୍ଦ ଲୋକ-ସାହିତ୍ୟ''ରେ ଆଲୋଚିତ ହୋଇଅଛି । ଏଠାରେ ପାଠଚକ୍ରରେ ଆଲୋଚନା ହେବା ସକାଶେ ବହି ତାଲିକା ଦିଆ ହେଉଅଛି । ପାଠଚକ୍ରରେ ମା'ଙ୍କ ଉପସ୍ଥିତି ବରାବର ଥାଏ, ବ୍ୟକ୍ତି ବିଶ୍ୱାସ ଓ ସଦ୍‌ଭାବ ରଖିଲେ ଏହା ଅନୁଭବ କରି ପାରନ୍ତି । ପାଠଚକ୍ରରେ ମା'ଙ୍କର ଉପସ୍ଥିତି ମାନି ନିୟମିତ ଦିନ ନିର୍ଦ୍ଦିଷ୍ଟ ସମୟରେ ସେଠାରେ ପାଠଚକ୍ର ମେମ୍ବର ତଥା ଯେଉଁମାନେ ଅଧ୍ୟାତ୍ମ ଚର୍ଚ୍ଚାରେ ରୁଚି ରଖନ୍ତି ସେମାନେ ଏକତ୍ର ହେବେ । ପ୍ରଥମରେ ନିମ୍ନଲିଖିତ ସୂଚି ଅନୁସାରେ ଅଧ ଘଣ୍ଟାଏ ଅଥବା ୫୦ ମିନିଟ୍ ଜଣେ ପଢ଼ିବେ । ଅନ୍ୟାନ୍ୟ ସଦସ୍ୟମାନେ ନୀରବରେ ଏକାଗ୍ରତା ସହିତ ଶୁଣିବେ । ଶୁଣିବା ବିଷୟରେ ଯାହାର ପ୍ରଶ୍ନ କରିବା ଆବଶ୍ୟକ ହୁଏ ସେ କରିପାରନ୍ତି । ବକ୍ତା ସେବିଷୟରେ ପ୍ରଶ୍ନକର୍ତ୍ତାଙ୍କୁ ବୁଝାଇ ଦେବେ । ଆବଶ୍ୟକ ହେଲେ ପାଠଚକ୍ରର ବିବରଣୀ ପ୍ରତିମାସ ଶେଷରେ 'ନବଜ୍ୟୋତି କାର୍ଯ୍ୟାଳୟ'କୁ ଲେଖିବା ସମୟରେ ପ୍ରଶ୍ନ ମଧ ଲେଖିପାରିବେ ଅଥବା ପତ୍ର ଦ୍ୱାରା ଜଣାଇ ପାରିବେ । ପଢ଼ା ହେବା ପରେ ନୀରବ ଧ୍ୟାନ ୧୫/୨୦ ମିନିଟ୍ ହେବା ଆବଶ୍ୟକ । ପାଠଚକ୍ର ଆରମ୍ଭରୁ ଶେଷ ପର୍ଯ୍ୟନ୍ତ ସେଠାରେ କୌଣସି ବାଜେ କଥାବାର୍ତ୍ତା ବା ଗପ ପୂର୍ଣ୍ଣତଃ ନିଷେଧ ।

## ପାଠଚକ୍ରରେ ପଢ଼ାହେବା ପୁସ୍ତକସୂଚୀ*

୧. ଶ୍ରୀଅରବିନ୍ଦ ପାଠଚକ୍ର ସଭ୍ୟମାନଙ୍କ ପ୍ରତି
୨. ଲୋକ ସାହିତ୍ୟ ନ. ୬
୩. ପ୍ରତ୍ୟେକ ମନୁଷ୍ୟର କର୍ତ୍ତବ୍ୟ
୪. ଲୋକ-ସାହିତ୍ୟ ନ. ୧ ରୁ ଶେଷ ପ୍ରକାଶନ ପର୍ଯ୍ୟନ୍ତ
୫. ଯୋଗ ଓ ତାହାର ଉଦ୍ଦେଶ୍ୟ
୬. ମାତୃବାଣୀ
୭. ଯୋଗ ପ୍ରଦୀପ
୮. ଯୋଗାଧାର
୯. ମା'ଙ୍କ ସମ୍ବନ୍ଧେ ଶ୍ରୀଅରବିନ୍ଦଙ୍କ ପତ୍ରାବଳୀ
୧୦. ମା (The Mother)
୧୧. ଶ୍ରୀଅରବିନ୍ଦଙ୍କ ଯୋଗ ଓ ସାଧନା, ୧ମ ଓ ୨ୟ ଭାଗ
୧୨. Letters of Sri Aurobindo, Tome I, II
୧୩. The Synthesis of Yoga

ପ୍ରତ୍ୟେକ ପାଠଚକ୍ରର ମେମ୍ବରମାନେ କ୍ରମାନ୍ୱୟରେ ଏହିସବୁ ବହି ଭଲଭାବେ ଏକାଗ୍ରତା ସହିତ କିଛି ସମୟ ଧ୍ୟାନ ପରେ ଅଥବା ଅନ୍ୟ ସମୟରେ ନିୟମିତ ରୂପେ ପଢ଼ିବେ । କିନ୍ତୁ ସ୍ୱାଧ୍ୟାୟ ରୂପେ ପଢ଼ିବେ :

1. The Mother
2. Prayers and Meditations of the Mother
3. White Roses
4. The Synthesis of Yoga
5. Savitri

* ଏହି ପୁସ୍ତକସୂଚୀଟି ୧୯୬୮ ମସିହାର । ବର୍ତ୍ତମାନ ଶ୍ରୀଅରବିନ୍ଦ ଆଶ୍ରମ ପ୍ରକାଶନ ବିଭାଗ ଏବଂ ନବଜ୍ୟୋତି ପ୍ରକାଶନ ବିଭାଗର ପୁସ୍ତକତାଲିକାରୁ ଆପଣମାନେ ପୁସ୍ତକ ନିର୍ବାଚନ କରିପାରନ୍ତି ।

ଯେଉଁମାନେ ଇଂରାଜୀ ନ ଜାଣନ୍ତି ସେମାନେ 'ମା', 'ମାତୃବାଣୀ' ସ୍ୱାଧ୍ୟାୟ କରିବେ । ଯେଉଁମାନେ କମ୍ ପଢ଼ିଥିବେ ସେମାନେ ବଡ଼ ବଡ଼ ବହି ନ ପଢ଼ି ପାରୁଛନ୍ତି ବୋଲି କେବେ ବି ଅବଶୋଷ କରିବେ ନାହିଁ । ଗ୍ରନ୍ଥ ସାଧନାରେ ସାହାଯ୍ୟ କରେ କିନ୍ତୁ ଯଥାର୍ଥ ଜ୍ଞାନ ଓ ସାଧନାର ପ୍ରେରଣା ମିଳେ ନିଜ ଅନ୍ତରରୁ । କମ୍ ପଢ଼ିଥିବା ବ୍ୟକ୍ତିର ସମର୍ପଣ, ଅଭୀପ୍ସା, ଏକାଗ୍ରତା, ସାଧନା ଦ୍ୱାରା ଅନ୍ତରାତ୍ମା ଜାଗ୍ରତ ହୁଏ, ଯଥାର୍ଥ ଜ୍ଞାନ ପ୍ରାପ୍ତ ହୁଏ ଏବଂ ତାହା ଠିକ୍ ମାର୍ଗରେ ଲକ୍ଷ୍ୟ ଆଡ଼କୁ ନେଇ ଚାଲେ ।

ମହାନ୍ ପଣ୍ଡିତ ଭଲଭାବେ ଗ୍ରନ୍ଥ ଅଧ୍ୟୟନ କରି କଣ୍ଠସ୍ଥ କରିଥାଇ ପାରନ୍ତି କିନ୍ତୁ ସେ ସାଧନା ନ କଲେ ଯଥାର୍ଥ ଶାନ୍ତି; ଆନନ୍ଦ ଏବଂ ଯଥାର୍ଥ ଜ୍ଞାନ ଉପଲବ୍ଧି କରି ପାରନ୍ତି ନାହିଁ । ଏପରିକି ବହୁତ ସମୟରେ ଗ୍ରନ୍ଥର ରହସ୍ୟ ବୁଝି ନ ପାରି ପ୍ରତିକୂଳ ଅର୍ଥ କରନ୍ତି । ଅଧ୍ୟାତ୍ମ-ଗ୍ରନ୍ଥ ରଚୟିତା ମହାପୁରୁଷ ଉଚ୍ଚତର ଚେତନାରେ ରହି ମନର ଊର୍ଦ୍ଧ୍ୱ ବିଷୟ ରଚନା କରନ୍ତି । ସେ ବିଷୟ ଠିକ୍ ଠିକ୍ ବୁଝିବାକୁ ହେଲେ ମନର ଊର୍ଦ୍ଧ୍ୱ ଚେତନାକୁ ଯିବାକୁ ହୁଏ । ବ୍ୟକ୍ତି କେବଳ ଗ୍ରନ୍ଥ ପଢ଼ି ସେଥିରେ ସନ୍ତୁଷ୍ଟ ନ ରହି ସାଧନା କରିବା ଆବଶ୍ୟକ । ଅନ୍ୟଥା ସାଧନା ନ କରି କେବଳ ଗ୍ରନ୍ଥ ବ୍ୟାଖ୍ୟା ଯେତେ ବର୍ଷ କଲେ ମଧ୍ୟ ସେଥିରେ ବ୍ୟକ୍ତିକୁ ଅଧ୍ୟାତ୍ମ-ସିଦ୍ଧି ପ୍ରାପ୍ତ ହୁଏ ନାହିଁ ।

ଶ୍ରୀଅରବିନ୍ଦ କହିଛନ୍ତି, ''ବହୁତ ଗ୍ରନ୍ଥ-ବ୍ୟାଖ୍ୟା ଅପେକ୍ଷା ଅଳ୍ପ ଅର୍ଥାତ୍ ଏକ ବୁନ୍ଦା ସାଧନା ଉତ୍ତମ ।''

ପାଠଚକ୍ର ଉତ୍ତମ ସତ୍‌ସଙ୍ଗ । ଏହା ମନୁଷ୍ୟକୁ ସ୍ୱୀୟ ଲକ୍ଷ୍ୟ-ପ୍ରାପ୍ତିରେ ବହୁତ ସାହାଯ୍ୟ କରିପାରେ ।

ମନୁଷ୍ୟର ସାଧାରଣ ଜୀବନଧାରା କେତେକ ଅର୍ଦ୍ଧ-ସଂଯତ ଭାବନା କାମନା, ପ୍ରତ୍ୟକ୍ଷ ଆବେଗ, ଅନୁଭୂତି ଓ ସଂଭୋଗର ଅର୍ଦ୍ଧକଠିନ ଓ ଅର୍ଦ୍ଧତରଳ ସମ୍ମିଶ୍ରଣ । ଏହିସବୁ ବୃତ୍ତି ବହୁ ଅଂଶରେ ଅଭ୍ୟାସଗତ, ପୁନରାବୃତ୍ତ ଓ ପୌନଃପୁନିକ । ଏମାନଙ୍କର ଗତି ବା ପରିଣତି ଅଳ୍ପ, ଏମାନେ ଆତ୍ମର ବାହ୍ୟ ବ୍ୟକ୍ତ ଅହମିକାକୁ ଚାରି ଦିଗରେ ଘେରି ରହିଅଛନ୍ତି । ମୋଟ ଉପରେ ଏମାନଙ୍କର କ୍ରିୟାବଳୀ ନେଇ ଆସେ ଆଂଶିକ ଆନ୍ତର ବିକାଶ, ଯାହାର କିଛି ଅଂଶ ଏହି ଜୀବନରେହିଁ ଦୃଶ୍ୟମାନ ଓ କାର୍ଯ୍ୟକାରୀ ହୁଏ ଏବଂ ବାକିସବୁ ଜନ୍ମ-ଜନ୍ମାନ୍ତର ପ୍ରଗତିର ବୀଜ ସ୍ୱରୂପ ହୁଏ । ଚେତନସତ୍ତାର ଏକ ବିକାଶ ଓ ପ୍ରସାର, ନିତ୍ୟ ଅଧିକ ଆତ୍ମ-ପ୍ରକାଶ, ଅଙ୍ଗପ୍ରତ୍ୟଙ୍ଗରେ ସୁସଙ୍ଗତ ପରିଣତି,— ଏହାହିଁ ହେଲା ମାନବ-ଜୀବନର ଅର୍ଥ, ଏହାହିଁ ତାହାର ଅସ୍ତିତ୍ୱର ସମଗ୍ର ରହସ୍ୟ । ଭାବନା, ସଂକଳ୍ପ, ଆବେଗ, କାମନା, କର୍ମ ଓ ଅଭିଜ୍ଞତା ଦ୍ୱାରା ଚେତନାର ସାର୍ଥକ ଅଭିବ୍ୟକ୍ତି ନିମିତ୍ତ ମନୋମୟ ମାନବ ଜଡ଼ଦେହକୁ ଆଶ୍ରୟ କରିଅଛି, ସେହି ଅଭିବ୍ୟକ୍ତିର ଚରମ ଲକ୍ଷ୍ୟ ହେଲା ପରମ ଦିବ୍ୟ ଆତ୍ମ-ଆବିଷ୍କାର ।

— ଶ୍ରୀଅରବିନ୍ଦ